ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଗ୍ରାମାଞ୍ଚଳ ବିକାଶ

ପାଠ୍ୟକ୍ରମ -୩
ଗ୍ରାମାଞ୍ଚଳ ସାମାଜିକ ସମସ୍ୟା

## ବ୍ଲକ୍

## ୩ ଗ୍ରାମୀଣ ବେରୋଜଗାରୀ

ପ୍ରଥମ ଏକକ
ଗ୍ରାମୀଣ ଭାରତରେ ବେରୋଜଗାରୀର ପ୍ରକାରଭେଦ

ଦ୍ୱିତୀୟ ଏକକ
ଭାରତରେ ଗ୍ରାମାଞ୍ଚଳର ବେକାରୀ ସମସ୍ୟାର କାରଣ ଏବଂ ପରିଣାମ

ତୃତୀୟ ଏକକ
ସରକାରଙ୍କ ଦ୍ୱାରା ପ୍ରଚଳିତ କରାଯାଇଥିବା ନିଯୁକ୍ତି ଭିତ୍ତିକ କାର୍ଯ୍ୟକ୍ରମର ସଫଳତା ଏବଂ ବିଫଳତା

## ବିଶେଷଜ୍ଞ ପରିଷଦ

| | | | |
|---|---|---|---|
| ୧. | ଶ୍ରୀ ଜଗଦାନନ୍ଦ | ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଏବଂ ସହ ଉଦ୍ୟୋଗୀ, ସି.ୱାଇ ଏସ୍.ଡ଼ି., ଭୁବନେଶ୍ୱର, ଓଡ଼ିଶା | ଅଧ୍ୟକ୍ଷ |
| ୨. | ଡକ୍ଟର ଶ୍ରୁତି ମହାପାତ୍ର | ମୁଖ୍ୟ ନିର୍ବାହୀ, ସ୍ୱାଭିମାନ, ଭୁବନେଶ୍ୱର | ସଭ୍ୟା |
| ୩. | ଡକ୍ଟର ଧର୍ମବ୍ରତ ମହାପାତ୍ର, | ବିଭାଗୀୟ ମୁଖ୍ୟ, ଗ୍ରାମ୍ୟ ବିକାଶ, ସ୍ନାତକୋତ୍ତର ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ | ସଭ୍ୟ |
| ୪. | ଡକ୍ଟର ଏମ୍. ଜି. ବାଗେ | ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଭ୍ୟ |
| ୫. | ଶ୍ରୀମତୀ ଦୀପ୍ତି ରାୟ, | ସହ-ପ୍ରାଧ୍ୟାପିକା, ଗ୍ରାମ୍ୟ ପରିଚାଳନା ବିଭାଗ, ନିଶ୍ୱାସ, ଭୁବନେଶ୍ୱର | ସଭ୍ୟା |
| ୬. | ଡକ୍ଟର ରବିନ୍ଦ୍ର ଗାରାଡ଼େ | ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଭ୍ୟ |
| ୭. | ଡକ୍ଟର ଏସ୍.ଟି. ରେହମାନ | ଶିକ୍ଷଣୀୟ ପରାମର୍ଶଦାତା, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର | ସଂଯୋଜକ |

**ଅନୁବାଦକ : ଡକ୍ଟର ମନୋଜ କୁମାର ରାଉତ**
ଅଧ୍ୟାପକ, ପ୍ରାଣନାଥ ମହାବିଦ୍ୟାଳୟ, ଖୋର୍ଦ୍ଧା ।

**ପାଠ୍ୟ ସମ୍ପାଦକ : ଡକ୍ଟର ବିଳାଶ ଚନ୍ଦ୍ର ମନ୍ତ୍ରୀ**
ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଳଙ୍କରଣ : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଡିଟିପି : ଡକ୍ଟର ମନୋଜ କୁମାର ରାଉତ,** ଅଧ୍ୟାପକ, ପ୍ରାଣନାଥ ମହାବିଦ୍ୟାଳୟ, ଖୋର୍ଦ୍ଧା ।


## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ


© OSOU, 2021. **GRAMINA BEROJAGARI** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ :
# ଗ୍ରାମୀଣ ଭାରତରେ ବେରୋଜଗାରୀର ପ୍ରକାରଭେଦ

## ବିଷୟ ଗଠନ :


୧.୦ ପଠନର ଉଦ୍ଦେଶ୍ୟ

୧.୧ ଉପକ୍ରମ

୧.୨ ବେରୋଜଗାରୀ ପ୍ରକାରଭେଦ

୧.୩ ବେରୋଜଗାରୀ ସମସ୍ୟାର ଚିତ୍ର

୧.୪ ବେରୋଜଗାରୀ ସମସ୍ୟାର ତତ୍ତ୍ୱ

୧.୫ ସାରାଂଶ

୧.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୭ ପ୍ରମୁଖ ଶବ୍ଦାବଳୀ

୧.୮ ସହାୟକ ଗ୍ରନ୍ଥସୂଚୀ


## ୧.୦ ପଠନର ଉଦ୍ଦେଶ୍ୟ

ଏହି ଏକକକୁ ଅଧ୍ୟୟନ କଲା ପରେ ଆପଣ ନିମ୍ନଲିଖିତ ପ୍ରସଙ୍ଗ ଗୁଡ଼ିକ ଉପରେ ଅବଗତ ହେବେ। ସେଗୁଡ଼ିକ ହେଲା, ଯଥା -

- ଭାରତର ଗ୍ରାମାଞ୍ଚଳର ବେକାରୀର ବାସ୍ତବ ଚିତ୍ର।
- ପ୍ରକାର ଭେଦ ଓ ତର୍ଜ୍ଜମା।
- ଐତିହାସିକ ପୃଷ୍ଠଭୂମି ଓ ତତ୍ତ୍ୱ।

## ୧.୧ ଉପକ୍ରମ

ଏକବିଂଶ ଶତାବ୍ଦୀର ଭାରତ ପାଇଁ ପ୍ରମୁଖ ଆହ୍ୱାନ ହେଉଛି ଉତ୍କଟ ବେକାରୀ ସମସ୍ୟା। ଦେଶର ଶିକ୍ଷିତ ଓ ଅଣଶିକ୍ଷିତ ଯୁବକମାନେ କର୍ମସଂସ୍ଥାନ ଅଭାବରୁ ବିଭିନ୍ନ ଅସାମାଜିକ ତତ୍ତ୍ୱରେ ଲିପ୍ତ ରହୁଛନ୍ତି। ଫଳରେ, ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅତି ଜଟିଳ ହେବାକୁ ଯାଉଅଛି। ବେକାରୀ ଏକ ସାମାଜିକ ବ୍ୟାଧି। ଏହି ବ୍ୟାଧି ଯୁବକ ଯୁବତୀମାନଙ୍କ ମଧ୍ୟରେ ହତାଶା, ଅସନ୍ତୋଷ ଓ ନୈରାଶ୍ୟ ଭାବ ଉଦ୍ରେକ କରିଥାଏ। ଯଦି, ଏହି ବ୍ୟାଧିକୁ ସଠିକ୍ ଭାବରେ ନିରାକରଣ ନ କରାଯାଏ, ତା'ହେଲେ ସମାଜ ବ୍ୟବସ୍ଥା କଳୁଷିତ ଓ ପତନମୁଖୀ ହେବ।

ବେକାରୀ ସମସ୍ୟା ସ୍ଥାୟୀ ଭାବରେ ଦ୍ରବ୍ୟ ଏବଂ ସେବା କ୍ଷେତ୍ରରେ କ୍ଷତି ସାଧନ କରେ। ଆର୍ଥିକ ଅନିଶ୍ଚିତତା ସୃଷ୍ଟି କରି ଯୁବକ ଯୁବତୀମାନଙ୍କୁ ଦାରିଦ୍ର୍ୟ ଓ ଋଣଗ୍ରସ୍ତ କରିଥାଏ। ପରିସଂଖ୍ୟାନରୁ ଜଣାଯାଏ, ଦେଶର କେତେକ ରାଷ୍ଟ୍ର ବିରୋଧୀ ତତ୍ତ୍ୱ ବେକାରୀ ସମସ୍ୟା ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ଅଟେ। ଗବେଷଣାରୁ

ଜଣାଯାଏ ପାରିବାରିକ ଅଶାନ୍ତି, ଆତ୍ମହତ୍ୟା, ଶାରୀରିକ ଓ ମାନସିକ ସ୍ତରର ଦୁର୍ବଳ ସ୍ୱାସ୍ଥ୍ୟ, ନିଶାସେବନ, ପୁଷ୍ଟିହୀନତା, ଗୃହଶୂନ୍ୟତା, ପିତାମାତଙ୍କର ଯତ୍ନହୀନତା, ବିଦ୍ୟାଳୟର ନୈରାଶ୍ୟ ଜନକ ଉପସ୍ଥାନ, ଜାତି ଓ ଗୋଷ୍ଠୀଗତ ସଂଘର୍ଷ ଓ ତିକ୍ତତାର ମୂଳ ଆଧାର ହେଉଛି ବେକାରୀ ସମସ୍ୟା, ସମାଜର ବିଭିନ୍ନ ବର୍ଗର ଲୋକମାନେ ମଧ୍ୟ ଏହି ସମସ୍ୟା ଦ୍ୱାରା ପ୍ରଭାବିତ ହୁଅନ୍ତି । ସ୍ୱଳ୍ପ ଶିକ୍ଷିତ ଓ ସଂଖ୍ୟା ଲଘୁ ଶ୍ରେଣୀର ଯୁବକ ଯୁବତୀମାନେ ଏହି ସମସ୍ୟା ଦ୍ୱାରା ଶତକଡ଼ା ୨ରୁ ୧୦ଗୁଣା ରାଷ୍ଟ୍ରୀୟ ପରିସଂଖ୍ୟାନ ଅନୁସାରେ ଅଧିକ ପ୍ରଭାବିତ ହୋଇଥାଆନ୍ତି ।

ଅର୍ଥଶାସ୍ତ୍ରୀ Forstaterଙ୍କ ମତରେ ବେକାରୀ ସମସ୍ୟା ମଧ୍ୟ ଔଦୋଗିକ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରେ । ଫଳରେ ବେସରକାରୀ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ସ୍ଥାଣୁତା ସହ, ଚାହିଦା ହ୍ରାସ ଓ ବୈଷୟିକ କ୍ଷେତ୍ରରେ ମଧ୍ୟ ନକରାତ୍ମକ ପ୍ରଭାବ ପକାଇଥାଏ । ବିଶିଷ୍ଟ ଦାର୍ଶନିକ କାଲମାର୍କ୍ସଙ୍କ ମତରେ ଉଦ୍ୟୋଗିକ କ୍ଷେତ୍ରରେ ବୈଷୟିକ ଜ୍ଞାନର ବ୍ୟାପକ ପ୍ରୟୋଗ ଫଳରେ ଉଦ୍ୟୋଗପତି ମାନଙ୍କର ସମ୍ବଳ ବୃଦ୍ଧି ହେବା ବେଳେ ଶ୍ରମଶକ୍ତିର ହ୍ରାସ ଘଟେ । ଫଳରେ ବେକାରୀ ସମସ୍ୟା ସହ ଶ୍ରମିକମାନଙ୍କର ମୂଲଚାଲ ଶକ୍ତି ନିମ୍ନଗାମୀ ହୁଏ ଓ ସ୍ୱଳ୍ପ ମଜୁରୀରେ ଶ୍ରମିକମାନେ ନିଯୁକ୍ତି ହୋବକୁ ବାଧ୍ୟ ହୁଅନ୍ତି । ବେକାରୀ ସମସ୍ୟା ଶ୍ରମିକମାନଙ୍କର ଦକ୍ଷତାକୁ ହ୍ରାସ କରିବା ସହ ଉତ୍ପାଦନ କ୍ଷେତ୍ରକୁ ନକରାତ୍ମକ ଢଙ୍ଗରେ ପ୍ରଭାବିତ କରେ । ତାଙ୍କ ମତରେ 'ବେକାରୀ ସମସ୍ୟା ପୁଞ୍ଜିବାଦୀ ବ୍ୟବସ୍ଥାର ଏକ ପ୍ରାକୃତିକ ଉତ୍ପାଦନ ।' ଏହା ଦ୍ୱାରା ପ୍ରଥମତଃ ଶିଳ୍ପପତିମାନଙ୍କର ଆବଶ୍ୟକତା ଅନୁସାରେ ଶ୍ରମିକମାନେ ନିଯୁକ୍ତି ପାଇଥାନ୍ତି । ଦ୍ୱିତୀୟତଃ ଶ୍ରମିକମାନେ ଭୟଭୀତ ହୋଇ ଅତି ନରମ ଓ ଶୃଙ୍ଖଳିତ ଢଙ୍ଗରେ ଅଧିକ ପରିଶ୍ରମ କରନ୍ତି । କାରଣ କଳକାରଖାନାରୁ ଛଟେଇ ହେବାର ଆଶଙ୍କାର ଭୂତ ସର୍ବଦା ସେମାନଙ୍କୁ ଗ୍ରାସ କରିଥାଏ । ତୃତୀୟତଃ ସେମାନଙ୍କର ମାଲିକଙ୍କ ପାଖରେ ମୂଲଚାଲ କରିବାର ଶକ୍ତି ହ୍ରାସ ପାଇଥାଏ । ତେଣୁ, ଅଧିକ ପରିଶ୍ରମ କରି ସ୍ୱଳ୍ପ ଦରମାରେ ଶୃଙ୍ଖଳିତ ସୈନିକ ଭାବରେ ଜୀବନ ଅତିବାହିତ କରନ୍ତି । ବେକାରୀମାନଙ୍କୁ ସୁରୁଖୁରୁରେ ସ୍ୱଳ୍ପ ମଜୁରୀ ଓ ବିନା ପ୍ରତିରୋଧରେ ପୁଞ୍ଜିବାଦୀ ବ୍ୟବସ୍ଥା କାର୍ଯ୍ୟ କରାଇବାର ଆଧାର ଅଟେ । କେବଳ ଆର୍ଥିକ ଅଭିବୃଦ୍ଧି ମାଧ୍ୟମରେ ବେକାରୀ ସମସ୍ୟାର ସମାଧାନ ହୁଏ ନାହିଁ । ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓଡ଼ିଆ ଅର୍ଥବିଶାରଦ ପ୍ରଫେସର ପ୍ରଭାତ ପଟ୍ଟନାୟକଙ୍କ ମତରେ "ଉଚ୍ଚ ଅଙ୍କର ସମାଧାନ କିମ୍ବା ମୂଳ ଉତ୍ପାଦନ ପାଇଁ ଆର୍ଥିକ ଅଭିବୃଦ୍ଧି ବେକାରୀ ସମସ୍ୟାର ପର୍ଯ୍ୟାପ୍ତ ଓ ବାସ୍ତବ ବ୍ୟବସ୍ଥା ନୁହେଁ । ତେଣୁ ପ୍ରାକ୍ ଆର୍ଥିକ ଅଭିବୃଦ୍ଧି ସମୟରେ ପରିଲକ୍ଷିତ ଅଭିବୃଦ୍ଧିର ଉଦ୍ଦେଶ୍ୟ ଓ ନିଯୁକ୍ତି ମଧ୍ୟ ଦ୍ୱନ୍ଦାତ୍ମକ ଭାବ ସୃଷ୍ଟି ହେଉଅଛି । ଗୋଟିଏ ତ୍ୱରିତ ଆର୍ଥିକ ଅଭିବୃଦ୍ଧି ମାଧ୍ୟମରେ ଦେଶରେ ବେକାରୀ ସମସ୍ୟା ସମାଧାନର ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରାଯାଇପାରିବ ନାହିଁ । ଭାରତର ସାମ୍ପ୍ରତିକ ଆର୍ଥିକ ପରିସ୍ଥିତିକୁ ଗଭୀର ଭାବରେ ଅନୁଶୀଳନ କରି ପ୍ରଫେସର ପଟ୍ଟନାୟକ ସଠିକ୍ ଭାବରେ ମତ ପ୍ରଦାନ କରିଥିଲେ ।

ଭାରତରେ ବେକାରୀରକୁ ଚିରାଚରିତ ଛଦ୍ମବେଶୀ ବେକାରୀ ଭାବରେ ବିବେଚନା କରାଯାଏ । ଉଭୟ ବେକାରୀ ଏବଂ ଦାରିଦ୍ର୍ୟ ଦୂରୀକରଣ କରିବା ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ହେଲା ଯଥା – ବ୍ୟକ୍ତିଗତ ସ୍ତରରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ପ୍ରଦାନ ଏବଂ ସରକାରୀ କ୍ଷେତ୍ରରେ ସଂରକ୍ଷଣ । ଫଳରେ ନିକଟ ଦଶନ୍ଧିରେ ଗ୍ରାମାଞ୍ଚଳରୁ ଲକ୍ଷ ଲକ୍ଷ ଦରିଦ୍ର ଓ ଅଣ-କୁଶଳୀ ଶ୍ରମିକମାନେ ନିଜର ଜୀବନ ଜୀବିକା ପାଇଁ ଗ୍ରାମାଞ୍ଚଳରୁ ସହରାଭିମୁଖୀ ହେଉଛନ୍ତି । ବର୍ତ୍ତମାନ ଉଦାରୀକରଣ ଫଳରେ ସରକାରୀ

ଉଦ୍ୟୋଗ ଗୁଡ଼ିକ ଅଧିକ କର୍ମନିଯୁକ୍ତି ପାଇଁ ସକ୍ଷମ ହେଉନାହିଁ । ତେଣୁ, ଏ ଦିଗରେ ସଂସ୍କାର ହେବା ଆବଶ୍ୟକ । ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ର ଗୁଡ଼ିକ ତୁଳନାରେ ଭାରତର ଶ୍ରମ ଆଇନ୍ ଅତ୍ୟନ୍ତ ଜଟିଳ ହୋଇଥିବାରୁ ଅଧିକ ନିଯୁକ୍ତି ପାଇଁ ସକରାତ୍ମକ ପରିବେଶ ସୃଷ୍ଟି ହେଉନାହିଁ । ତେଣୁ, ସରକାର ଏହି ଆଇନ୍ ଗୁଡ଼ିକୁ ତର୍ଜମା କରି ଅଧିକ ସରଳ କଲେ ଦେଶରେ ନିଯୁକ୍ତିର ସମ୍ଭାବନା ଓ ସମ୍ଭାର ଉଜ୍ଜ୍ୱଳ ହେବ ।

ବି. ହଜାରୀ ଏବଂ ଜେ.କ୍ରିଷ୍ଣମୂର୍ତ୍ତିଙ୍କ ମତରେ ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ମଧ୍ୟରେ ମହାଲାନୋବୀ କୌଶଳ ଯୋଗୁଁ ସୃଷ୍ଟି ହୋଇଥିବା ଦ୍ୱନ୍ଦ ଭାରତର ପ୍ରଗତି ଉପରେ ନକରାତ୍ମକ ପ୍ରଭାବ ପ୍ରାୟତଃ ଦୁଇ ଦଶନ୍ଧି ଧରି ଅନୁଭୂତ ହୋଇ ଆସୁଅଛି । ଅଧିକନ୍ତୁ (୧୯୭୮-୮୩) ମସିହାର ପଞ୍ଚବାର୍ଷିକ ଯୋଜନାରେ ସରକାର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ବେକାରୀ ସମସ୍ୟାର ଆଶୁ ସମାଧାନ ଉପରେ ଯୋଜନାମାନ ପ୍ରସ୍ତୁତ କରିଥିଲେ । ୧୯୯୧ ମସିହାର ଜଗତୀକରଣ ପରେ ସରକାର ଗ୍ରହଣ କରିଥିବା ଉଦାରବାଦୀ ଅର୍ଥନୀତି ମାଧ୍ୟମରେ ଆର୍ଥିକ ଅଭିବୃଦ୍ଧିର ହାରକୁ ତ୍ୱରାନ୍ୱିତ କରି ନିଯୁକ୍ତି ଏବଂ ଅଭିବୃଦ୍ଧି କ୍ଷେତ୍ରରେ ସମ୍ଭାବ୍ୟ ଦ୍ୱନ୍ଦକୁ ସମାଧାନ ପାଇଁ ପ୍ରୟାସ କରିଥିଲେ ।

ବର୍ତ୍ତମାନ ଭାରତର ଅଭିବୃଦ୍ଧି ହାର ବହୁଳ ଭାବରେ ମଧ୍ୟ କର୍ମ ସଂସ୍ଥାନକୁ ବାଧା ପ୍ରାପ୍ତ କରଛି । ପରିସଂଖ୍ୟାନରୁ ଜଣାଯାଏ ୧୯୯୦ ଦଶକ ମଧ୍ୟ ଭାଗରେ ଏବଂ ଏକବିଂଶ ଦଶକର ପ୍ରଥମ ଦଶନ୍ଧିରେ ଦେଶରେ ବେକାରୀ ସଂଖ୍ୟା ବୃଦ୍ଧି ପାଇଅଛି ।

ଆନ୍ତର୍ଜାତିକ ଶ୍ରମ ସଙ୍ଗଠନ (ILO)ର ବେକାରୀର ସଂଜ୍ଞା ହେଲା, ଯେଉଁମାନେ କର୍ମସଂସ୍ଥାନରୁ ବଞ୍ଚିତ ହୁଅନ୍ତି, କାମ ସନ୍ଧାନରେ ଦ୍ୱାର ଦ୍ୱାର ବୁଲନ୍ତି, ପୂର୍ବ ଚାରି ସପ୍ତାହ ଧରି କର୍ମସଂସ୍ଥାନ ପାଇଁ ଅନୁସନ୍ଧାନିତ ହୁଅନ୍ତି, ପରବର୍ତ୍ତୀ ଦୁଇ ସପ୍ତାହ ମଧ୍ୟରେ କାମ ପାଇଁ ପ୍ରସ୍ତୁତ ହୁଅନ୍ତି, ଅଥବା କର୍ମସଂସ୍ଥାନରୁ ବାହାରେ ରୁହନ୍ତି ଏବଂ ପରବର୍ତ୍ତୀ ଦୁଇ ସପ୍ତାହ ମଧ୍ୟରେ ଅପେକ୍ଷାରତ କାମରେ ଯୋଗ ଦିଅନ୍ତି ।

ILOର ସଂଜ୍ଞା ଅନୁସାରେ ବେକାରୀର ଅର୍ଥ ହେଉଛି -

୧. ଯେଉଁ ବ୍ୟକ୍ତି ଚାରି ସପ୍ତାହ ଧରି କର୍ମସଂସ୍ଥାନରୁ ବାହାରେ ରହିଥିବେ ।

୨. ପରବର୍ତ୍ତୀ ଦୁଇ ସପ୍ତାହ ମଧ୍ୟରେ ସେ କାମ ପାଇଁ ପ୍ରସ୍ତୁତ ଥିବେ ।

୩. ଶ୍ରମିକମାନେ କେବଳ ସପ୍ତାହକୁ ମାତ୍ର ଏକ ଘଣ୍ଟା କାମ କରୁଥିବେ ଓ ବେକାରୀ ଜନିତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବେ । ILOର ଏହି ଗଣନା ସଂଜ୍ଞା ଅନୁସାରେ ଭାରତ ବେକାରୀ ସଂଖ୍ୟା ଅଧିକ ଅଛନ୍ତି ।

ବିଶେଷଜ୍ଞଙ୍କ ମତରେ ଆର୍ଥିକ ମାନ୍ଦାବସ୍ଥା ଓ ବ୍ୟବସାୟୀକ ସ୍ଥାଣୁତା ଭାରତର ନିଯୁକ୍ତି କ୍ଷେତ୍ରରେ ନକରାତ୍ମକ ପ୍ରଭାବ ପକାଉ ଅଛି । ILOର ରିପୋର୍ଟ ଅନୁସାରେ ଭାରତର ବେକାରୀ ହାର ଶେଷ ଦୁଇବର୍ଷ ଧରି ଅତି ଉଦ୍‌ବେଗ ଜନକ ଭାବରେ ବୃଦ୍ଧି ପାଉଅଛି, ଯାହାକି ଶତକଡ଼ା ୩.୫ ଅଟେ ।

Ritu Mehrotra, VP Global HR and Talent Management of Bristlecone (ମହେନ୍ଦ୍ର ଶିଳ୍ପ ଗୋଷ୍ଠୀର ଗୋଟଏ ଅଂଶ)ଙ୍କ ମତରେ ଶ୍ରମିକମାନେ ସହରାଭିମୁଖୀ ହେଉଥିବାରୁ ଗ୍ରାମାଞ୍ଚଳରେ ବେକାରୀ ହାର ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଉଅଛି। ତାଙ୍କ ମତରେ ସରକାର ଦକ୍ଷତା ବିକାଶ ଏବଂ ବିତରଣ ମଧ୍ୟରେ ସମସ୍ୟାକୁ ସମାଧାନ କରିବାକୁ ହେଲେ କୌଶଳ ବୃଦ୍ଧି ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଫଳରେ ବେକାରୀ ସମସ୍ୟା ପାଇଁ ଏକ ଦୀର୍ଘମିଆଦୀ ସମାଧାନ ବାହାରି ପାରିବ। ଭାରତର ବେକାରୀ ହାର ୨୦୧୧ ମସିହାରେ ଶତକଡ଼ା ୩.୫ ଥିବାବେଳେ ଏହା ବୃଦ୍ଧି ପାଇଁ ୨୦୧୨ ମସିହାରେ ଶତକଡ଼ା ୩.୬ ଏବଂ ୨୦୧୩ରେ ଶତକଡ଼ା ୩.୮ରେ ପହଞ୍ଚି ଥିଲା। ଏହି ଧାରା କ୍ରମାଗତ ଭାବରେ ପ୍ରତିବର୍ଷ ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଉଅଛି। (Global Employment Trends, 2014ର ତଥ୍ୟ।)

ILOର ତଥ୍ୟ ଅନୁସାରେ ଭାରତର ବେକାରୀ ସଂଖ୍ୟା ୨୦୦୪-୦୫ ମସିହାରୁ ୨୦୦୯-୧୦ ମସିହା ମଧ୍ୟରେ ୧.୧ ନିୟୁତକୁ ବୃଦ୍ଧି ପାଉଅଛି। ଏହି ସମୟରେ ନିଯୁକ୍ତିର ହାର ଶୂନ୍ୟ ଥିଲା। (National Sample Surveyର ଆକଳନ ଉପରେ ପର୍ଯ୍ୟବେଶିତ।)

ଅଧିକନ୍ତୁ, ୨୦୦୯-୧୦ ମସିହାରୁ ୨୦୧୧-୧୨ ମସିହା ମଧ୍ୟରେ ନିଯୁକ୍ତିର ହାର ବୃଦ୍ଧି ପାଇ ୧୩.୯ ନିୟୁତରେ ପହଞ୍ଚି ଥିଲା। (ଏହି ନିଯୁକ୍ତି କେବଳ ଅନୌପଚାରିକ ଅର୍ଥନୀତି ଉପରେ ପର୍ଯ୍ୟବେଶିତ ଥିଲା।)

## ୧.୨ ବେରୋଜଗାରୀର ପ୍ରକାରଭେଦ

ସମାଜବିଜ୍ଞାନୀମାନେ ସାମାଜିକ ବ୍ୟବସ୍ଥାର ବିଭିନ୍ନ ଦିଗକୁ ବିଶ୍ଳେଷଣ କରନ୍ତି। ପ୍ରସିଦ୍ଧ ସମାଜବିଜ୍ଞାନୀ C. Wright Mills ଙ୍କ ମତରେ "ଯଦି ଜଣେ ଲୋକ ବେକାରୀ ହୁଏ, ତା'ହେଲେ ଏହାକୁ ବ୍ୟକ୍ତିଗତ ସମସ୍ୟା କୁହାଯାଇପାରିବ, କିନ୍ତୁ ଯଦି ଏକ ହଜାର ଲୋକ ବେକାର ହୁଅନ୍ତି ଏହା ଏକ ସାମାଜିକ ସମସ୍ୟାକୁ ରୂପାନ୍ତରିତ ହେବ।" ତେଣୁ, ସମାଜବିଜ୍ଞାନୀମାନେ ଏହି ସମସ୍ୟାର କାରଣକୁ ଅତି ଗଭୀର ଭାବରେ ମୂଳରୁ ବିଶ୍ଳେଷଣ କରନ୍ତି ଯାହା ଉପରେ କି ସାମାଜିକ ବ୍ୟବସ୍ଥା ସଙ୍ଗଠିତ ଓ ପରିଚାଳିତ ହୋଇଥାଏ।

ଆଜିର ଆଧୁନିକ ସମାଜରେ ବେକାରୀର ପ୍ରକାରଭେଦକୁ ନଅ ଭାଗରେ ବିଭକ୍ତ କରାଯାଏ। ସେଗୁଡ଼ିକ ହେଲା, ଯଥା ;-

୧. ସ୍ୱେଚ୍ଛାକୃତ ଓ ଅନଭିପ୍ରେତ ବେକାରୀ
୨. ପ୍ରତିରୋଧ ବେକାରୀ
୩. ସାମୟିକ ବେକାରୀ
୪. ଋତୁକାଳୀନ ବେକାରୀ
୫. ସଞ୍ଚାଳନ ବେକାରୀ
୬. ବୈଷୟିକ ବେକାରୀ
୭. ଚକ୍ରୀୟ ବେକାରୀ

୮. ଚିରାଚରିତ ବେକାରୀ

୯. ଛଦ୍ମବେଶୀ ବେକାରୀ

**୧. ସ୍ୱେଚ୍ଛାକୃତ ଏବଂ ଅନଭିପ୍ରେତ ବେକାରୀ :**

ଯେତେବେଳେ ଜଣେ ଲୋକ ନିଜର ପସନ୍ଦ ଅନୁସାରେ ନିଯୁକ୍ତି ପାଇବାକୁ ଅକ୍ଷମ ହୁଏ ତାହାକୁ ସ୍ୱେଚ୍ଛାକୃତ ବେକାରୀ କୁହାଯାଏ। ନିଯୁକ୍ତିର ସମ୍ଭାବନା ଥିଲେ ହେଁ ଏହି ସମସ୍ୟା ସୃଷ୍ଟି ହୁଏ। ବେଳେ ବେଳେ ଲୋକମାନେ ଆଶା କରୁଥିବା ମଜୁରୀ କିମ୍ବା ମନ ପସନ୍ଦର କାମଧନ୍ଦା ନ ପାଇଲେ କର୍ମକ୍ଷେତ୍ରରେ ଯୋଗ ଦେବା ପାଇଁ ଅନିଚ୍ଛା ପ୍ରକାଶ କରନ୍ତି। ଏହି ପ୍ରକାରର ବେକାରୀ ମାନବ ସମ୍ବଳର ଅପଚୟ ହୋଇପାରେ କିନ୍ତୁ, ଏକ ଗୁରୁତର ଆର୍ଥିକ ସମସ୍ୟା କିମ୍ବା ସାମାଜିକ କୁପ୍ରଭାବ ସୃଷ୍ଟି କରେ ନାହିଁ।

ଯଦି ଜଣେ କୁଶଳୀ ବ୍ୟକ୍ତି ପ୍ରଚଳିତ ମଜୁରୀରେ କାମ କରିବାକୁ ଇଚ୍ଛୁକ ଥିଲେ ମଧ୍ୟ କାମଧନ୍ଦାରୁ ବଞ୍ଚିତ ହୁଏ ତାହାକୁ ଅନଭିପ୍ରେତ ବେକାରୀ କୁହାଯାଏ। ଏହି ପ୍ରକାର ବ୍ୟକ୍ତିମାନେ ହେଲେ (କ) ଶାରୀରିକ ଏବଂ ମାନସିକ ସ୍ତରରେ କାମ କରିବାକୁ ସକ୍ଷମ ଥାଆନ୍ତି ଏବଂ (ଖ) ପ୍ରଚଳିତ ମଜୁରୀରେ କାମ କରିବାକୁ ମନସ୍ଥ ଥିଲେ ହେଁ ସେଥିରୁ ବଞ୍ଚିତ ହୁଅନ୍ତି। ତେଣୁ ସେମାନଙ୍କର ବେକାରୀକୁ ସ୍ୱେଚ୍ଛାକୃତ କୁହାଯାଇନପାରେ। କାରଣ ସେମାନଙ୍କୁ ଇଚ୍ଛା ଅନୁସାରେ ନିଯୁକ୍ତି ମିଳେ ନାହିଁ। ଏହି ପ୍ରକାରର ବେକାରୀ ଚାହିଦାର ନକରାତ୍ମକ ଦିଗ ଅଟେ। ମଜୁରୀରେ ଅସଙ୍ଗତି କିମ୍ବା ସ୍ୱଳ୍ପ ମଜୁରୀ ହେତୁ ଏହି ସମସ୍ୟା ସୃଷ୍ଟି ହୁଏ। ବାସ୍ତବରେ ଯଦି ଏହି ପ୍ରକାରର ବେକାରୀ ସୃଷ୍ଟି ହୁଏ, ତା'ହେଲେ ଦେଶର ଅର୍ଥନୀତି ଚଳ ଚଞ୍ଚଳ ହୋଇପାରେ ନାହିଁ କିମ୍ବା ଅର୍ଥନୀତିରେ ଭାରସାମ୍ୟ ରହେ ନାହିଁ। ଅନ୍ୟପକ୍ଷରେ ଏହାକୁ ଅଣ-ଭାରସାମ୍ୟ ଅର୍ଥନୀତି କୁହାଯାଏ।

**୨. ପ୍ରତିରୋଧ ବେକାରୀ :**

ଏହା ଏକ ସାମୟିକ ପ୍ରକ୍ରିୟା ଯାହାକି ଏହା ବିଭିନ୍ନ ରୂପରେ ପରିଲକ୍ଷିତ ହୁଏ। ଯେତେବେଳେ ଜଣେ ଶ୍ରମିକ କର୍ମସଂସ୍ଥାନର ପରିବର୍ତ୍ତନ ଅବାଧିରେ ସାମୟିକ ଭାବରେ ବେକାରୁ ହୁଏ ତାହାକୁ ପ୍ରତିରୋଧ ବେକାରୀ କୁହାଯାଏ। ଧର୍ମଘଟ ଏବଂ ତାଲା ବନ୍ଦ ସମୟରେ ଶ୍ରମିକମାନେ ସାମୟିକ ଭାବରେ କାମଧନ୍ଦାରୁ ବଞ୍ଚିତ ହୁଅନ୍ତି। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଶ୍ରମିକମାନେ ଗଲା ପରେ ମଧ୍ୟ ଏହି ପରିସ୍ଥିତି ସୃଷ୍ଟି ହୁଏ। ଭୌଗୋଳିକ କିମ୍ବା ବୃତ୍ତିଗତ କାରଣରୁ ଶ୍ରମିକମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ କଲେ ମଧ୍ୟ ଏହି ପ୍ରକାର ବେକାରୀ ସୃଷ୍ଟି ହୁଏ। "According to economists like keynec and Lerner Frictional un-employment is a kind of un-employment, which is quite consistent with the condition of full employment in an economy." କାମର ଆବଶ୍ୟକତାକୁ ପୂରଣ କରିବା ପାଇଁ ଶ୍ରମ ଶକ୍ତିର ଅଭାବ ଜନିତ କାରଣରୁ ଏହି ବେକାରୀ ସୃଷ୍ଟି ହୁଏ। ତେଣୁ, ଏହି ସମସ୍ୟାର ସମାଧାନ କରିବାକୁ ହେଲେ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗୁଡ଼ିକ ଗ୍ରହଣ କରିବାକୁ ହେବ, ସେଗୁଡ଼ିକ ହେଲା, ଯଥା - ନିଯୁକ୍ତିର ସୁଯୋଗ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ, ନିଯୁକ୍ତି ମାଧ୍ୟମରେ ଚାକିରୀ ଗୁଡ଼ିକ ପଞ୍ଜିକୃତ, ଗମନା ଗମନର ଅଭିବୃଦ୍ଧି ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ।

### ୩. ସାମୟିକ ବେକାରୀ :

କୋଠାବାଡ଼ି ନିର୍ମାଣ କାର୍ଯ୍ୟ, ଖାଦ୍ୟ ପରିବେଷଣ ଓ କୃଷିକ୍ଷେତ୍ର ପରି କେତେକ କ୍ଷେତ୍ରରେ ଶ୍ରମିକମାନେ ଦୈନିକ ମଜୁରୀ ହିସାବରେ ସାମୟିକ ଭାବରେ ନିଯୁକ୍ତି ପାଇଥାନ୍ତି। ସେମାନଙ୍କର ନିଯୁକ୍ତି ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଏବଂ ଯେକୌଣସି ସମୟରେ କାର୍ଯ୍ୟରୁ ଅନ୍ତର ହୋଇପାରନ୍ତି। ଏହି ପରିସ୍ଥିତିରେ ସମ୍ପୃକ୍ତ କ୍ଷେତ୍ରରେ ନିଯୁକ୍ତି ଶ୍ରମିକମାନେ ନିଜର ଜୀବନ ଜୀବିକା ପାଇଁ ଅନ୍ୟ ସଂସ୍ଥାରେ ମଧ୍ୟ ସାମୟିକ ଭାବରେ କାର୍ଯ୍ୟ କରନ୍ତି କିମ୍ବା ପୂର୍ବ ସଂସ୍ଥାରେ ଆବଶ୍ୟକ ଅନୁସାରେ ମଧ୍ୟ ସେମାନଙ୍କର ନିଯୁକ୍ତିର ସୁଯୋଗ ମିଳିଥାଏ। ସେହିପରି ବନ୍ଦର ଗୁଡ଼ିକର ମାଲ୍ ବୋଝେଇ ଏବଂ ଖଲାସ ପାଇଁ ମଧ୍ୟ ସାମୟିକ ଶ୍ରମିକମାନଙ୍କୁ ନିଯୁକ୍ତି ମିଳିଥାଏ। ଏହି କ୍ଷେତ୍ର ପରି ଚଳଚ୍ଚିତ୍ର ଶିଳ୍ପରେ ମଧ୍ୟ କଳାକାରମାନଙ୍କୁ ସାମୟିକ ଭାବରେ ନିଯୁକ୍ତି ମିଳିଥାଏ। ଉଭୟ କ୍ଷେତ୍ରରେ କାମ ସରିଲା ପରେ ଏହି ଶ୍ରମିକ ଓ କଳାକାରମାନେ ଛଟେଇ ହୋଇଥାଆନ୍ତି। ତେଣୁ, ଏହି ସାମୟିକ ବେକାରୀ ସମସ୍ୟାର ବିଧିବଦ୍ଧ ସମାଧାନ ପାଇଁ କୌଣସି ନୀତି ନିର୍ଦ୍ଧାରଣ କରିବା ଏକ କଷ୍ଟକର ବ୍ୟାପାର ଅଟେ।

### ୪. ଋତୁଜନିତ ବେକାରୀ

କେତେକ ଶିଳ୍ପ ସଂସ୍ଥା, କୃଷିକ୍ଷେତ୍ର ଓ କୃଷି ଜନିତ ଉଦ୍ୟୋଗ (ଚିନିକଳ ଓ ଧାନକଳ) ଶ୍ରମିକମାନଙ୍କୁ ଋତୁ ଅନୁସାରେ ସାମୟିକ ଭାବରେ ନିଯୁକ୍ତି ଦିଆଯାଇଥାଏ। କାରଣ ଏହି କ୍ଷେତ୍ର ଗୁଡ଼ିକରେ ଉତ୍ପାଦନ ସମ୍ପୂର୍ଣ୍ଣ ଭାବରେ ଋତୁଚକ୍ର ସହ ସଂଶ୍ଳିଷ୍ଟ। ତେଣୁ, ଗୋଟିଏ ବର୍ଷରେ ନିର୍ଦ୍ଦିଷ୍ଟ ଋତୁରେ ଆବଶ୍ୟକତା ଅନୁସାରେ ଶ୍ରମିକମାନେ ଏହି ସଂସ୍ଥା ଗୁଡ଼ିକରେ ନିଯୁକ୍ତି ପାଇଥାଆନ୍ତି। ଉଦାହରଣସ୍ୱରୂପ ଚିନିକଳ ଗୁଡ଼ିକରେ ଶ୍ରମିକମାନଙ୍କୁ ଛଅ ମାସ ପର୍ଯ୍ୟନ୍ତ ନିଯୁକ୍ତି ମିଳିଥିବା ବେଳେ, ଧାନକଳରେ ମାତ୍ର କିଛି ସପ୍ତାହ ପାଇଁ ନିଯୁକ୍ତିର ଆବଶ୍ୟକତା ରହିଥାଏ। ସେହିପରି କୃଷି କ୍ଷେତ୍ରରେ ମଧ୍ୟ ଋତୁ ଅନୁସାରେ ହଳ, ବିହନ ବୁଣା ଓ କଟା ପାଇଁ ସାମୟିକ ଭାବରେ ଶ୍ରମିକମାନଙ୍କୁ ନିଯୁକ୍ତି ମିଳିଥାଏ। ଋତୁ ଚକ୍ରର ପରିବର୍ତ୍ତନ ସହ ନିଯୁକ୍ତି କ୍ଷେତ୍ର ମଧ୍ୟ ସଙ୍କୁଚିତ ହୁଏ ଏବଂ ସମ୍ପୃକ୍ତ ଶ୍ରମିକମାନେ ବେରୋଜଗାରୀ ହୁଅନ୍ତି। ଏହାକୁ 'ଋତୁଜନିତ ବେକାରୀ' କୁହାଯାଏ। ଏପରିକି ନିଜ କ୍ଷେତ୍ରରେ କର୍ମରତ ଶ୍ରମିକମାନେ ମଧ୍ୟ କୃଷି ଜନିତ ଋତୁରେ ବେକାରୀ ହୁଅନ୍ତି।

ଯେକୌଣସି ଉନ୍ନତ ଓ ଅନୁନ୍ନତ ରାଷ୍ଟ୍ର ଗୁଡ଼ିକରେ ଏହି ଋତୁଗତ ବେକାରୀ ପରିଲକ୍ଷିତ ହୁଅନ୍ତି। ଶିଳ୍ପକ୍ଷେତ୍ର ହେଉ ବା କୃଷିକ୍ଷେତ୍ର ହେଉ ଋତୁକାଳୀନ ପୁଞ୍ଜି ବିନିଯୋଗ ଯୋଗୁଁ ହିଁ ଉତ୍ପାଦନ ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ ଏବଂ ନିଯୁକ୍ତିର ସଞ୍ଚାର ସୃଷ୍ଟି ହୁଏ। ତେଣୁ, ଶ୍ରମଶକ୍ତିର ଆବଶ୍ୟକତାକୁ ନେଇ ନିଯୁକ୍ତି ପ୍ରଦାନ କରାଯାଏ। ଅନୁନ୍ନତ ରାଷ୍ଟ୍ର ଗୁଡ଼ିକର ପୁଞ୍ଜିର ଉତ୍ସ ନୈରାଶ୍ୟଜନକ ଥିବାରୁ ନିଯୁକ୍ତିର କ୍ଷେତ୍ର ସମ୍ପ୍ରସାରିତ ହୋଇପାରେନାହିଁ। ତେଣୁ କୃଷିକ୍ଷେତ୍ରକୁ ଚଳ ଚଞ୍ଚଳ କରିବାକୁ ହେଲେ ଚାଷ ଜମିକୁ ସମ୍ପୂର୍ଣ୍ଣ ଭାବେ ଜଳସେଚନ ସହ ବ୍ୟାପକ ବୈଷୟିକ ଜ୍ଞାନର ପ୍ରୟୋଗ, ଯନ୍ତ୍ର ଓ ସାରର ବ୍ୟବହାର ଗୁରୁତ୍ୱପୂର୍ଣ୍ଣ। ଫଳରେ ଚାଷ ଜମି ବ୍ୟାପକ ଉତ୍ପାଦନକ୍ଷମ ହେବା ସହିତ ଦ୍ୱୈତ ଚାଷ, ସଘନ କୃଷ ଓ ମରୁଭୂମିକୁ ମଧ୍ୟ ଚାଷ ଉପଯୋଗୀ କରାଯାଇ ବର୍ଷ ସାରା ଶ୍ରମିକମାନଙ୍କୁ କାମଧନ୍ଦା ଯୋଗାଇ ହେବ। ଫଳରେ ଦେଶର ଆର୍ଥିକ ବ୍ୟବସ୍ଥାର ଅଭିବୃଦ୍ଧି ସହ ବେକାରୀ ସମସ୍ୟା ମଧ୍ୟ ଲାଘବ ହୋଇପାରିବ। ଏହା ସହିତ କୁଟୀର ଶିଳ୍ପକୁ ପ୍ରୋତ୍ସାହନ ସହ ସାମାଜିକ ସହବନ୍ଧିତ ପ୍ରକଳ୍ପ (ରାସ୍ତା ଓ କୋଠା ନିର୍ମାଣ, ଜଳସେଚନ ପ୍ରକଳ୍ପ)ରେ ଅଧିକ ପୁଞ୍ଜି ବିନିଯୋଗ କଲେ 'ଋତୁକାଳୀନ ବେକାରୀ' ସମସ୍ୟା ସମାଧାନ ହୋଇପାରିବ।

## ୫. ଢାଞ୍ଚାଗତ ବେକାରୀ

କୌଣସି ଦେଶର ଆର୍ଥିକ ଚିତ୍ରର ପରିବର୍ତ୍ତନ ହେଲେ ଯେଉଁ ବେକାରୀ ସମସ୍ୟା ପରିଲକ୍ଷିତ ହୁଏ ତାହାକୁ ଢାଞ୍ଚାଗତ ବେକାରୀ କୁହାଯାଏ। ନିର୍ଦ୍ଦିଷ୍ଟ ଶିଳ୍ପସଂସ୍ଥାରେ ଉତ୍ପାଦନ ହ୍ରାସ ଘଟିଲେ ପୁଞ୍ଜି ବିନିଯୋଗ ମଧ୍ୟ ହ୍ରାସ ପାଏ। ଫଳରେ ଶ୍ରମିକମାନେ ଜୀବିକା ହରାଇ ଥାଆନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ନୂତନ ଉଦ୍‌ଭାବନ ଯୋଗୁଁ ଶିଳ୍ପ ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ମଣିଷ ବଦଳରେ ମେସିନ୍‌ର ବ୍ୟାପକ ବ୍ୟବହାର ଫଳରେ ଶ୍ରମିକମାନଙ୍କର ଆବଶ୍ୟକତା ହ୍ରାସ ପାଇଥାଏ। ଉଦାହରଣସ୍ୱରୂପ ଆଧୁନିକ ଯୁଗରେ ସହରର କଳେବର ବ୍ୟାପକ ଭାବରେ ସମ୍ପ୍ରସାରଣ ହେବାରୁ ପୂର୍ବ ପ୍ରଚଳିତ ରିକ୍ସା ବା ଟାଙ୍ଗା (ଘୋଡ଼ାଟଣା ଗାଡ଼ି)ର ଆବଶ୍ୟକତା ହ୍ରାସ ପାଇ ଲୋକମାନେ ଅଟୋରିକ୍ସା ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି। ଫଳରେ ରିକ୍ସା ବା ଟାଙ୍ଗାକୁ ନିର୍ଭର କରି ପେଟ ପୋଷୁଥିବା ବ୍ୟକ୍ତି ବି ବେକାର ହେଉଛନ୍ତି। ତେଣୁ, ଏହି ପରିସ୍ଥିତିରେ ସେମାନେ ଯନ୍ତ୍ରଗତ ପରିବର୍ତ୍ତନ ବା ଢାଞ୍ଚାଗତ ପରିବର୍ତ୍ତନ ପାଇଁ ଅନ୍ୟ କର୍ମ ସଂସ୍ଥାନ ଉପରେ ନଜର ରଖିବାକୁ ବାଧ୍ୟ ହେଉଛନ୍ତି। ଗମନାଗମନ ପ୍ରକ୍ରିୟାରେ ପରିବର୍ତ୍ତନ ହିଁ ବେକାରୀ ସୃଷ୍ଟି କରୁଅଛି। ଲୋକମାନଙ୍କର ଦ୍ରବ୍ୟ ଆହରଣ ଓ ଗ୍ରହଣର ନୂଆ ତରିକା ଉତ୍ପାଦନ ଉପରେ ମଧ୍ୟ ନକରାତ୍ମକ ପ୍ରଭାବ ପକାଉଅଛି। କିଛି ଶିଳ୍ପ ସଂସ୍ଥା ସମୟ ସହ ତାଳ ନ ଦେଇ ଖାଉଟି ବଜାରରୁ ଅପସାରିତ ହେଉଛନ୍ତି। ଫଳରେ, ଉତ୍ପାଦନ ହ୍ରାସ ସହ ଶ୍ରମିକ ଛଟେଇ ଏକ ସାଧାରଣ ପ୍ରକ୍ରିୟା ଭାବରେ ଉପନୀତ ହେଉଅଛି। ତେଣୁ ଶିଳ୍ପ ସଂସ୍ଥା ଗୁଡ଼ିକ ବଜାର ରହିବା ଅନୁସାରେ ଉତ୍ପାଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କଲେ, ଅଧିକ ଆର୍ଥିକ ସମ୍ବଳ ସୃଷ୍ଟି ସହ ମାନବ ସମ୍ବଳକୁ ମଧ୍ୟ ବିନିଯୋଗ କରାଯାଇପାରିବ।

ସ୍ଥାନୀୟ ସମସ୍ୟା ଓ ଭୌଗୋଳିକ ପ୍ରତିବନ୍ଧକ ଯୋଗୁଁ ମଧ୍ୟ ଢାଞ୍ଚାଗତ ବେକାରୀ ସମସ୍ୟା ଉତ୍କଟ ହେଉଅଛି। ଏହି ସମସ୍ୟା ଯୋଗୁଁ ଦୁର୍ବଳ ଶିଳ୍ପ ସଂସ୍ଥା ଗୁଡ଼ିକ ଅନ୍ୟ କାର୍ଯ୍ୟକ୍ଷମ ସଂସ୍ଥା ସହ ମିଶିଲେ ସମ୍ପୃକ୍ତ ସଂସ୍ଥାର ହିତ ପାଇଁ ସରକାର ସ୍ଥାନୀୟ ସମସ୍ୟା ସହ ସମସ୍ତ ପ୍ରତିବନ୍ଧକୁ ସମାଧାନ କଲେ, କର୍ମ ନିଯୁକ୍ତି ତ୍ୱରାନ୍ୱିତ ହେବ ଓ ଅର୍ଥନୀତି ବିକଶିତ ହେବ।

## ୬. ବୈଷୟିକ ବେକାରୀ

ଶିଳ୍ପ କ୍ଷେତ୍ରରେ ବୈଷୟିକ ଜ୍ଞାନର ପ୍ରୟୋଗ ବା ବ୍ୟାପକ ଯନ୍ତ୍ରର ବ୍ୟବହାର ଫଳରେ ମାନବୀୟ କର୍ମ ସଙ୍କୁଚିତ ହୁଏ। ଫଳରେ ମଣିଷ ବଦଳରେ ମେସିନ୍‌ର ଆବଶ୍ୟକତାକୁ ଉଦ୍ୟୋଗପତିମାନେ ଲାଭାଂଶ ବୃଦ୍ଧି ପାଇଁ ଅଧିକ ଗୁରୁତ୍ୱ ଦେଉଥିବାରୁ ଯେଉଁ ବେକାରୀ ସମସ୍ୟା ସୃଷ୍ଟି ହୁଏ ତାହାକୁ ବୈଷୟିକ ବେକାରୀ କୁହାଯାଏ। ଆଧୁନିକ ଯୁଗରେ ଶ୍ରମରହିତ ଯନ୍ତ୍ରାଂଶର ବ୍ୟାପକ ଉଦ୍‌ଭାବନ ଓ ବିନିଯୋଗ ଫଳରେ ଶ୍ରମଜୀବୀମାନେ ଅଣଦେଖା ହୋଇପଡୁଛନ୍ତି। କିନ୍ତୁ ଯଦି ଉଦ୍ୟୋଗପତିମାନେ ଅଧିକ ଆନୁସଙ୍ଗିକ ଶିଳ୍ପ ପ୍ରତିଷ୍ଠା କରନ୍ତି ତା'ହେଲେ ଅଧିକ ଶ୍ରମିକ ନିଯୁକ୍ତି ପାଇ ସମସ୍ୟା ହ୍ରାସ ଘଟିବ। ବିକଶିତ ରାଷ୍ଟ୍ର ଗୁଡ଼ିକର ବୈଷୟିକ ବେକାରୀ ସମସ୍ୟା ଦିନକୁ ଦିନ ଗୁରୁତର ଆକାର ଧାରଣ କରୁଅଛି। ଏହାର କାରଣ ହେଉଛି ବୈଷୟିକ ଜ୍ଞାନର ଶିଳ୍ପ ଓ କୃଷିକ୍ଷେତ୍ର ସହ ସମସ୍ତ ଆନୁସଙ୍ଗିକ କ୍ଷେତ୍ରରେ ବ୍ୟାପକ ପ୍ରୟୋଗ ଓ ପାରମ୍ପରିକ ଜ୍ଞାନକୁ ଅଣଦେଖା।

ଅନୁନ୍ନତ ରାଷ୍ଟ୍ର ଗୁଡ଼ିକ ମଧ୍ୟ ପାରମ୍ପରିକ ଜ୍ଞାନ କୌଶଳକୁ ଅଣଦେଖା କରି ସବୁ କ୍ଷେତ୍ରରେ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ ଯୋଗୁଁ ନିଯୁକ୍ତି କ୍ଷେତ୍ରକୁ ସଙ୍କୁଚିତ କରୁଅଛନ୍ତି । ଏହି ରାଷ୍ଟ୍ର ଗୁଡ଼ିକ ପାରମ୍ପରିକ ଶିଳ୍ପ, କୁଟୀର ବା କ୍ଷୁଦ୍ର ଶିଳ୍ପକୁ ଅଧିକ ଗୁରୁତ୍ୱ ନଦେଇ କିମ୍ବା ଅଧିକ ପୁଞ୍ଜି ବିନିଯୋଗ ନ କରି ଉନ୍ନତ ରାଷ୍ଟ୍ର ପରି ବୃହତ୍ତ ଶିଳ୍ପର ପଛରେ ପଡୁଥିବାରୁ ବୈଷୟିକ ବେକାରୀ ସମସ୍ୟା ସୃଷ୍ଟି ହେଉଅଛି ।

ବୈଷୟିକ ଜ୍ଞାନର ବ୍ୟାପକ ପ୍ରୟୋଗ ଯୋଗୁଁ ବିକଶିତ ରାଷ୍ଟ୍ର ଗୁଡ଼ିକରେ କେବଳ ବୈଷୟିକ ବେକାରୀ ସଂଖ୍ୟା ବୃଦ୍ଧି ପାଉନାହିଁ, ଏହା ସହିତ ମଧ୍ୟ ପାରମ୍ପରିକ ଅର୍ଥ ବ୍ୟବସ୍ଥା ଓ ଜ୍ଞାନକୁ ଅବମାନନା କରାଯାଉଅଛି । ଉଦାହରଣସ୍ୱରୂପ କୃଷିକ୍ଷେତ୍ରରେ ବ୍ୟାପକ ଯନ୍ତ୍ରର ବ୍ୟବହାର ଯୋଗୁଁ ପାରମ୍ପରିକ ହଳ, ଲଙ୍ଗଳ ଓ ଆନୁସଙ୍ଗିକ ଯନ୍ତ୍ରପାତି ସହ ପଶୁ ସମ୍ପଦ ମଧ୍ୟ ଆଜି ଅବହେଳିତ । କୃଷି ପାଇଁ ହଳ ବଳଦର ଆବଶ୍ୟକତା ମଧ୍ୟ ପଡୁନାହିଁ । ତେଣୁ ନିଯୁକ୍ତି ପାଇଁ ଅଧିକ ସମ୍ଭାବନା ଓ ସୁଯୋଗ ସୃଷ୍ଟି କରି ବୈଷୟିକ ବେକାରୀ ସମସ୍ୟାକୁ ଦୂର କରିବା ଆବଶ୍ୟକ । ତେଣୁ, ଜାତିସଙ୍ଘର ତଥ୍ୟ ଅନୁସାରେ ବ୍ୟାପକ ଆର୍ଥିକ ଅଭିବୃଦ୍ଧି ଅତ୍ୟନ୍ତ ଉଦ୍‌ବେଗ ଜନକ ଭାବରେ ବୈଷୟିକ ବେକାରୀ ସମସ୍ୟାର ସର୍ବଶ୍ରେଷ୍ଠ କାରଣ ଓ ନିରାକରଣ ଅଟେ ।

### ୭. ଚକ୍ରୀୟ ବେକାରୀ

ଆଜି ବିଶ୍ୱ ପୁଞ୍ଜି ଉପରେ ନିର୍ଭରଶୀଳ । ଉନ୍ନତ ରାଷ୍ଟ୍ର ସମୂହ ବାଣିଜ୍ୟଗତ ଋତୁଚକ୍ର ସହ ସଂଲଗ୍ନ ଅଟନ୍ତି । ତେଣୁ, ସମ୍ପୃକ୍ତ ରାଷ୍ଟ୍ର ଗୁଡ଼ିକ ବିଶେଷ କରି ଆର୍ଥିକ ମାନ୍ଦାବସ୍ଥା ଓ ଶିଥିଳତା ପର୍ଯ୍ୟାୟରେ ଚକ୍ରୀୟ ବେକାରୀ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ବାଣିଜ୍ୟଗତ ଋତୁ ଚକ୍ରର ଦୁସ୍ଥିତି ଓ ଆର୍ଥିକ ଚାହିଦାର ହ୍ରାସ ଯୋଗୁଁ ଉତ୍ପାଦନ କ୍ଷୟ ଓ ଅର୍ଥ ବିନିଯୋଗ ବାଧାପ୍ରାପ୍ତ ହୁଏ । ଫଳରେ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରେ । ଅର୍ଥନୀତିଜ୍ଞ Lerner ଏହାକୁ "Deflationary un-employment" ଭାବରେ ନାମିତ କରିଅଛନ୍ତି । ପୁନଶ୍ଚ ଅର୍ଥଶାସ୍ତ୍ରୀ Keynesଙ୍କ ମତରେ ମାନ୍ଦାବସ୍ଥାଜନିତ ବେକାରୀ ସମସ୍ୟା ଉପଯୁକ୍ତ ଚାହିଦାର ଅଭାବ ଯୋଗୁଁ ପରିଲକ୍ଷିତ ହୁଏ । ଏହି ଚକ୍ରୀୟ ବେକାରୀ ସମସ୍ୟାର ସମାଧାନର ମାର୍ଗ ହେଉଛି ଅର୍ଥର ସମ୍ପୂର୍ଣ୍ଣ ଖର୍ଚ୍ଚ । ତେଣୁ, ଲୋକମାନଙ୍କ ଅଣ୍ଟାରେ ଟଙ୍କା ରହିଲେ ହିଁ ଚାହିଦା ବଢ଼ିବ ଓ ବଜାର ଚଳ ଚଞ୍ଚଳ ହେବା ସହ ଶିଳ୍ପ ଓ କୃଷିକ୍ଷେତ୍ରରେ ନୂତନ ସ୍ପନ୍ଦନ ସୃଷ୍ଟି ହେବ । ତେଣୁ, Keynes ସହଜ ମୁଦ୍ରାନୀତ ଓ ନିଅଣ୍ଟ ଆର୍ଥିକ ପଦକ୍ଷେପ ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି । ଯେହେତୁ ଚକ୍ରୀୟ ବେକାରୀ ଏକ ସ୍ଥାୟୀ ସମସ୍ୟା ନୁହେଁ, ତେଣୁ ଏହାକୁ ଏକ ଦୀର୍ଘମିଆଦୀ ସମସ୍ୟା ବୋଲି ବିବେଚନା କରିବା ଠିକ୍ ନୁହେଁ ।

### ୮. ଦୀର୍ଘମିଆଦୀ ବେକାରୀ

ଯଦି ବେକାରୀ ସମସ୍ୟା ଦେଶରେ ଅତି ଉତ୍କଟ ରୂପ ଧାରଣ କରେ ତା'ହେଲେ ଏହାକୁ ଦୀର୍ଘମିଆଦୀ ବେକାରୀ କୁହାଯାଏ । ବିଶେଷ କରି ବିଶ୍ୱର ଅନୁନ୍ନତ ରାଷ୍ଟ୍ର ଗୁଡ଼ିକ ସେମାନଙ୍କର ବେକାରୀର ଭିନ୍ନ ପ୍ରକାର ଭେଦର କରୁଣ ଚିତ୍ର ପାଇଁ ଏହି ବ୍ୟାଧି ଦ୍ୱାରା ପୀଡ଼ିତ ହୁଅନ୍ତି । ଏହାର କାରଣ ଗୁଡ଼ିକ ହେଲା ସମ୍ପୃକ୍ତ ଦେଶ ଗୁଡ଼ିକର ଉନ୍ନତ ସମ୍ବଳର ଅଭାବ, ଏହାର ବିନିଯୋଗ, ଜନସଂଖ୍ୟାର ବିସ୍ଫୋରଣ, ଅନଗ୍ରସରତା, ପୁରୁଣାକାଳିଆ ବୈଷୟିକ ଜ୍ଞାନର ଉପଲବ୍ଧି ଓ ଆର୍ଥିକ ସ୍ଥାଣୁତା ।

### ୯. ଛଦ୍ମବେଶୀ ବେକାରୀ

ବେକାରୀକୁ ଦୁଇ ଭାଗରେ ବିଭକ୍ତ କରାଯାଏ । (କ) ମୁକ୍ତ ବେକାରୀ ଏବଂ (ଖ) ଛଦ୍ମବେଶୀ ବେକାରୀ । ସମସ୍ତ ବେକାରୀ ଗୁଡ଼ିକ ମୁକ୍ତ ନିଯୁକ୍ତି ବ୍ୟବସ୍ଥା ସହ ସଂଲଗ୍ନ ଅଟେ । ଅର୍ଥଶାସ୍ତ୍ରୀ Robinson ହେଉଛନ୍ତି ଏହି "ଛଦ୍ମବେଶୀ ବେକାରୀ"ର ପ୍ରବକ୍ତା । କିନ୍ତୁ ଅନ୍ୟ ଦୁଇଜଣ ଅର୍ଥଶାସ୍ତ୍ରୀ Rosenstein-Roddan ଏବଂ Nurske ଏହି ତତ୍ତ୍ୱକୁ ଅତି ପ୍ରଭାବଶାଳୀ ଢଙ୍ଗରେ ଓ ଯୁକ୍ତିଯୁକ୍ତ ଭାବେ ଉପସ୍ଥାପିତ କରିଅଛନ୍ତି । ସେମାନଙ୍କ ମତରେ ଯେତେବେଳେ କୌଣସି କ୍ଷେତ୍ରରେ ଆବଶ୍ୟକ ତୁଳନାରେ ନିଯୁକ୍ତି ବଳକା ହୁଏ ଅଥବା ମାନବ ସମ୍ବଳର ଅଧିକ ବିନିଯୋଗ ଘଟେ, ସେତେବେଳେ କେତେକ ଶ୍ରମିକଙ୍କର ଉତ୍ପାଦନ କ୍ଷେତ୍ରକୁ ଅବଦାନ ଶୂନ୍ୟ ହୁଏ । ତେଣୁ, ଏହି ବଳକା ଶ୍ରମିକଙ୍କୁ ଛଟେଇ କଲେ ସମ୍ପୃକ୍ତ କ୍ଷେତ୍ରର ଉତ୍ପାଦନ ପ୍ରଭାବିତ ହୁଏ ନାହିଁ ।

## ୧.୩ ବେରୋଜଗାରୀର ସମସ୍ୟାର ଚିତ୍ର

୨୦୧୧ ମସିହା ସୁଦ୍ଧା ଭାରତରେ ବେକାରୀ ଚିତ୍ର ଅତ୍ୟନ୍ତ ଉଦ୍‌ବେଗଜନକ ଥିଲା । ପରିସଂଖ୍ୟାନ ଅନୁସାରେ ସ୍ନାତକୋତ୍ତର ଓ ବୈଷୟିକ ଡିଗ୍ରୀ ଧାରଣ କରି ୧୦ଲକ୍ଷ ପିଲା ଦେଶରେ ବେକାରୀ ହୋଇ ବସିଥିଲେ । ସର୍ବଭାରତୀୟ ଜନସଂଖ୍ୟାରେ ଏହାର ଅନୁପାତ ଥିଲା ଶତକଡ଼ା ୧୫ । କେରଳ ରାଜ୍ୟରେ ଦେଶର ସର୍ବାଧିକ ଶିକ୍ଷିତ ବେକାର ପରଲକ୍ଷିତ ହୁଅନ୍ତି । ଏହାର ସଂଖ୍ୟା ଶତକଡ଼ା ୩୦ରୁ ଅଧିକ ହେବ ।

ଦୈନିକ ସମ୍ବାଦପତ୍ର "ଦ ହିନ୍ଦୁ" ଭାରତର ୨୦୧୧ ମସିହାର ଜନଗଣନାର ତଥ୍ୟକୁ ଆଧାର କରି ବେକାରୀକୁ ତର୍ଜମା କରି ଏକ ରିପୋର୍ଟ ପ୍ରସ୍ତୁତ କରିଥିଲା । ଏହି ରିପୋର୍ଟ ଅନୁସାରେ ଦେଶର ୧୧୬ ନିଯୁତ ଲୋକ ଯେଉଁମାନେ କି କାମଧନ୍ଦା ଉଦ୍ଦେଶ୍ୟରେ କିମ୍ବା କାମଧନ୍ଦା ପାଇଁ ପ୍ରସ୍ତୁତ ଥିଲେ, ସେମାନଙ୍କ ମଧ୍ୟରେ ୩୨ ନିଯୁତ ଥିଲେ ଅଶିକ୍ଷିତ ବେକାର ଏବଂ ୮୪ ନିଯୁତ ଥିଲେ ଶିକ୍ଷିତ ବେକାର । ଶିକ୍ଷିତ ବେକାର ମାନଙ୍କ ମଧ୍ୟରୁ ୭.୨ ନିଯୁତ ଥିଲେ ବୈଷୟିକ ଜ୍ଞାନ ସମ୍ପନ୍ନ । ଶିକ୍ଷିତମାନଙ୍କ ମଧ୍ୟରୁ ସବୁ ସ୍ତରରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ବେକାର ପରିଲକ୍ଷିତ ହୋଇଥିଲେ । ଶିକ୍ଷାର ସବୁ ସ୍ତରରେ ଓ ବିଶେଷ ଭାବରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପୁରୁଷ ବେକାରମାନଙ୍କ ତୁଳନାରେ ମହିଳା ବେକାର ସଂଖ୍ୟା ଅଧିକ ଥିଲା । "ବେକାରୀ"ର ଅର୍ଥ ହେଉଛି ଯେଉଁମାନେ ଉପଲବ୍ଧ ଥିବା ନିଯୁକ୍ତି ପ୍ରକ୍ରିୟାରୁ ଦୂରରେ ରହିଥିବେ ବା ନିଯୁକ୍ତି ପାଇଁ ପ୍ରଚେଷ୍ଟାରେ ଥିବେ ବା ସାମୟିକ ଭାବରେ ନିଯୁକ୍ତି ପାଇଥିବା ଅର୍ଥ ବର୍ଷକୁ ମାତ୍ର ଛଅମାସ ଠାରୁ କମ୍ ଦିନ କାର୍ଯ୍ୟରତ ଥିବେ । ସରକାରଙ୍କର ବାର୍ଷିକ ଜନଗଣନାର ତଥ୍ୟ ଅନୁସାରେ ଦେଶର ବେକାରୀ ୨୦୧୧ ମସିହାରେ ଶତକଡ଼ା ୬.୮ ଥିବାବେଳେ ଏହା ବୃଦ୍ଧି ପାଇ ୨୦୧୧ ମସିହାରେ ଶତକଡ଼ା ୯.୬ରେ ପହଞ୍ଚି ଥିଲା ଓ ଶିକ୍ଷିତ ମାନଙ୍କ ତୁଳନାରେ ଅଶିକ୍ଷିତ ମାନଙ୍କର ସଂଖ୍ୟା ଅଧିକ ଥିଲା । ସର୍ବୋପରି ୨୦୧୧ ମସିହାର ଜନଗଣନା ଅନୁସାରେ ଦେଶର ପାଖାପାଖି ୫୬ ନିଯୁତ ସ୍ନାତକ ଓ ସ୍ନାତକୋତ୍ତର, ୧୨ ନିଯୁତ ବୈଷୟିକ ସାର୍ଟିଫିକେଟ୍‌ଧାରୀ ଯୁବକ ଯୁବତୀ ଥିଲେ, ଯେଉଁ ମାନଙ୍କର ଯୋଗ୍ୟତା ସ୍ନାତକ ଓ ସ୍ନାତକୋତ୍ତରମାନଙ୍କ ସହ ସମାନ ଥିଲା । ଏହି ସର୍ବୋଚ୍ଚ ସମ୍ମାନର ଅଧିକାରୀ ଯୁବକ ଯୁବତୀମାନଙ୍କ ମଧ୍ୟରୁ ଅଧା ଯୁବକ ଯୁବତୀ ବର୍ଷକରୁ ଅତିବେଶୀରେ ମାତ୍ର ଛଅ ମାସ ଧରି ଜନଗଣନାର ପରବର୍ତ୍ତୀ ବର୍ଷରେ କାମଧନ୍ଦାରେ ନିଯୁକ୍ତି ପାଇଥିଲେ । ସେମାନଙ୍କୁ "ମୁଖ୍ୟ ଶ୍ରମିକ ଶ୍ରେଣୀ"ରେ ପର୍ଯ୍ୟାୟଭୁକ୍ତ କରାଯାଇଥିଲା ।

ସରକାରଙ୍କର ବହୁ ଆକାଂକ୍ଷିତ ମନେରେଗା ନିଯୁକ୍ତି ଯୋଜନା (Flagship employment Scheme MGNREGA, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା) ପ୍ରଚଳିତ ହୋଇଥିବା ମୁଖ୍ୟତଃ ଗ୍ରାମାଞ୍ଚଳରେ ୨୦୧୩-୧୪ ମସିହାରେ ବେକାରୀ ସଂଖ୍ୟା ବୃଦ୍ଧି ପାଇ ଶତକଡ଼ା ୪.୯ରେ ପହଞ୍ଚ ଥିଲା। ଶ୍ରମ ମନ୍ତ୍ରାଳୟର ଏକ ଶାଖା ଶ୍ରମ ବ୍ୟୁରୋର ସଦ୍ୟତମ ତଥ୍ୟ ଅନୁସାରେ ୨୦୧୨-୧୩ ମସିହାର ଆର୍ଥିକ ବର୍ଷରେ ସର୍ବଭାରତୀୟ ସ୍ତରରେ ବେକାରୀ ସଂଖ୍ୟା ଶତକଡ଼ା ୪.୭ ଥିବାବେଳେ ବର୍ତ୍ତମାନ ବୃଦ୍ଧି ପାଇ ଶତକଡ଼ା ୪.୯ରେ ପହଞ୍ଚିଛି। ଅନ୍ୟ ଏକ ସକରାତ୍ମକ ଦିଗ ହେଲା ପୂର୍ବବର୍ତ୍ତୀ ଆର୍ଥିକ ବର୍ଷ ତୁଳନାରେ ୨୦୧୩-୧୪ ମସିହାରେ ସହରାଞ୍ଚଳରେ ବାସ କରୁଥିବା ଯୁବକ ଯୁବତୀ ମାନଙ୍କ ମଧ୍ୟରେ ବେକାରୀ ସଂଖ୍ୟା ହ୍ରାସ ପାଇ ଶତକଡ଼ା ୫.୭ ରୁ ଶତକଡ଼ା ୫.୫ରେ ପହଞ୍ଚିଛି। ଏହି ସମୟରେ ମନେରେଗା ଯୋଜନା ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସତ୍ତ୍ୱେ ବେକାରୀ ସଂଖ୍ୟା ବୃଦ୍ଧି ପାଇ ଶତକଡ଼ା ୪.୪ରୁ ଶତକଡ଼ା ୪.୭ରେ ପହଞ୍ଚ ଥିଲା। ୨୦୧୨-୧୩ ଆର୍ଥିକ ବର୍ଷରେ ପୁରୁଷମାନଙ୍କ ମଧ୍ୟରେ ବେକାରୀ ହାର ଶତକଡ଼ା ୪.୧ରେ ପହଞ୍ଚ ଥିଲା। ମହିଳା ମାନଙ୍କ ମଧ୍ୟରେ ବେକାରୀ ହାର ୨୦୧୨-୧୩ ଆର୍ଥିକ ବର୍ଷରେ ଶତକଡ଼ା ୭.୨ ଥିବାବେଳେ ପରବର୍ତ୍ତୀ ସମୟରେ ବୃଦ୍ଧି ପାଇ ଶତକଡ଼ା ୭.୭ରେ ପହଞ୍ଚ ଥିଲା।

ଅଧିକନ୍ତୁ, ସହରାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କ ମଧ୍ୟରେ ବେକାରୀ ମହିଳା ମାନଙ୍କ ହାର ହ୍ରାସ ପାଇଥିଲା। ପରିସଂଖ୍ୟାନ ଅନୁସାରେ ୨୦୧୨-୧୩ ମସିହାର ଆର୍ଥିକ ବର୍ଷରେ ଏହା ଶତକଡ଼ା ୧୨.୪ରେ ପହଞ୍ଚ ଥିଲା। ଶ୍ରମଶକ୍ତି ସହଯୋଗ ହାର (LFPR) ୨୦୧୬-୧୭ ଆର୍ଥିକ ବର୍ଷରେ ଶତକଡ଼ା ୫୨.୫ ଥିବାବେଳେ ଶ୍ରମିକ ଜନସଂଖ୍ୟାର ଅନୁପାତ (WPR) ଶତକଡ଼ା ୪୯.୯ ଥିଲା। ଏହି ଆର୍ଥିକ ବର୍ଷରେ ପାଖାପାଖି ଶତକଡ଼ା ୪୯.୫ ବେକାର ନିଯୁକ୍ତି ପାଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ଶତକଡ଼ା ୩୦.୪ ଥିଲେ ସାମୟିକ ଶ୍ରମିକ, ଶତକଡ଼ା ୧୬.୫ ଥିଲେ ଦରମା ବା ମଜୁରୀ ପ୍ରାପ୍ତ ଶ୍ରମିକ ଏବଂ ଶତକଡ଼ା ୩ ଭାଗ ଥିଲେ ଚୁକ୍ତି ଭିତ୍ତିକ ଶ୍ରମିକ। ଏହି ସମୟରେ ୧୫ ବର୍ଷ କିମ୍ବା ଊର୍ଦ୍ଧ୍ୱ ବୟସର ଥିବା ଶ୍ରମିକ ଯେଉଁମାନେ ୧୨ମାସ କାମ ପାଇଁ ପ୍ରସ୍ତୁତ ଥିଲେ, ସେମାନଙ୍କ ମଧ୍ୟରୁ ପାଖାପାଖି ଶତକଡ଼ା ୬୦.୫ରୁ ଊର୍ଦ୍ଧ୍ୱ ବର୍ଷ ତମାମ ନିଯୁକ୍ତି ମିଳିଲା। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏହାର ଅନୁପାତ ଥିଲା ଯଥାକ୍ରମେ ଶତକଡ଼ା ୭୮.୨ ଏବଂ ୫୩.୨।

'ଚତୁର୍ଥ ବାର୍ଷିକ ନିଯୁକ୍ତି ଓ ବେକାରୀ ସର୍ଭେ (୨୦୧୩-୧୪) ଦେଶର ସମସ୍ତ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ଓ ଜିଲ୍ଲାର ରୋଜଗାରୀ ଓ ବେରୋଜଗାରୀ ମାନଙ୍କର ପରିସଂଖ୍ୟାନ ପ୍ରକାଶିତ ହୋଇଥିଲା। ଏହି ସର୍ଭେ ଜାନୁୟାରୀ ମାସରୁ ଆରମ୍ଭ ହୋଇ ଜୁଲାଇ ମାସରେ ୨୦୧୬ ଓ ୧୭ ମସିହାରେ ସମାପ୍ତ ହୋଇଥିଲା। ଦେଶର ସମୁଦାୟ ୧,୩୬,୩୯୫ ଘର ସର୍ଭେର ପରିଧି ମଧ୍ୟକୁ ଆସିଥିଲା ଓ ଏହି ଘର ଗୁଡ଼ିକ ମଧ୍ୟରୁ ୮୩,୩୮୫ଟି ଗ୍ରାମାଞ୍ଚଳରେ ଥିବାବେଳେ ୫୩,୦୧୦ଟି ସହରାଞ୍ଚଳରେ ଥିଲା। ଭାରତର ଯୁବକମାନଙ୍କ ମଧ୍ୟରେ ଅଣ-ନିଯୁକ୍ତି ହାର ହ୍ରାସ ପାଇଥିଲା। ପରିସଂଖ୍ୟାନ ଅନୁସାରେ ୨୦୧୨ ମସିହାରେ ଏହା ଶତକଡ଼ା ୧୮.୧୦ ଥିବାବେଳେ ୨୦୧୩ ମସିହା ବେଳକୁ ହ୍ରାସ ପାଇ ୧୨.୯୦ରେ ପହଞ୍ଚ ଥିଲା। ସାଧାରଣତଃ ଭାରତ ସରକାରଙ୍କର ଯୁବ ଏବଂ ଶ୍ରମ ମନ୍ତ୍ରାଳୟ ଅଣ-ନିଯୁକ୍ତି ତଥ୍ୟ ପ୍ରକାଶ କରିଥାଏ। ଓଡ଼ିଶାର ବେକାରୀ ଚିତ୍ର ଗୋଲାପୀ ନଥିଲା, ଏହା ଥିଲା ଅତ୍ୟନ୍ତ ନୈରାଶ୍ୟଜନକ। ୨୦୧୪ ମସିହାରେ ୨.୬ ଲକ୍ଷ ସ୍ନାତକ ଚାକିରୀ

ଅନ୍ୱେଷଣରେ ଥିଲେ ଯାହାକି ସର୍ବ ଭାରତୀୟ ସ୍ତରରେ ଥିଲା ସର୍ବାଧିକ। ଓଡ଼ିଶା ପରେ ସର୍ବାଧିକ ବେକାର ସ୍ନାତକ କେବଳ ବିହାର ଏବଂ ଉତ୍ତର-ପୂର୍ବ ରାଜ୍ୟ ଗୁଡ଼ିକରେ ପରିଲକ୍ଷିତ ହୁଅନ୍ତି। ପରିତାପର ବିଷୟ ପ୍ରାକୃତିକ ସମ୍ପଦରେ ଭରା ଏହି ରାଜ୍ୟଗୁଡ଼ିକର ନିଯୁକ୍ତିର ଗୋଲାପୀ ଚିତ୍ର ପରିଲକ୍ଷିତ ହୁଏନାହିଁ। ୨୦୧୪ ମସିହା ସୁଦ୍ଧା ଶ୍ରମ ମନ୍ତ୍ରାଳୟର ତଥ୍ୟ ଅନୁସାରେ ଓଡ଼ିଶାର ବେକାରୀଙ୍କ ସଂଖ୍ୟା ସାରା ଦେଶରେ ସର୍ବାଧିକ। ଏହି ତଥ୍ୟ ଅନୁସାରେ ଓଡ଼ିଶାର ସମୁଦାୟ ବେକାରୀ ସଂଖ୍ୟା ଶତକଡ଼ା ୩ ଥିବାବେଳେ ଏମାନଙ୍କ ମଧ୍ୟରୁ ସ୍ନାତକ ଓ ସ୍ନାତକୋତ୍ତରଙ୍କ ସଂଖ୍ୟା ଯଥାକ୍ରମେ ଶତକଡ଼ା ୧୪.୮ ଏବଂ ୮.୨ ଅଟେ। ଏହି ଚିତ୍ର ଦର୍ଶାଉଛି ଓଡ଼ିଶା ସରକାରଙ୍କର କୌଶଳୀ ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦେବା ପାଇଁ କୌଣସି ଆକର୍ଷଣୀୟ ନିଯୁକ୍ତି ବଜାର ନାହିଁ। ୨୦୧୪-୧୫ର ଆର୍ଥିକ ବର୍ଷରେ ରାଜ୍ୟର ଶତକଡ଼ା ୮୪ ଭାଗ ନିଯୁକ୍ତି ଅତି ଉଦ୍‌ବେଗଜନକ ଭାବରେ ହ୍ରାସ ପାଇଥିଲା।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଓଡ଼ିଶାର ପଞ୍ଜିକୃତ ବେକାରୀ ମାନଙ୍କ ସଂଖ୍ୟା ବିହାର ତୁଳନାରେ ମାତ୍ରାଧିକ ଅଟେ (୮ଲକ୍ଷ)। ଯଦିଓ ବିହାର ଜନସଂଖ୍ୟା ତୁଳନାରେ ଓଡ଼ିଶାର ଜନସଂଖ୍ୟା କମ୍ ଅଟେ। ଅଧିକନ୍ତୁ, ୨୦୧୪ ମସିହାରେ ବିହାରରେ ମାତ୍ର, ୩.୬୦୦ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ୨୦୧୨ ମସିହାରେ ଓଡ଼ିଶାର ସଙ୍ଗଠିତ କ୍ଷେତ୍ର (ସରକାରୀ ଉଦ୍ୟୋଗ ଓ ବେସରକାରୀ ଉଦ୍ୟୋଗ)ରେ ସମୁଦାୟ ୧୯ଲକ୍ଷ ନିଯୁକ୍ତି ପାଇଥିଲେ, ଯାହାକି ବିହାର ତୁଳନାରେ ୪ଲକ୍ଷ ଅଧିକ ଥିଲା। କିନ୍ତୁ ଓଡ଼ିଶାର ନିଯୁକ୍ତିର ହାର ଉତ୍ସାହଜନକ ନଥିଲା। ତାହାର କାରଣ ହେଲା ସଙ୍ଗଠିତ କ୍ଷେତ୍ର ଗୁଡ଼ିକ ନିଯୁକ୍ତିର ସୁଯୋଗ ଓ ସମ୍ଭାବନା ସୃଷ୍ଟି ପାଇଁ ଦୁର୍ବଳ ଥିଲେ। ତଥ୍ୟ ଅନୁସାରେ ଓଡ଼ିଶା ସରକାର ୨୦୦୧ ମସିହାରେ ୬ ହଜାର ନିଯୁକ୍ତି ପାଇଁ ଘୋଷଣାନାମା ପ୍ରକାଶ କରିଥିବାବେଳେ ଏହା ହ୍ରାସ ପାଇ ୨୦୧୪ ମସିହାରେ ମାତ୍ର ୧୪୦୦-୧୫୦୦କୁ ରେ ପହଞ୍ଚି ଥିଲା। ବେସରକାରୀ ସ୍ତରରେ ୨୦୦୯-୧୦ ଆର୍ଥିକ ବର୍ଷରେ ୭ହଜାର ନିଯୁକ୍ତି ମିଳିଥିଲାବେଳେ ୨୦୧୪-୧୫ ଆର୍ଥିକ ବର୍ଷରେ ହ୍ରାସ ପାଇଁ ପାଖାପାଖି ଅଧାରେ ପହଞ୍ଚି ଥିଲା। ଏହାର କାରଣ ଥିଲା ଓଡ଼ିଶାର ଶିଳ୍ପାୟନ ପାଇଁ ନକରାତ୍ମକ ପରିବେଶ ଏବଂ ଲୋକମାନଙ୍କର ଆୟ ହ୍ରାସ। ତେଣୁ ଏହି ଉଦ୍‌ବେଗଜନକ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ୧୮୦ ଦିନରେ ପାଖାପାଖି ୪୦ ହଜାର ଖାଲି ପଡ଼ିଥିବା ବିଭିନ୍ନ ବିଭାଗ (ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଞ୍ଚାୟତରାଜ, ଜଳସମ୍ପଦ)ର ପଦବୀ ଗୁଡ଼ିକ ପୂରଣ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେଣୁ ବିଶେଷଜ୍ଞମାନଙ୍କ ମତରେ ଦୀର୍ଘ ଦଶନ୍ଧି ଧରି ରାଜ୍ୟର ନୈରାଶ୍ୟଜନକ ଆର୍ଥିକ ସ୍ଥିତି ଯୋଗୁଁ ସୃଷ୍ଟି ହୋଇଥିବା ଦୁର୍ବଳ ନିଯୁକ୍ତି ବଜାର ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଦ୍ୱାରା ପୁନର୍ବାର ଚଳଚଞ୍ଚଳ ହୋଇ ଉଠିବ।

## ୧.୪ ବେରୋଜଗାରୀର ସମସ୍ୟାର ତତ୍ତ୍ୱ

୨୦୧୧ ମସିହାରେ ମହମ୍ମଦ ଆଦିଲ୍ ବେକାରୀ ସମ୍ପର୍କିତ ବିଭିନ୍ନ ତତ୍ତ୍ୱ ଗୁଡ଼ିକୁ ତର୍ଜମା କରିଅଛନ୍ତି। ସେଗୁଡ଼ିକ ହେଲା ଯଥା ;-

୧. ଉତ୍କର୍ଷ ଆର୍ଥିକ ତତ୍ତ୍ୱ

୨. ସୃଜନାତ୍ମକ ତତ୍ତ୍ୱ

୩. ସକ୍ରିୟ ଚାହିଦା ତତ୍ତ୍ୱ

୪. ବାସ୍ତବ ବ୍ୟବସାୟ ଋତୁଚକ୍ର ତତ୍ତ୍ୱ

**୧. ଉତ୍କର୍ଷ ଆର୍ଥିକ ତତ୍ତ୍ୱ :**

୧୯୩୩ ମସିହା ଓ ୧୯୮୧ ମସିହାରେ ଅର୍ଥନୀତିଜ୍ଞ Pigou ଏବଂ Solow ଏହି ଉତ୍କର୍ଷ ଆର୍ଥିକ ତତ୍ତ୍ୱକୁ ବିଶ୍ଳେଷଣ କରିଥିଲେ। ସେମାନଙ୍କର ଯୁକ୍ତି ଥିଲା ଶ୍ରମ ବଜାର ଚାହିଦା, ଶ୍ରମ ଯୋଗାଣ ଉପରେ ପର୍ଯ୍ୟବେଶିତ ଅଟେ। ଶ୍ରମ ପାଇଁ ଚାହିଦା ଗୋଟିଏ ସ୍ଥିରୀକୃତ ଚାହିଦା, ଯାହାକି ନିମ୍ନଗାମୀ ଶ୍ରମ ଉତ୍ପାଦନର ଏକ ନଗଣ୍ୟ ଅଂଶ। ଚାହିଦା ରେଖା ହେଉଛି ପ୍ରକୃତ ମଜୁରୀର ଗୋଟିଏ ନକରାତ୍ମକ କାର୍ଯ୍ୟ। ଯଦି ମଜୁରୀ ବୃଦ୍ଧି ଘଟେ, ତା'ହେଲେ ଶ୍ରମର ଚାହିଦା ହ୍ରାସ ଘଟେ। ଶ୍ରମ ଚାଲାଣ ଶ୍ରମିକର ପସନ୍ଦରୁ ସୃଷ୍ଟି ହୁଏ। ଯଦି ବାସ୍ତବରେ ମଜୁରୀ ବୃଦ୍ଧି ଘଟେ, ତା'ହେଲେ ଶ୍ରମର ଚାହିଦା ହ୍ରାସ ଘଟେ। ଶ୍ରମ ଚାଲାଣ ଶ୍ରମକର ପସନ୍ଦରୁ ସୃଷ୍ଟି ହୁଏ। ଯଦି ବାସ୍ତବରେ ମଜୁରୀ ବୃଦ୍ଧି ଘଟେ, ତା'ହେଲେ ଶ୍ରମିକମାନେ ଅଧିକ ସମୟ କାମ ପାଇଁ ପସନ୍ଦ କରନ୍ତି। ଶ୍ରମର ଚାହିଦା ଓ ଯୋଗାଣ ପରସ୍ପରକୁ ଛେଦନ କରନ୍ତି ଯାହାକି ମଜୁରୀ ଏବଂ ସମ୍ପୂର୍ଣ୍ଣ ସନ୍ତୁଳନକୁ ସ୍ଥିର କରନ୍ତି। Pigou ତାଙ୍କର "ବେକାର ତତ୍ତ୍ୱ"ରେ ମତ ଦେଇଛନ୍ତି "A part from frictional obstructions... would be non existent" ସାଧାରଣତଃ ଶ୍ରମିକମାନେ ଉଚ୍ଚ ହାରରେ ମଜୁରୀ ଦାବୀ କରନ୍ତି। ସମ୍ପୂର୍ଣ୍ଣ ନିଯୁକ୍ତିର ଅର୍ଥ ନୁହେଁ ଅଣ-ନିଯୁକ୍ତି। ଘର୍ଷଣ ଜନିତ ବେକାରୀ ବାସ୍ତବ ମଜୁରୀ ସହ ସମତାଳ ଦେଇ ଚାଲେ ନାହିଁ। ଉଦାହରଣସ୍ୱରୂପ ଯଦି ଜଣେ ଶ୍ରମିକ ମନେ କରେ ଶ୍ରମର ଅନାବଶ୍ୟକତା ଶ୍ରମର ଆବଶ୍ୟକତା ଠାରୁ ଅଧିକ ଅଥବା ପ୍ରକୃତ ମଜୁରୀର ଉପଯୋଗୀତା ଠାରୁ ଅଧିକ ତା'ହେଲେ ସେ କାମ କରିବାକୁ ସ୍ଥିର କରେ ନାହିଁ। ଘର୍ଷଣଜନିତ ବେକାରୀ ଶ୍ରମ ବଜାରର ସକ୍ରିୟତା କାରଣରୁ ସୃଷ୍ଟି ହୁଏ। ସୂଚନାର ଉପଲବ୍ଧ, ଉନ୍ନତ କାମ ପାଇଁ ପ୍ରୟାସ, ଶ୍ରମର ଚାହିଦାର ବାରମ୍ବାର ଉତ୍ଥାନ ଓ ପତନ (କାରଖାନା ତାଲା ବନ୍ଦ ଏବଂ ନୂତନ କାରଖାନା ପ୍ରତିଷ୍ଠା ପାଇଁ ପ୍ରୟାସ) ଏହାର କାରଣ ଅଟେ।

ନିଯୁକ୍ତି ହାର ବୃଦ୍ଧି ପାଇଁ ମଜୁରୀ ହ୍ରାସ କରିବା ଏକ ଯୁକ୍ତିଯୁକ୍ତ ନୀତି ନୁହେଁ। ମଜୁରୀ ବୃଦ୍ଧି ଯୋଗୁଁ ଉତ୍ପାଦନ ବୃଦ୍ଧି ପାଏ। ଯେତେବେଳେ ବାରମ୍ବାର ମଜୁରୀ ବୃଦ୍ଧି ପାଇଁ ପ୍ରକ୍ରିୟା ଜାରି ହୁଏ, ସେହି ପରିପ୍ରେକ୍ଷୀରେ ଶ୍ରମିକ ମାନଙ୍କର ସଂଖ୍ୟା ହ୍ରାସ ପାଇଁ ଅଳ୍ପ ଖର୍ଚ୍ଚରେ ଯନ୍ତ୍ରର ସାହାଯ୍ୟ ଲୋଡ଼ା ହୁଏ। ତେଣୁ, କଳକାରଖାନା ଗୁଡ଼ିକର ଉତ୍ପାଦନ ବୃଦ୍ଧି ପାଇଁ ମାର୍ଗ ପ୍ରସ୍ତୁତ ହୁଏ। ଫଳରେ ନିଯୁକ୍ତି କ୍ଷେତ୍ରରେ ନକରାତ୍ମକ ପ୍ରଭାବ ପଡ଼େ।

**୨. ସୃଜାନତ୍ମକ ତତ୍ତ୍ୱ :**

ଜର୍ମାନ ଅର୍ଥଶାସ୍ତ୍ରୀ Von Mangoldt Ekelund ଏବଂ Hebert, ୨୦୦୭ ମସିହାରେ ଉଦ୍ୟୋଗିକ ଲାଭ ଏବଂ ତତ୍ ସଂଲଗ୍ନ ଉପୁଜୁଥିବା ଲାଭଜନିତ ବିପଦ ସମ୍ପର୍କରେ ଏହି ତତ୍ତ୍ୱ ଉପସ୍ଥାପିତ କରିଥିଲେ। ଜଣେ ଉଦ୍ୟୋଗୀ କିପରି ବ୍ୟବସାୟରେ ସଫଳତା ହାସଲ କରିପାରିବ। ସେମାନେ ବିଭିନ୍ନ ମାର୍ଗ ଦର୍ଶାଇଛନ୍ତି, ସେଗୁଡ଼ିକ ହେଲା, ଯଥା;

(କ) ଏକ ନିର୍ଦ୍ଦିଷ୍ଟ ବଜାର ଅନ୍ୱେଷଣ କରିବା

(ଖ) ବ୍ୟବସାୟ ପାଇଁ ଦକ୍ଷ ପ୍ରତିନିଧି ଚୟନ କରିବା

(ଗ) ଉତ୍ପାଦନ ସାମଗ୍ରୀର ଗୁଣବତ୍ତା ରକ୍ଷା କରିବା

(ଘ) ସଫଳ ବିକ୍ରୟ ନୀତି ନିର୍ଦ୍ଧାରଣ କରିବା ଏବଂ

(ଙ) ସୃଜନାତ୍ମକ ହେବା

ସୃଜନାତ୍ମକ ତତ୍ତ୍ୱ ଅର୍ଥଶାସ୍ତ୍ରୀ Mahammed ଏବଂ Schum Peter ଙ୍କର ମତକୁ ଖଣ୍ଡନ କରେ। କାରଣ ଏହି ଦୁଇ ଜଣ ଅର୍ଥଶାସ୍ତ୍ରୀଙ୍କ ମତରେ ଉଦ୍ୟୋଗିକ ଲାଭ ଅଧିକ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରେ। ସେମାନେ ମଧ୍ୟ ଅତି ସ୍ୱଷ୍ଟ ଭାବରେ କିପରି ନିଯୁକ୍ତିର ହାର ବ୍ୟାପକ ହୋଇ ବେକାରୀ ସମସ୍ୟାର ଅନ୍ତ ଘଟିବ ସେ ପ୍ରସଙ୍ଗରେ କୌଣସି ଯୁକ୍ତି ସଙ୍ଗତ ମତ ଉତ୍ଥାନ କରି ନାହାଁନ୍ତି। ଅର୍ଥଶାସ୍ତ୍ରୀ Vecchi ମଧ୍ୟ ସୃଜନାତ୍ମକ ତତ୍ତ୍ୱ ସପକ୍ଷରେ କହିଛନ୍ତି। ଏହା ଦ୍ୱାରା ନିଯୁକ୍ତିର ବଜାର ସମ୍ପ୍ରସାରଣ ହୋଇ ବେକାରୀ ବଜାର ହ୍ରାସ ପାଇବ। ଯେତେବେଳେ ଜଣେ ଉଦ୍ୟୋଗପତି ସ୍ୱପ୍ନଦ୍ରଷ୍ଟା ଢଙ୍ଗରେ କାରଖାନାଟିଏ ପ୍ରତିଷ୍ଠା କରେ ଓ ନୂତନ ଚିନ୍ତାଧାରା ସମୟ ଉପଯୋଗୀ ଗ୍ରାହକ ଓ ବଜାରର ଚାହିଦା ଅନୁସାରେ ଉତ୍ପାଦନ ଆରମ୍ଭ କରେ, ସେତେବେଳେ ଉତ୍ପାଦନ ସାମଗ୍ରୀର ନୂଆ ବଜାର ସୃଷ୍ଟି ହୁଏ। ଗ୍ରାହକ ସଂଖ୍ୟା ବୃଦ୍ଧି ହେବା ସହ କମ୍ପାନୀର ମଧ୍ୟ ଉତ୍ପାଦନ ବୃଦ୍ଧି ଘଟେ। ଫଳରେ ଲୋକମାନେ ସମ୍ପୃକ୍ତ କମ୍ପାନୀରେ ପୁଞ୍ଜି ବିନିଯୋଗ ପାଇଁ ଉତ୍ସାହିତ ହୁଅନ୍ତି ଓ ଉଦ୍ୟୋଗୀର ସୃଜନତ୍ମକ ଭାବନା ସାକାର ହୁଏ। ଘରୋଇ ପୁଞ୍ଜି ବିନିଯୋଗ ଦ୍ୱାରା ଦେଶର ଅର୍ଥବ୍ୟବସ୍ଥା ଚଳ ଚଞ୍ଚଳ ହୁଏ। ଅନ୍ୟ ଉଦ୍ୟୋଗୀମାନେ ମଧ୍ୟ ସୃଜନାତ୍ମକ ଢଙ୍ଗରେ ଉଦ୍ୟୋଗକୁ ପରିଚାଳନା ପାଇଁ ଶ୍ରମିକ ଓ କଞ୍ଚାମାଲର ଆବଶ୍ୟକତାକୁ ଉପଲବ୍ଧ କରନ୍ତି। ଫଳସ୍ୱରୂପ କମ୍ପାନୀ ଲାଭବାନ ହୁଏ ଶ୍ରମିକମାନଙ୍କର ମଜୁରୀ ମଧ୍ୟ ବୃଦ୍ଧି ଘଟେ ଓ ବେକାରୀ ସମସ୍ୟା ହ୍ରାସ ଘଟେ। (ଅଧିକ ଜାଣିବା ପାଇଁ ୧୯୯୮ ମସିହାରେ ପ୍ରକାଶିତ Mortensen ଏବଂ Pissaridesଙ୍କର ପୁସ୍ତକ ଏବଂ ୨୦୦୦ ମସିହାରେ ପ୍ରକାଶିତ Manuell ପୁସ୍ତକକୁ ଅଧ୍ୟୟନ କରନ୍ତୁ।) ଏହି ତତ୍ତ୍ୱକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଅର୍ଥଶାସ୍ତ୍ରୀ Schem Peter ଆର୍ଥିକ ଅଭିବୃଦ୍ଧି ସହ ସଂଲଗ୍ନ କରିଅଛନ୍ତି। ତାଙ୍କ ମତରେ ଘରୋଇ ଅର୍ଥନୀତିକୁ ଚଳ ଚଞ୍ଚଳ କରିବାକୁ ହେଲେ ସୃଜାନତ୍ମକ ତତ୍ତ୍ୱ ଅତ୍ୟନ୍ତ ଅପରିହାର୍ଯ୍ୟ। ଗୋଟିଏ ଦେଶର ଆର୍ଥିକ ଚିତ୍ରର ପରିବର୍ତ୍ତନ ପାଇଁ ଉଦ୍ୟୋଗୀମାନେ ସୃଜନାତ୍ମକ ଭାବରେ ଓ ଢଙ୍ଗରେ ନିଜସ୍ୱ ପ୍ରଚେଷ୍ଟାରେ ଉଦ୍ୟୋଗ ସ୍ଥାପନ କରିବା ଉଚିତ୍। ପୁନଶ୍ଚ ତାଙ୍କ ମତରେ "ଆର୍ଥିକ ଅଭିବୃଦ୍ଧି ଦ୍ୱାରା ରାଷ୍ଟ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହୁଏ, ଯାହାକୁ କେବଳ ଆର୍ଥିକ ଶକ୍ତି ମାଧ୍ୟମରେ ତର୍ଜମା କରାଯାଇପାରେ। କିନ୍ତୁ, ଏହି ପରିବର୍ତ୍ତନକୁ ମଧ୍ୟ ବାହ୍ୟ ଶକ୍ତି ଓ ଅର୍ଥନୈତିକ ତତ୍ତ୍ୱ ଦ୍ୱାରା ତର୍ଜମା ହେବା ଆବଶ୍ୟକ।"

**୩. ସକ୍ରିୟ ଚାହିଦା ତତ୍ତ୍ୱ :**

ଅର୍ଥଶାସ୍ତ୍ରୀ Veblerଙ୍କ ମତରେ ଶୋଷକ ପ୍ରକୃତିର ଉଦ୍ୟୋଗୀମାନେ ନିର୍ଦ୍ଦିଷ୍ଟ ସ୍ୱାର୍ଥର ସୁରକ୍ଷା ପାଇଁ ଉଦ୍ୟୋଗର ଉତ୍ପାଦନ ବୃଦ୍ଧି କରି ପର୍ଯ୍ୟାପ୍ତ ପରିମାଣରେ ଲାଭାଂଶ ଉପଲବ୍ଧ ହୁଅନ୍ତି। ସେମାନେ ଘରୋଇ ଏବଂ ଆନ୍ତର୍ଜାତିକ ବଜାରରେ ନିଜର ପ୍ରଭୁତ୍ୱ ବଜାଇ ରଖିବା ପାଇଁ ପ୍ରୟାସ କରନ୍ତି। ଉତ୍ପାଦନ ଦ୍ୱାରା କିପରି ଯୁକ୍ତି ଯୁକ୍ତ

ଲାଭାଂଶ ମିଳେ। ସେ ସମ୍ପର୍କରେ ଅର୍ଥଶାସ୍ତ୍ରୀ Lucid ଏକ ସୁନ୍ଦର ଉଦାହରଣ ଉପସ୍ଥାପିତ କରିଅଛନ୍ତି। ପୂର୍ବରୁ ଅର୍ଥଶାସ୍ତ୍ରୀ Lord Keynes ଏହି ମତକୁ ମଧ୍ୟ ସମର୍ଥନ କରି ଲେଖିଥିଲେ କିପରି ନିର୍ଦ୍ଦିଷ୍ଟ ସ୍ୱାର୍ଥ ସମ୍ବଳିତ ଚାହିଦା ଉତ୍ପାଦନକୁ ତ୍ୱରାନ୍ୱିତ କରେ। ଚାହିଦାର ଅଭିବୃଦ୍ଧି ଏବଂ ଆଗକୁ ସମ୍ଭାବିତ ଚାହିଦାର ଅଭିବୃଦ୍ଧିକୁ ନଜରରେ ରଖି ଉଦ୍ୟୋଗୀମାନେ ନିଜ ଉଦ୍ୟୋଗର ଉତ୍ପାଦନକୁ ତ୍ୱରାନ୍ୱିତ କରନ୍ତି। ସେମାନେ ମଧ୍ୟ ଉତ୍ପାଦନ ବୃଦ୍ଧି ସହ ଯୁକ୍ତି ସଙ୍ଗତ ଲାଭ ଉପରେ ଗୁରୁତ୍ୱ ଦେବା ବିଧେୟ। ଚାହିଦା ସହ ଆବଶ୍ୟକ ରାଜସ୍ୱ ମଧ୍ୟ ତାଳ ଦେଇ ଗତି କରିବା ଆବଶ୍ୟକ। ଅନ୍ୟପକ୍ଷରେ ଉତ୍ପାଦନ ଜନିତ ଖର୍ଚ୍ଚ ହ୍ରାସ ହେବା ଆବଶ୍ୟକ। ଯଦି ରାଜସ୍ୱ ବୃଦ୍ଧି ଘଟେ ଉତ୍ପାଦିତ ସାମଗ୍ରୀର ଦର ହ୍ରାସ ହୁଏ, ତା'ହେଲେ ଉଦ୍ୟୋଗୀମାନେ ସଠିକ୍ ଲାଭାଂଶ ଉପଲବ୍ଧ ହୁଅନ୍ତି। Vebler ଗୋଟିଏ ଉଦ୍ୟୋଗର ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇଁ ବିଭିନ୍ନ ସୂତ୍ର ଉପରେ ଗୁରୁତ୍ୱ ପ୍ରଦାନ କରିଅଛନ୍ତି। ତାଙ୍କ ମତରେ ଉତ୍ପାଦନ ପ୍ରକ୍ରିୟାରେ ବୈଷୟିକ ଜ୍ଞାନ ଓ ଯନ୍ତ୍ରର ବ୍ୟବହାର ବ୍ୟାପକ ହେବା ଆବଶ୍ୟକ। ତେଣୁ ଉଦ୍ୟୋଗୀମାନେ ମାନବଜନିତ ଶ୍ରମ ଶକ୍ତି ଉପରେ ଅଧିକ ନିର୍ଭରଶୀଳ ନହୋଇ ଆବଶ୍ୟକ ସ୍ଥଳେ ଶ୍ରମିକମାନଙ୍କର ମଜୁରୀ ହ୍ରାସ କରନ୍ତି। ଫଳରେ ଶ୍ରମଜନିତ ବ୍ୟୟ ହ୍ରାସ ହୁଏ ଓ କମ୍ପାନୀର ପ୍ରସ୍ତୁତ ସାମଗ୍ରୀ ଶସ୍ତାରେ ବଜାରରେ ଉପଲବ୍ଧ ହେବା ଫଳରେ କ୍ରେତାମାନେ ସ୍ୱଳ୍ପ ଦରରେ ଉପଲବ୍ଧ ହୁଅନ୍ତି। ଉନ୍ନତ ବୈଷୟିକ ଜ୍ଞାନର ପ୍ରୟୋଗ ଫଳରେ ଉଦ୍ୟୋଗ ଦ୍ୱାରା ପ୍ରମୁଖ ସାମଗ୍ରୀ ଗୁଡ଼ିକର ଦର ହ୍ରାସ ହୁଏ। ସମ୍ପୃକ୍ତ କମ୍ପାନୀ ଲାଭବାନ ହୋଇ ସରକାରଙ୍କର ତହବିଲ୍‌ରେ ନିୟମିତ କର ପୈଠ କରିବା ସହ ବ୍ୟାଙ୍କ ସୁଧ ମଧ୍ୟ ପରିଶୋଧ କରନ୍ତି। Veblerଙ୍କ ମତରେ ଉତ୍ପାଦନ ସାମଗ୍ରୀର ଦର ହ୍ରାସ ଗ୍ରାହକଙ୍କର ଚାହିଦା ବୃଦ୍ଧି ଯୋଗୁଁ ଉଦ୍ୟୋଗର ରାଜସ୍ୱ ଓ ଲାଭାଂଶର ମଧ୍ୟ ବୃଦ୍ଧି ଘଟେ। ଫଳରେ ଉଦ୍ୟୋଗୀମାନେ ଉତ୍ସାହିତ ହୋଇ ବ୍ୟବସାୟକୁ ସମ୍ପ୍ରସାରିତ କରି ନିଯୁକ୍ତି କ୍ଷେତ୍ରକୁ ଅଧିକ ବ୍ୟାପକ ଓ ଚଳଚଞ୍ଚଳ କରନ୍ତି।

୧୯୭୬ ମସିହାରେ ବିଶ୍ୱ ବିଖ୍ୟାତ ଅର୍ଥଶାସ୍ତ୍ରୀ Keynes ମତ ଦେଇଥିଲେ "ବେକାରୀ ଗୋଟିଏ ଇଚ୍ଛାକୃତ ବିଷୟ" ତାଙ୍କ ମତରେ ସାମଗ୍ରୀକ ଚାହିଦାର ଅଭାବ ହେତୁ ଏହା ଋତୁଚକ୍ର ଭଳି ସୃଷ୍ଟି ହୋଇଥାଏ। ପୁଞ୍ଜିପତିମାନେ ଆର୍ଥିକ ପରିସ୍ଥିତି ଓ ଲାଭାଂଶର ଅନୁକୂଳ ସମୟରେ ଶ୍ରମିକମାନଙ୍କୁ ଉଦ୍ୟୋଗ ଗୁଡ଼ିକରେ ନିଯୁକ୍ତି ଦିଅନ୍ତି। ଯଦି ଭବିଷ୍ୟତରେ ଲାଭାଂଶର ବାସ୍ତବତା ରହିଥାଏ, ତା'ହେଲେ ସେମାନେ ପୁଞ୍ଜି ବିନିଯୋଗ କରି ନିଯୁକ୍ତି କ୍ଷେତ୍ରକୁ ସମ୍ପ୍ରସାରିତ କରନ୍ତି। ସମୁଦାୟ ଚାହିଦା ଓ ଯୋଗାଣ ମଧ୍ୟରେ ସମତା ରକ୍ଷା କରିବା ପାଇଁ ଉଦ୍ୟମ ହୁଏ। ଯଦି ଭବିଷ୍ୟତରେ ଆର୍ଥିକ ସ୍ଥିତି ଆଶାଜନକ ନଥାଏ ତା'ହେଲେ ପୁଞ୍ଜିପତିମାନେ ଅଧିକ ପୁଞ୍ଜି ବିନିଯୋଗ କରିବାକୁ ନାପସନ୍ଦ କରନ୍ତି। ଫଳରେ ଅଧିକ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୁଏନାହିଁ। ତେଣୁ ଋତୁକାଳୀନ ଅଣ ନିଯୁକ୍ତି ପରିସ୍ଥିତି ସୃଷ୍ଟି ହୁଏ, ସମୁଦାୟ ଚାହିଦାର ହ୍ରାସ ଓ ବିଶେଷ କରି ପୁଞ୍ଜିବିନିଯୋଗ ପାଇଁ ମୂଳ ଆଗ୍ରହର ଅଭାବ ଯୋଗୁଁ ବେକାରୀ ସୃଷ୍ଟି ହୁଏ।

**୪. ବାସ୍ତବ ବ୍ୟବସାୟ ଋତୁଚକ୍ର ତତ୍ତ୍ୱ :**

୧୯୯୫ ଏବଂ ୧୯୯୯ ମସିହାରେ ଅର୍ଥଶାସ୍ତ୍ରୀ ଚାଟାର୍ଜୀ ଏହି ତତ୍ତ୍ୱ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ। ତାଙ୍କ ମତରେ ବୈଷୟିକ ଜ୍ଞାନର ପ୍ରୟୋଗ ହେତୁ ଶିଳ୍ପକ୍ଷେତ୍ରରେ ଉତ୍ପାଦନ ହାର ବୃଦ୍ଧି ହୁଏ। ଫଳରେ ରୋଜଗାର ସୃଷ୍ଟି ହେବା ସହ ବେରୋଜଗାର ସମସ୍ୟା ମଧ୍ୟ ସୃଷ୍ଟି ହୁଏ। ଯଦି ଉତ୍ପାଦନ କ୍ଷମତା ଆକଳନ

ତୁଳନାରେ ଅଧିକ ହୁଏ ତା'ହେଲେ ସାମଗ୍ରୀକ କ୍ଷେତ୍ରରେ ଅଭିବୃଦ୍ଧି ପରିଲକ୍ଷିତ ହୁଏ। ଯଦି ଉତ୍ପାଦନ କ୍ଷମତାର ବୃଦ୍ଧି ନହୁଏ ତା'ହେଲେ ଶିଳ୍ପ ସହ ଅର୍ଥନୀତି ମଧ୍ୟ ବାଧାପ୍ରାପ୍ତ ହୁଏ। ଫଳରେ ପୁଞ୍ଜି ଓ ଶ୍ରମିକ ବିନିଯୋଗ ହ୍ରାସ ଘଟିବା ସହ ବେକାରୀ ସମସ୍ୟା ସୃଷ୍ଟି ହେବା ସହ ଶୈଳ୍ପିକ ଅବନତି ପରିଲକ୍ଷିତ ହୁଏ। ବିଭିନ୍ନ କାରଣ ପାଇଁ ଉତ୍ପାଦନ ହ୍ରାସ ପାଏ। ଯଦି ବୈଷୟିକ ଜ୍ଞାନର ସଠିକ୍ ପ୍ରୟୋଗ ନହୁଏ ତା'ହେଲେ ଶିଳ୍ପକ୍ଷେତ୍ର ରୁଗ୍ଣ ହେବା ସହ ଉତ୍ପାଦନ ଓ ସେବାକ୍ଷେତ୍ର ହ୍ରାସ ପାଏ ଓ ଶ୍ରମିକମାନଙ୍କର କୌଶଳ ବିନିଯୋଗ ହୁଏନାହିଁ। ଫଳରେ ନୂଆ ସାମଗ୍ରୀର ଉପାଦାନ ବାଧା ପ୍ରାପ୍ତ ହୁଏ। ତେଣୁ, ବିଦେଶୀ ସାମଗ୍ରୀର ଚାହିଦା ବଢ଼େ ଓ ଆମଦାନୀ ପ୍ରକ୍ରିୟା ପ୍ରସାରିତ ହୁଏ। ଥରେ ଉତ୍ପାଦନ ପ୍ରକ୍ରିୟା ହ୍ରାସ ପାଇଲେ, କମ୍ପାନୀର ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୁଏ। ବ୍ୟବହାରଜନିତ ଖର୍ଚ୍ଚ ହ୍ରାସ ପାଏ ଓ ପୁଞ୍ଜି ବିନିଯୋଗର ଧାରା ମଧ୍ୟ ବାଧା ପ୍ରାପ୍ତ ହୁଏ।

GDP ର ହାର ବୃଦ୍ଧି ପାଏ ନାହିଁ କି ନିଯୁକ୍ତି ପ୍ରକ୍ରିୟା ଉତ୍ସାହିତ ହୁଏ ନାହିଁ। ଶ୍ରମ ହ୍ରାସ ହେବା ସହ ବାସ୍ତବ ଓ ଭବିଷ୍ୟତର ଏହି ସ୍ଥିତିରେ ଉଦ୍ୟୋଗପତିମାନେ ଅଧିକ ବୈଷୟିକ ଜ୍ଞାନର ପ୍ରୟୋଗ ଓ ଖର୍ଚ୍ଚାନ୍ତ ପାଇଁ ମନ ବଳାନ୍ତି ନାହିଁ। ଫଳରେ ବେରୋଜଗାରୀ ସମସ୍ୟା ସୃଷ୍ଟି ହୁଏ। ତେଣୁ, ଶିଳ୍ପାୟନକୁ ଅଧିକ ସମ୍ପ୍ରସାରଣ କରିବାକୁ ହେଲେ ଉତ୍ପାଦନ କ୍ଷମତାର ବୃଦ୍ଧି ଆବଶ୍ୟକ ଓ ତେଣୁ ଅତ୍ୟାଧୁନିକ ଜ୍ଞାନ କୌଶଳର ପ୍ରୟୋଗ ଯଥାର୍ଥ ଅଟେ। ତେଣୁ ଅର୍ଥନୀତି ବିଶାରଦ Schum Peterଙ୍କ ମତରେ ଆର୍ଥିକ ଅଭିବୃଦ୍ଧି ପାଇଁ ନୂଆ ନୂଆ ଉଦ୍ଭାବନାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ଅଟେ। ସୃଷ୍ଟି ହେଉଥିବା ବେକାରୀ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ହେଲେ ଆଧୁନିକ ଜ୍ଞାନ କୌଶଳର ବିକାଶ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ ଓ ଦେଶର ଅର୍ଥନୀତି ଶାଣିତ ହେବ।

ଅର୍ଥନୀତି ବିଶାରଦ Gali ଏବଂ Rabanalଙ୍କ ମତରେ ବ୍ୟବସାୟ କ୍ଷେତ୍ରର ଚାହିଦା ଓ ପୁଞ୍ଜି ଶତକଡ଼ା ୭୫ ଭାଗ ଥିବାବେଳେ ବୈଷୟିକ ଜ୍ଞାନର ସମସ୍ୟା ଶତକଡ଼ା ୨୫ ଅଟେ। Galiଙ୍କ ମତରେ ବୈଷୟିକ ଜ୍ଞାନର ପ୍ରୟୋଗ ଫଳରେ ଶ୍ରମ ଦିବସ ବାଧାପ୍ରାପ୍ତ ହୁଏ ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ନିଯୁକ୍ତି କ୍ଷେତ୍ରରେ ନକରାତ୍ମକ ଆସର ପଡ଼ିଥାଏ।

## ୧.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧. ବେକାରୀର ସଂଜ୍ଞା ଓ ଏହାର ପ୍ରକାର ଭେଦ ବର୍ଣ୍ଣନା କରନ୍ତୁ ?

୨. ଢାଞ୍ଚାଗତ ବେକାରୀ ଏବଂ ଋତୁଚକ୍ର ଜନିତ ବେକାରୀ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଦିଅନ୍ତୁ।

୩. ଭାରତର ବେକାରୀ ସମସ୍ୟାର ଚିତ୍ର ଉପରେ ଗୋଟିଏ ରଚନା ଲେଖନ୍ତୁ ?

୪. ଉତ୍କର୍ଷ ଆର୍ଥିକ ତତ୍ତ୍ୱ ଏବଂ ସୃଜନାତ୍ମକ ବେକାରୀ ତତ୍ତ୍ୱ ଉପରେ ଟିପ୍ପଣୀ ଦିଅନ୍ତୁ।

୫. ସକ୍ରିୟ ଚାହିଦା ତତ୍ତ୍ୱ ଏବଂ ବାସ୍ତବ ବ୍ୟବସାୟ ଋତୁଚକ୍ର ତତ୍ତ୍ୱ ଚିତ୍ର ଉପରେ ଆଲୋକପାତ କରନ୍ତୁ।

## ୧.୬ ସାରାଂଶ

ଏହି ୟୁନିଟ୍‌ରେ ଭାରତରେ ପରିଲକ୍ଷିତ ହୋଇଥିବା ବେକାରୀ ଚିତ୍ର ଉପରେ ବର୍ଣ୍ଣନା କରାଯାଇଅଛି । ଏହା ସହ ବେକାରୀର ପ୍ରକାର ଭେଦ ମଧରେ ମଧ ବର୍ଣ୍ଣନା କରାଯାଉଅଛି । ଏହି ୟୁନିଟ୍‌କୁ ଅଧ୍ୟୟନ କଲା ପରେ ଜଣେ ବିଦ୍ୟାର୍ଥୀ ଦେଶର ବେକାରୀ ସମସ୍ୟାର ବାସ୍ତବ ଚିତ୍ର ଉପରେ ଅବଗତ ହୋଇପାରିବେ । ଏହା ସହିତ ରାଜ୍ୟ ଏବଂ ଦେଶକୁ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବିତ କରୁଥିବା ବେକାରୀର ବିଭିନ୍ନ ତତ୍ତ୍ୱ ଗୁଡ଼ିକୁ ମଧ ଜାଣିପାରିବେ ।

## ୧.୭ ପ୍ରମୁଖ ଶବ୍ଦାବଳୀ

- **ଶ୍ରମ (Labour) :** ଦ୍ରବ୍ୟ ଏବଂ ସେବା ପାଇଁ ବିନିଯୋଗ ହେଉଥିବା ସାମଗ୍ରିକ ମାନବୀୟ ଶାରୀରିକ ଏବଂ ମାନସିକ ପ୍ରଚେଷ୍ଟା ।
- **ମଜୁରୀ (Wage) :** ଚୁକ୍ତି, ଘଣ୍ଟା, ଦୈନିକ ଅଥବା କୌଣସି କାମ ପାଇଁ ଶ୍ରମ ଓ ସେବା ବାଦରେ ନିର୍ଦ୍ଦିଷ୍ଟ ଦେୟ ।
- **ସ୍ଥାନାନ୍ତରଣ (Migration) :** ଉତ୍ତମ କାମ ଓ ଉନ୍ନତ ଜୀବନ ଶୈଳୀର ଅନୁସନ୍ଧାନ ପାଇଁ ଗୋଟିଏ ଅଞ୍ଚଳ ବା ଦେଶରୁ ଅନ୍ୟ ଅଞ୍ଚଳ ବା ଦେଶକୁ ଗମନା ଗମନ କରୁଥିବା ଲୋକମାନଙ୍କର ପ୍ରକ୍ରିୟା ।
- **ସଙ୍ଘଠିତ କ୍ଷେତ୍ର (Organised Sector) :** ନୀତି ନିୟମ ଦ୍ୱାରା ଆବଦ୍ଧ ସରକାର ଓ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସହ ସଂଲଗ୍ନ କ୍ଷେତ୍ର ।
- **ଅଣ-ସଙ୍ଘଠିତ କ୍ଷେତ୍ର (Un-Organised Sector) :** ସରକାରଙ୍କର ନୀତି ନିୟମ ଦ୍ୱାରା ସଂଲଗ୍ନ ହୋଇ ନଥିବା କ୍ଷେତ୍ର
- **ଜଗତୀକରଣ (Globalization) :** ଯେଉଁ ଉଦ୍ୟୋଗ ଅଥବା ସଂସ୍ଥା ଆନ୍ତର୍ଜାତିକ ପ୍ରଭାବରେ ପ୍ରଭାବିତ ହୁଅନ୍ତି ଏବଂ ସମ୍ପୃକ୍ତ ସ୍ତରରେ କାର୍ଯ୍ୟରତ ।
- **ଶିଳ୍ପାୟନ (Industrialization) :** ମୁଖ୍ୟତଃ କୃଷିକ୍ଷେତ୍ରରୁ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରକୁ ପରିବର୍ତ୍ତନ ହେଉଥିବା ଆଂଶିକ ଧାରା ଓ ଅଧିକ ଉତ୍ପାଦନ ପାଇଁ ଶ୍ରମିକ ନିଯୁକ୍ତି ବଦଳରେ ଯନ୍ତ୍ରର ବ୍ୟାପକ ବ୍ୟବହାରକୁ ଶିଳ୍ପାୟନ କୁହାଯାଏ ।

## ୧.୮ ସହାୟକ ଗ୍ରନ୍ଥସୂଚୀ


- http://www.economicsdiscussion.net/articles/main-causes-of-unemployment-in-india/2281
- http://www.sociologydiscussion.com/essay/unemployment-essay/essay-on unemployment-in-india-causes-consequences-and-remedies/2730

# ଦ୍ୱିତୀୟ ଏକକ :
# ଭାରତରେ ଗ୍ରାମାଞ୍ଚଳ ବେକାରୀ ସମସ୍ୟାର କାରଣ ଏବଂ ପରିଣାମ

**ବିଷୟ ଗଠନ :**


୨.୦ ପଠନର ଉଦ୍ଦେଶ୍ୟ

୨.୧ ବେକାରୀ ସମସ୍ୟାର କାରଣ

୨.୨ ବେକାରୀ ସମସ୍ୟାର ପରିଣାମ

୨.୩ ଜଗତୀକରଣ ଏବଂ ବେକାରୀ ସମସ୍ୟା

୨.୪ ବେକାରୀ ସମସ୍ୟାର ସମାଧାନ ପାଇ ପ୍ରତିକାର

୨.୫ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଏବଂ ଭାରତର ବେକାରୀ ସମସ୍ୟା ଉପରେ ଏହାର ପ୍ରଭାବ

୨.୬ ସାରାଂଶ

୨.୭ ପ୍ରମୁଖ ଶବ୍ଦାବଳୀ

୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୨.୯ ସହାୟକ ଗ୍ରନ୍ଥସୂଚୀ


## ୨.୦ ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍‌କୁ ଅଧ୍ୟୟନ କଲାପରେ ଆପଣ ନିମ୍ନଲିଖିତ ପ୍ରସଙ୍ଗ ସମ୍ପର୍କରେ ଅବଗତ ହେବେ।

- ଭାରତର ଗ୍ରାମାଞ୍ଚଳରେ ପରିଲକ୍ଷିତ ହେଉଥିବା ବେକାରୀ ସମସ୍ୟାର କାରଣ ଓ ପରିଣାମ
- ଜଗତୀକରଣ ସହ ବେକାରୀ ସମସ୍ୟାର ସଂପର୍କ ଓ ଭାରତରେ ଏହାର ପ୍ରଭାବ

## ୨.୧ ବେକାରୀ ସମସ୍ୟାର କାରଣ

ଭାରତରେ ଉକ୍ତ ବେକାରୀ ସମସ୍ୟାର ପ୍ରମୁଖ କାରଣଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା।

୧) **ଜନସଂଖ୍ୟାର ବିସ୍ଫୋରଣ :** ଭାରତରେ ଉକ୍ତ ବେକାରୀ ସମସ୍ୟାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ୧୯୫୦ ମସିହାର ପ୍ରାରମ୍ଭରୁ ଆରମ୍ଭ ହୋଇଥିବା ଉଦ୍‌ବେଗଜନକ ଜନସଂଖ୍ୟା ବୃଦ୍ଧି ଫଳରେ ପରିଣାମ ସ୍ୱରୁପ ଶ୍ରମିକମାନଙ୍କ ସଂଖ୍ୟା ମଧ ବୃଦ୍ଧି ପାଇଆସୁଅଛି। ପରିସଂଖ୍ୟାନରୁ ଜଣାଯାଏ, ବାର୍ଷିକ ଶତକଡା ୨.୫ ହାରରେ ଜନସଂଖ୍ୟାର ଅଭିବୃଦ୍ଧି ଘଟିବାରୁ ଦେଶରେ ୪ ନିୟୁତ ବେକାରୀ ସୃଷ୍ଟି ହେଉଅଛନ୍ତି। ବାସ୍ତବରେ ଏତେ ସଂଖ୍ୟକ ବେକାରୀମାନଙ୍କୁ ନିଯୁକ୍ତି ଦେବା ଏକ କଷ୍ଟକର ପ୍ରସଙ୍ଗ ଅଟେ। ଜନସଂଖ୍ୟାର ଅଭିବୃଦ୍ଧି ପ୍ରତ୍ୟେକ୍ଷ ଭାବରେ ବେକାରୀ ସମସ୍ୟା ସୃଷ୍ଟି କରିବା ସହ ଶ୍ରମିକମାନଙ୍କ ସଂଖ୍ୟା ମଧ ଆଶାତୀତ ଭାବରେ ବୃଦ୍ଧି ପାଉଅଛି। ଏହାର କାରଣ ହେଉଛି ଦେଶର ବେକାରୀମାନଙ୍କ ତୁଳନାରେ ନିଯୁକ୍ତିର ସୁଯୋଗ ଅତ୍ୟନ୍ତ ନୈରାଶ୍ୟଜନକ ଅଟେ।

ଯଦି ଦେଶରେ ନିଯୁକ୍ତିର ସମ୍ଭାବନାକୁ ବ୍ୟାପକ କରାଯାଇପାରିବ, ତାହାଲେ ବେକାରୀ ସମସ୍ୟାର ସମାଧାନ ସମ୍ଭବ ହେବ। ବାସ୍ତବରେ ଏହି ଉତ୍କଟ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ହେଉଥିବା ନିଯୁକ୍ତି କ୍ଷେତ୍ର ପ୍ରଶସ୍ତ ନୁହେଁ। ଫଳରେ ଦିନକୁ ଦିନ ଦେଶର ବେକାରୀ ସମସ୍ୟା ଉଗ୍ରରୂପ ଧାରଣ କରୁଅଛି। ଭାରତ ଭଳି ଏକ ଜନବହୁଳ ଦେଶରେ ଜନସଂଖ୍ୟାର ଅଭିବୃଦ୍ଧି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରୁଅଛି। ଏହି ବେକାରୀମାନଙ୍କୁ ରୋଜଗାରୀ କରିବା ପାଇଁ ଅତିରିକ୍ତ ସମ୍ବଳ, ଯତ୍ନ, ବଂଚିବାର କୌଶଳ ଏବଂ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପଡିବ। ସେମାନଙ୍କର ଦୈନନ୍ଦିନ ଆବଶ୍ୟକତାକୁ ପୁରଣ କରିବ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ, ପିଇବାପାଣି, ବିଦ୍ୟୁତ୍, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପାଇଁ ଅଧିକ ସମ୍ବଳ ଆବଶ୍ୟକ। ତେଣୁ ଜନସଂଖ୍ୟାର ଆଶାତୀତ ବୃଦ୍ଧ ସରକାରଙ୍କର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଉଅଛି।

୨) **ସୀମିତ ଜମି :** ଜମି ହେଉଛି ମଣିଷକୁ ପ୍ରକୃତିର ଅନବଦ୍ୟ ଦାନ। ଏହା ସର୍ବଦା ସ୍ଥିର ଏବଂ ଜନସଂଖ୍ୟାର ଅଭିବୃଦ୍ଧି ପରି ନୁହେଁ। ଯେହେତୁ ଭାରତରେ ଜନସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଇଅଛି, ସେହିପରିମାଣରେ ଜମି ବୃଦ୍ଧି ପାଉନାହିଁ। ଜମି ସ୍ଥିର କିନ୍ତୁ ଜନସଂଖ୍ୟା ଅସ୍ଥିର। ଫଳରେ ଚାଷଜମି ଆଜି ଚାପଗ୍ରସ୍ତ। ଭାରତରେ ଗ୍ରାମାଞ୍ଚଳରେ ବାସ କରୁଥିବା ଅଧିକାଂଶ ଲୋକ ସେମାନଙ୍କର ଜୀବନଜୀବିକା ପାଇଁ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଜନସଂଖ୍ୟା ତୁଳନାରେ ଜମି କମ୍ ଥିବାରୁ ଏହି ଅବସ୍ଥା କୃଷି ଉପରେ ନିର୍ଭରଶୀଳ ଅଧିକାଂଶ ଲୋକଙ୍କୁ ବେରୋଜଗାରୀ କରିଅଛି।

୩) **ଋତୁ ନିର୍ଭରଶୀଳ କୃଷି :** ଗ୍ରାମାଞ୍ଚଳରେ କୃଷି ହେଉଛି ନିଯୁକ୍ତିର ଏକମାତ୍ର କ୍ଷେତ୍ର। ଅଧିକନ୍ତୁ ଏହି ଅଞ୍ଚଳରେ ଅଧିକାଂଶ ଲୋକ ପରୋକ୍ଷଭାବରେ ବା ପ୍ରତ୍ୟେକ୍ଷ ଭାବରେ କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ। ବାରତର କୃଷିକାର୍ଯ୍ୟ ଋତୁଚକ୍ର ଉପରେ ନିର୍ଭରଶୀଳ। ବର୍ଷକର ନିର୍ଦ୍ଦିଷ୍ଟ ଋତୁରେ କୃଷିକ୍ଷେତ୍ର, ଗ୍ରାମାଞ୍ଚଳ ଲୋକଙ୍କୁ ନିଯୁକ୍ତି ଦିଏ। ଉଦାହରଣ ସ୍ୱରୁପ, କେବଳ ବୁଣିବା ଏବଂ ଅମଳ ସମୟରେ ଲୋକମାନଙ୍କୁ ସଂପୂର୍ଣ୍ଣ ଭାବରେ ନିଯୁକ୍ତି ମିଳୀଥାଏ। କିନ୍ତୁ ଅମଳର ପରବର୍ତ୍ତୀ ଋତୁ କିମ୍ବା ବୁଣିବାର ପୂର୍ବବର୍ତ୍ତୀ ଋତୁରେ ସାଧାରଣତଃ ଲୋକମାନେ ବେକାର ହୁଅନ୍ତି। ଫଳରେ ସେମାନଙ୍କର ଜୀବନଜୀବିକା ବାଧାପ୍ରାପ୍ତ ହୁଏ।

୪) **ବିଖଣ୍ଡିତ ଜମି :** ଭାରତରେ ଜନସଂଖ୍ୟାର ବୃଦ୍ଧି ହେତୁ ଚାଷଜମି ଚାପଗ୍ରସ୍ତ ଏବଂ ବିଖଣ୍ଡିତ। ଫଳରେ, କୃଷିକାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଉଅଛି। ତେଣୁ ଏହି କ୍ଷେତ୍ରରେ ନିର୍ଭରଶୀଳ ଲୋକ ସାଧାରଣତଃ ବେକାର ହୁଅନ୍ତି। ଏହି ସମସ୍ୟା ଯେଗୁ ଉତ୍ପାଦନ କ୍ଷୟ ହେବା ସହ ଗ୍ରାମାଞ୍ଚଳରେ ବେକାରୀ ଏବଂ ଦାରିଦ୍ର୍ୟ ବଢି ଚାଲିଅଛି।

୫) **କୃଷିକ୍ଷେତ୍ରରେ ପୁରୁଣା ପ୍ରଣାଳୀର ପ୍ରୟୋଗ :** ଭାରତରେ ଚାଷକାର୍ଯ୍ୟ ଅତ୍ୟନ୍ତ ପଛୁଆ। ଆଜି ପର୍ଯ୍ୟନ୍ତ ଗ୍ରାମାଞ୍ଚଳର କୃଷକଚାଷର ପୁରୁଣା ପ୍ରଣାଳୀକୁ ବ୍ୟବହାର କରୁଛନ୍ତି। ଫଳରେ କୃଷକମାନ୍‌କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ସେମାନେ ଉତ୍ତମ ଖାଦ୍ୟ ପାଉନାହାନ୍ତି କିମ୍ବା ପିଲାମାନଙ୍କୁ ଶିକ୍ଷିତ କରିବାକୁ ସମର୍ଥ ନୁହଁନ୍ତି। ଏହି ସମସ୍ୟା ବେକାରୀ ସୃଷ୍ଟି କରୁଅଛି।

୬) **କୁଟୀରଶିଳ୍ପର ଅବକ୍ଷୟ :** ଭାରତର ଗ୍ରାମାଞ୍ଚଳରେ ବାସକରୁଥିବା ଭୂମିହୀନ ଲୋକମାନଙ୍କ ପାଇଁ କୁଟୀରଶିଳ୍ପ ଥିଲା ଜୀବନଜୀବିକା ପାଇଁ ଏକମାତ୍ର ପନ୍ଥା। ସେମାନେ ବିଭିନ୍ନ କିସମର କୁଟୀରଶିଳ୍ପ ଉପରେ ପେଟ ପାଇଁ

ନିର୍ଭରଶୀଳ ଥିଲେ । କିନ୍ତୁ ବର୍ତ୍ତମାନ, ଶିଳ୍ପାୟନ ଫଳରେ ସେମାନଙ୍କର ଜୀବନଜୀବିକା ସଂକଟପୂର୍ଣ୍ଣ । ବାସ୍ତବରେ ଉତ୍ପାଦନ ପ୍ରକ୍ରିୟାରେ ସେମାନେ ଆଧୁନିକ କଳକାରଖାନା ତୁଳନାରେ ବହୁ ପଛରେ । ଫଳରେ ଗ୍ରାମାଞ୍ଚଳରେ ଗଢିଉଠିଥିବା କୁଟୀରଶିଳ୍ପଗୁଡିକ ରୁଗ୍ଣ ହୋଇ ଆସ୍ତେ ଆସ୍ତେ ବନ୍ଦ ହେବାକୁ ବସିଲାଣି । ଏହି କାରଣ ଯୋଗୁଁ, ଗ୍ରାମାଞ୍ଚଳର ବେକାର ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ଧାରଣ କରିବାକୁ ବସିଛି ।

୭) **ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି :** ଭାରତରେ ପ୍ରଚଳିତ ଥିବା ଦୈନନ୍ଦିନ ଶିକ୍ଷା ପଦ୍ଧତି ତ୍ରୁଟିପୂର୍ଣ୍ଣ ଏବଂ କେବଳ ଶ୍ରେଣୀଗୃହରେ ଆବଦ୍ଧ । ଏହାର ଅସଲ ଉଦ୍ଦେଶ୍ୟ ହେଉଛି କେବଳ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା । ଆଧୁନିକ ଶିକ୍ଷା କର୍ମ ଉପରେ ଆଧାରିତ ନୁହେଁ କେବଳ ସ୍ନାତକ ଉପରେ ପର୍ଯ୍ୟବେଶିତ । ଏହା ତ୍ରୁଟିପୂର୍ଣ୍ଣ, କାରଣ ବୈଷୟିକ ଜ୍ଞାନ ଉପରେ ଆଧାରିତ ନୁହେଁ, ସାଧାରଣ ଜ୍ଞାନ ଉପରେ ପର୍ଯ୍ୟବେଶିତ । ତେଣୁ ବୈଷୟିକ ଜ୍ଞାନର ଅଭାବରୁ ଛାତ୍ରଛାତ୍ରୀମାନେ ବେରୋଜଗାର ହୋଇ ଘରେ ବସୁ ଅଛନ୍ତି । ଆତ୍ମନିଯୁକ୍ତି ପାଇଁ ଅସମର୍ଥ । ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ହିଁ ବାସ୍ତବରେ ବେକାରୀ ସମସ୍ୟାକୁ ଜଟିଳ କରି ରଖିଅଛି । Gunnar Myrdal ମତରେ ଭାରତେ ଶିକ୍ଷାନୀତି ମାନବ ସମ୍ବଳର ବିକାଶ ପଥରେ ପ୍ରତିବନ୍ଧକ ସୃଷ୍ଟି କରୁଅଛି । ଏହାର ଉଦ୍ଦେଶ୍ୟ ହେଉଛି କେବଳ ସିରାଣୀ, ନିମ୍ନ ଶ୍ରେଣୀର ଅଧିକାରୀ, ସରକାରୀ ଏବଂ ବେସରକାରୀ ସଂସ୍ଥା ପାଇଁ ସୃଷ୍ଟି କରିବା । ତେଣୁ ଏହି ଆଧାରରେ ସଂପ୍ରସାରଣ ହେଉଥିବା ଶିକ୍ଷାନୁଷ୍ଠାନଗୁଡିକ କେବଳ ବେକାରୀ ସୃଷ୍ଟି କରିବା ଅନିବାର୍ଯ୍ୟ । କଳା, ବିଜ୍ଞାନ ଓ ବାଣିଜ୍ୟ ଶିକ୍ଷା ଉତ୍ପାଦନମୁଖୀ ଉଦ୍ଦେଶ୍ୟର ଊର୍ଦ୍ଧ୍ୱରେ ଥିବାରୁ ନିଯୁକ୍ତିର ପଥକୁ ସଙ୍କୁଚିତ କରୁଅଛି ତାଙ୍କ ମତରେ ଏହି ଶିକ୍ଷା ଗ୍ରହଣ କରୁଥିବା ଯୁବକଯୁବତୀ କେବଳ ସଂପୂର୍ଣ୍ଣ ଭାବରେ ଶିକ୍ଷିତ ନୁହଁନ୍ତି ସେମାନେ ମଧ୍ୟ ଶିକ୍ଷାର ଭୁଲ ରାସ୍ତା ଦେଇ ଗତି କରୁ ଅଛନ୍ତି । ତାଙ୍କର ସମାଲୋଚନା ଭାରତୀୟ ଶିକ୍ଷା ବ୍ୟବସ୍ଥା ପାଇଁ ପ୍ରଯୁଜ୍ୟ ଅଟେ । ଯଦି ଦେଶରେ ପ୍ରଚଳିତ ଥିବା ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତିର ସୁଧାର ଆସିବ । ତାହେଲେ ଦେଶର ଉତ୍କଟ ବେକାରୀ ସମସ୍ୟା ଲାଘବ ହେବ, ଯେଉଁ ଶିକ୍ଷା ଉତ୍ତମ ଭାବରେ ମାନବ ସମ୍ବଳର ବିକାଶ ପାଇଁ ଅସମର୍ଥ, ସେହି ଶିକ୍ଷା ଗ୍ରହଣ କରିଥିବା ଛାତ୍ରଛାତ୍ରୀ ନିଶ୍ଚିତ ଭାବରେ ବେରୋଜଗାରୀ ହେବେ । ତେଣୁ ଶିକ୍ଷାପଦ୍ଧତିର କ୍ରାନ୍ତିକାରୀ ପରିବର୍ତ୍ତନ ଆବଶ୍ୟକ ।

୮) **ଅନୁନ୍ନତ ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥା :** ବିଶେଷ ଭାବରେ ଗ୍ରାମାଞ୍ଚଳରେ ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ । ତେଣୁ ଯୋଉଁ ଲୋକମାନେ କୃଷି କ୍ଷେତ୍ରରେ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଛନ୍ତି । ସେମାନେ ଘରେ ବେରୋଜଗାରୀ ହୋଇ ବସୁଛନ୍ତି । କାରଣ ଗ୍ରାମର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହୁଥିବାରୁ ଜୀବନଜୀବିକା ପାଇଁ କୌଣସି ବେପାର ବାଣିଜ୍ୟ କରିବାକୁ ଅସମର୍ଥ ହେଉଛନ୍ତି । ବାଣିଜ୍ୟ ବ୍ୟବସାୟର ଅଭିବୃଦ୍ଧି ପାଇଁ ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥାର ବିକଳ୍ପ ନାହିଁ । ଯେହେତୁ ଭାରତର ଗ୍ରାମଗୁଡିକରେ ଏହି ବ୍ୟବସ୍ଥାର ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ । ତେଣୁ ବେରୋଜଗାରୀଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଅଛି ।

୯ ) **ଅଭାବି ନିଯୁକ୍ତି ଯୋଜନା :** ଜନସଂଖ୍ୟା ବୃଦ୍ଧି ସହ ସରକାରଙ୍କର ନିଯୁକ୍ତି ଯୋଜନା ତାଳଦେଇ ଚାଲି ପାରୁ ନାହିଁ । ଦେଶରେ ବାର୍ଷିକ ଦୁଇ ଲକ୍ଷ ଲୋକ ଅବସ୍ଥିତ ଜନସଂଖ୍ୟା ସହ ସାମିଲ ହେଉଛନ୍ତି । କିନ୍ତୁ ସେହି ଅନୁପାତରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ । ଫଳରେ ନିଯୁକ୍ତି ସୁଯୋଗ ଏବଂ ଜନସଂଖ୍ୟାର ଅଭିବୃଦ୍ଧି

ମଧ୍ୟରେ ବିରାଟ ପାର୍ଥକ୍ୟ ସୃଷ୍ଟି ହେଉଅଛି । ଅନ୍ୟପକ୍ଷରେ ସମସ୍ତଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ସାରକାରଙ୍କ ପାଇଁ ସଂପୂର୍ଣ୍ଣ ଅସମ୍ଭବ । ସରକାର ମଧ୍ୟ ଏହି ଉତ୍କଟ ସମସ୍ୟାକୁ ସମାଧାନ ପାଇଁ ଯଥେଷ୍ଟ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି । ତ୍ରୁଟିପୂର୍ଣ୍ଣ ନିଯୁକ୍ତି ନୀତି ମଧ୍ୟ ଏହି ସମସ୍ୟାକୁ ଅଧିକାରୁ ଅଧିକ ଜଟିଳ କରୁଅଛି । ଫଳରେ ଦିନକୁ ଦିନ ଦେଶରେ ବେରୋଜଗାରୀ ସମସ୍ୟା ଅତି ଉତ୍କଟ ହେବାକୁ ଯାଉଅଛି ।

**୧୦ ) ଯୁବକ ଯୁବତୀମାନଙ୍କ ମଧ୍ୟରେ ସୂଚନା ନେଟୱାର୍କ ଏବଂ ଯୋଗାଯୋଗର ଅଭାବ :** ବିଶେଷ ଭାବରେ ଅଭାବୀ ପରିବାରରେ ଆମ ଦେଶରେ ଅନେକ ଯୁବକ ଯୁବତୀ, ସେମାନଙ୍କର ସମ୍ଭଳପୂର୍ଣ୍ଣ କ୍ୟାରିୟରକୁ ଅଧ୍ୟୟନ କରିବାକୁ ଅସମର୍ଥ, କାରଣ ସେମାନଙ୍କର ଜ୍ଞାନପୁଞ୍ଜି ଉପରେ ଧାରଣା ନାହିଁ । ସ୍କୁଲ ସମୟକୁ ବୃହତ୍ତର ଭବିଷ୍ୟତ ପାଇଁ ସଠିକ୍ ଭାବରେ ବିନିଯୋଗ କରୁ ନାହାଁନ୍ତି । ପାରମ୍ପରିକ ଜ୍ଞାନର ପରିଧି ଭିତରେ ଆବଦ୍ଧ ରହୁଥିବାରୁ ନୂଆ ଦୁନିଆ, ଜ୍ଞାନ, ନିଯୁକ୍ତିର ସୁବିଧା ସୁଯୋଗକୁ ହାତ କରିବା ପାଇଁ ସେମାନେ ଅସମର୍ଥ । ଏପରିକି ଶ୍ରମ ବଜାରର ଚାହିଦା ବୁଝିବାକୁ ସେମାନେ ଅଯୋଗ୍ୟ କିମ୍ବା ସମଯୋପଯୋଗୀ ମାନବସମ୍ଭଳର ଚାହିଦା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଯେଉଁ ତାଲିମ ଦରକାର ସେଥିପ୍ରତି ଉଦାସୀନ ।

**୧୧) କାର୍ଯ୍ୟସ୍ଥଳ ପାଇଁ ଆବଶ୍ୟକ ଦକ୍ଷତାର ଅଭାବ :** ଯେଉଁ ଯୁବକମାନେ କେବଳ ସାଧାରଣ କିମ୍ବା ଅଣ ବୈଷୟୀକଜ୍ଞାନ ଉପରେ ପର୍ଯ୍ୟବେଶିତ ଶିକ୍ଷା ଆହାରଣ କରୁଛନ୍ତି, ସେମାନେ ନିଜକୁ ନିଯୁକ୍ତି ବଜାରରେ ପ୍ରତିଷ୍ଠିତ କରିବାକୁ ସମ୍ପୂର୍ଣ୍ଣଭାବରେ ଅସମର୍ଥ ହେଉଛନ୍ତି । ଆଂଶିକ ଭାବରେ ସ୍କୁଲର ତ୍ରୁଟିପୂର୍ଣ୍ଣ ପାଠ୍ୟକ୍ରମ, ଶିକ୍ଷାପଦ୍ଧତି ଓ କର୍ମଚାରୀ ମଧ୍ୟରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ଦାୟୀ ଅଟେ । ଯୁବକଯୁବତୀମାନଙ୍କ ପାଇଁ "ଏକବିଂଶ ଶତାବ୍ଦୀର କାର୍ଯ୍ୟସ୍ଥଳ ଦକ୍ଷତା" ଏକ ଅପହଞ୍ଚ ଇଲାକା ଅଟେ । ତେଣୁ ସେମାନଙ୍କୁ ଏକବିଂଶ ଶତାବ୍ଦୀର ଆହ୍ୱାନକୁ ଗ୍ରହଣ କରିବାକୁ ହେଲେ ସହଯୋଗ, ଯୋଗାଯୋଗ, ଅଭିନବ ଭାବନା ଏବଂ ସୃଜନଶୀଳତା ଉପରେ ଗୁରୁତ୍ୱ ଦେବାକୁ ପଡିବ ।

**୧୨) ବୈଷୟୀକଜ୍ଞାନର ଅଭାବ :** ଭାରତରେ ପୁଞ୍ଜୀର ଏକ ଅଭାବୀ ଚିତ୍ର ରହିଅଛି, କିନ୍ତୁ ଶ୍ରମଶକ୍ତିର ଅଭାବ ନାହିଁ । ଏହି ପରିସ୍ଥିତିରେ ଯଦି ବଜାର ବ୍ୟବସ୍ଥା ଅବାଧମୁକ୍ତ ଏବଂ ଦକ୍ଷତାର ସହ କାର୍ଯ୍ୟ କରେ ତାହେଲେ ଉତ୍ପାଦନ ପାଇଁ ଶ୍ରମଭିତ୍ତିକ ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଦେବାକୁ ପଡିବ । ସେଥିପାଇଁ ଶିଳ୍ପ ସହ କୃଷିକ୍ଷେତ୍ରକୁ ଗୁରୁତ୍ୱ ଦେଲେ ଉତ୍ପାଦନକର୍ତ୍ତା ଉତ୍ସାହିତ ହେବେ । ପାଶ୍ଚାତ୍ୟର ଦେଶଗୁଡିକରେ ସମ୍ଭଳର ଅଭାବ ନାହିଁ । ଉତ୍ପାଦନ ପାଇଁ ସେଠାରେ ସ୍ୱୟଂଚାଳିତ ଯନ୍ତ୍ର ବ୍ୟବହାର କରାଯାଏ । କିନ୍ତୁ ଭାରତବର୍ଷରେ ଶ୍ରମଶକ୍ତି ଥିବାରୁ ବେରୋଜଗାରୀଙ୍କ ସଂଖ୍ୟା ବୃଦ୍ଧି ପାଉଅଛି ।

W.A. Leswis ଙ୍କ ମତରେ, ଯେଉଁ ଦେଶଗୁଡିକର ଅଣକୁଶଳୀ ଶ୍ରମିକଙ୍କ ସଂଖ୍ୟା ଅଧିକ ସେଠାରେ ବୈଷୟୀକ ଜ୍ଞାନପ୍ରୟୋଗ ଉପରେ ଗଭୀର ଚିନ୍ତା କରିବା ଆବଶ୍ୟକ, କାରଣ ଏହି ପରିସ୍ଥିତିରେ ଶ୍ରମିକର ମଜୁରୀ ପ୍ରକୃତ ପରିଶ୍ରମ ପାଖରେ ଯଥେଷ୍ଟ ନୁହେଁ, ଯଦି ଅଧିକ ଶ୍ରମିକ ନିୟୋଜିତ କରି କମ୍ ପାରିଶ୍ରମିକ ପ୍ରକଳ୍ପ ଚାଲୁରଖାଯାଏ, ତା'ହେଲେ ଏହା ଉତ୍ତମ ବିତ୍ତୀୟ ବିଚାର ନୁହେଁ । Lewies ଙ୍କ ମତରେ ପ୍ରକଳ୍ପରେ କମ୍ ମଜୁରୀ ଦେଇ ବେଶୀ ଶ୍ରମିକମାନଙ୍କୁ ନିଯୁକ୍ତି କରି ଅଧିକ ଉତ୍ପାଦନ କରିବା ପୁଞ୍ଜିପତିମାନଙ୍କ ପାଇଁ ଲାଭଜନକ ହୋଇପାରେ, କିନ୍ତୁ ଏହି ବ୍ୟବସ୍ଥା ସମାଜ ପାଇଁ ଅମଙ୍ଗଳ ଅଟେ ।

## ୨.୨ ବେକାରୀ ସମସ୍ୟାର ପରିଣାମ

ବେକାରୀ ମଣିଷ ମନରେ ହତାଶ, ଅସୁଖ (ଦୁଃଖ) ଏବଂ ହତୋତ୍ସାହ ସୃଷ୍ଟି କରେ। ଏହି ଅବସ୍ଥା ଜୀବନଶୈଳୀରେ ନକାରାତ୍ମକ ପ୍ରଭାବ ପକାଇଥାଏ।

ବେକାରୀ ଜୀବନ ଯୁବକଯୁବତୀମାନଙ୍କୁ ଦୁର୍ଦ୍ଦିନକୁ ବାଟ କଢାଇଥାଏ। ଏହି ସମସ୍ୟା ଜାତୀର ଏବଂ ଆନ୍ତର୍ଜାତୀୟ ଅର୍ଥନୀତି ଉପରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ।

ବେକାରୀ ସମସ୍ୟା ଯୁବକଯୁବତୀମାନଙ୍କ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ କରେ। ସେମାନଙ୍କର ବାଲ୍ୟଶିକ୍ଷା ଦୁର୍ବଳ ହୋଇଥାଏ। ଫଳରେ ନିଜ ଉପରେ ବିଶ୍ୱାସ ହରାଇ ବସନ୍ତି, ଶ୍ରମବଜାର ନିଜକୁ ଅନୁପଯୁକ୍ତ ମନେ କରନ୍ତି ଏବଂ ଜୀବନ ତମାମ ଦୁଃଖରେ କାଳାତିପାତ କରନ୍ତି।

ବେକାରୀ ସମସ୍ୟା କେବଳ ଜଣେ ଯୁବକଯୁବତୀକୁ ପ୍ରଭାବିତ କରେନାହିଁ। ତା'ର ପରିବାରକୁ ମଧ୍ଯ ଦୀର୍ଘମିଆଦୀ ସୂତ୍ରରେ ଦୁଃଖ ଦିଏ। ଏହି ସମସ୍ୟାର ପରିଣାମ ନିମନରେ ବର୍ଣ୍ଣନା କରାଗଲା। ସେଗୁଡିକ ହେଲା, ଯଥା -

୧) **ମାନସିକ ସ୍ୱାସ୍ଥ୍ୟ :** ମାନସିକ ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ହେଲା, ନିଜ ଉପରେ ବିଶ୍ୱାସର ଅଭାବ, ନିଜକୁ ହୀନମନେ କରିବା, ସର୍ବଦା ମାନସିକ ଅଶାନ୍ତିରେ ବୁଡି ରହିବା ଏବଂ ନୈରାଶ୍ୟରେ ଜୀବନଯାପନ କରିବା। ଯେତେବେଳେ ଲୋକମାନେ ଆୟରୁ ବଞ୍ଚିତ ହୁଅନ୍ତି, ସେମାନଙ୍କ ମନରେ ବୈରାଗ୍ୟଭାବ ଉପନୀତ ହୁଏ। ସେମାନଙ୍କର ମନରେ ଜୀବନରେ ନୈରାଶ୍ୟଭାବନା ସୃଷ୍ଟି ହୁଏ ଏବଂ ଚିନ୍ତାଗ୍ରସ୍ତ ହୋଇ ଜୀବନର ସ୍ୱାଦକୁ ଉପଭୋଗ କରିବାକୁ ବଞ୍ଚିତ ହୁଅନ୍ତି। ବାରମ୍ବାର ଅଶାନ୍ତି ଦ୍ୱାରା ଆତ୍ମମର୍ଯ୍ୟାଦା ହରାଇ ଅପରିପକ୍ୱତା, ନୈରାଶ୍ୟ ଏବଂ ଲାଞ୍ଛିତ ଭାବରେ ଜୀବନ ଅତିବାହିତ କରନ୍ତି।

୨) **ସ୍ୱାସ୍ଥ୍ୟ ସମସ୍ୟା :** ଆର୍ଥିକ ଦୂରାବସ୍ଥା ଏବଂ ବିଭିନ୍ନ ସମସ୍ୟା ଯୋଗୁ ବେକାରୀମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦିଏ। ପରିବାରର ସଦସ୍ୟମାନଙ୍କୁ ରୋଗରୁ ଭଲ କରିବା ପାଇଁ ପଡୋଶୀମାନଙ୍କ ପାଖରୁ ଅଧିକ ସୁଧରେ ଟଙ୍କା ଆଣିବାକୁ ପଡେ। ସେ ଚାପଗ୍ରସ୍ତ ହୁଏ ଏବଂ ରୋଗ ତା'ର ପିଛା ଛାଡେ ନାହିଁ। ଗବେଷଣାରୁ ଜଣାଯାଏ ଯେ, ବେକାରୀମାନଙ୍କର ଜୀବନଶୈଳୀ ଉତ୍ତମ ସ୍ୱାସ୍ଥ୍ୟ ବିରୋଧୀ। ସେମାନେ ଅତ୍ୟଧିକ ମଦ୍ୟପାନ କରନ୍ତି। ସିଗାରେଟ୍ ସେବନ କରନ୍ତି। ଶାସୀରିକ ପରିଶ୍ରମ ପ୍ରତି ବିମୁଖ। ଏବଂ ଅତ୍ୟନ୍ତ ବିପର୍ଯ୍ୟସ୍ତ ଜୀବନଶୈଳୀକୁ ଆଲିଙ୍ଗନ କରନ୍ତି। ଫଳରେ ସେମାନଙ୍କର ରକ୍ତରେ କୋଲେଷ୍ଟ୍ରାଲ ଅଣନିୟୋଜିତ ହୋଇଥାଏ, ବେକାରୀ ଜୀବନ ସହ ମନସ୍ତାତ୍ତ୍ୱିକ ସମସ୍ୟା। ଏହି ବର୍ଗର ଲୋକମାନଙ୍କୁ କେବଳ ଚାପଗ୍ରସ୍ତ କରି ନ ଥାଏ, ଆତ୍ମହତ୍ୟ କରିବା ପାଇଁ ମଧ୍ୟ ହତୋତ୍ସାହିତ କରିଥାଏ।

୩) **ଗୃହରେ ଅଶାନ୍ତି :** ସମାଜର ସବୁ ଦ୍ୱନ୍ଦ୍ୱର ଜନନୀ ହେଉଛି ବେକାରୀ ସମସ୍ୟା। ଆର୍ଥିକ ଦୂରାବସ୍ଥା ପାଇଁ ପ୍ରତି ପରିବାରରେ ସ୍ୱାମୀ ସ୍ତ୍ରୀ ଏବଂ ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ବାରମ୍ବାର କଳହ ସୃଷ୍ଟି ହୁଏ। ଦୈନନ୍ଦିନ ଘରେ କଳହ ଓ ଯୁକ୍ତି ଫଳରେ ଆଶାନ୍ତି ସୃଷ୍ଟି ହୁଏ, ଫଳରେ ବିବାହବିଚ୍ଛେଦ ବୃଦ୍ଧିପାଏ। ଯେତେବେଳେ କୌଣସି ପରିବାରର ମୂଖ୍ୟ ରୋଜଗାରକ୍ଷମ ବ୍ୟକ୍ତି କୌଣସି କାରଣରୁ କାର୍ଯ୍ୟରୁ ନିବୃତ୍ତ ହୁଏ, ତା'ର

ପ୍ରଭାବ ସମ୍ପୂର୍ଣ୍ଣ ଭାବରେ ପରିବାର ଉପରେ ପରିଲକ୍ଷିତ ହୋଇଥାଏ। ତେଣୁ ଏକ ସ୍ଥାୟୀ ଆୟପନ୍ଥା ହିଁ ପରିବାର ପାଇଁ ଶାନ୍ତି ଓ ଆନନ୍ଦ ଆଣେ। ଯେତେବେଳେ ସ୍ଥାୟୀ ଆୟପନ୍ଥା ବାଟମାରଣା ହୁଏ, ସେହି ପରିସ୍ଥିତିରେ ପରିବାରରେ ଆର୍ଥିକ ନିରାପତ୍ତା ବିପନ୍ନ ହେବା ସହ ସଦସ୍ୟମାନଙ୍କ ମଧ୍ୟରେ ସାମାଜିକ ଏବଂ ମନସ୍ତାତ୍ତ୍ୱିକ ପ୍ରଭେଦ ସୃଷ୍ଟି ହୋଇଥାଏ। ବେକାରୀ ସମସ୍ୟାର କାରଣ ଯାହା ହେଉନା କାହିଁକି, ଜଣେ ବ୍ୟକ୍ତି ପାଇଁ ଏହି ଅବସ୍ଥା ଅତ୍ୟନ୍ତ ବେଦନାଦାୟକ, ଯାହାକି ପ୍ରତ୍ୟେକ୍ଷ ଅଥବା ପରୋକ୍ଷ ଭାବରେ ତା'ର ପରିବାରର ସୁଖ ଓ ସମୃଦ୍ଧିକୁ ବ୍ୟାଘାତ କରେ।

୪) **ରାଜନୈତିକ କାରଣ :** ତ୍ରୁଟିପୂର୍ଣ୍ଣ ରାଜନୈତିକ ନୀତି ଏବଂ ପ୍ରଶାସନର ଅପରିଣାମଦର୍ଶିତା ଯୋଗୁଁ ଯିବକଯୁବତୀମାନେ ଦୀର୍ଘଦିନ ଧରି ବେକାରୀଜୀବନ ଅତିବାହିତ କରିଅଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ନିରାଶ ଏବଂ ହତାଶାଭାବ ସୃଷ୍ଟି ହେଉଅଛି। ବେକାର ଯୋଗୁଁ ବହୁ ଯୁବକ ଏବଂ ଯୁବତୀ ନକ୍ସଲ ଆନ୍ଦୋଳନରେ ସାମିଲ ହୋଇ ସରକାରଙ୍କୁ ହରଡଘଣାରେ ପକାଉଛନ୍ତି। ଏତଦ୍‌ବ୍ୟତୀତ ଦେଶର ସଂରକ୍ଷଣ ନୀତି ଉଚ୍ଚଶିକ୍ଷିତ ଯୁବକଯୁବତୀମାନଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି କରୁଅଛି। ସେମାନଙ୍କର ଯୁକ୍ତି ହେଲା, ସରକାରୀ ତ୍ରୁଟିପୂର୍ଣ୍ଣ ନୀତି ହିଁ ଦେଶରେ ବୌଦ୍ଧିକବନ୍ଧ୍ୟା ପାଇଁ ଦାୟୀ। ତେଣୁ ସେମାନେ ନିଜ ଦେଶରେ ଉପଯୁକ୍ତ ନିଯୁକ୍ତିରୁ ବଞ୍ଚିତ ହେବାରୁ ଅନ୍ୟ ଦେଶକୁ ଯିବାକୁ ପଶ୍ଚାତ୍‌ପଦ ହେଉନାହାଁନ୍ତି। ତେଣୁ ଦେଶରେ ରାଜନୈତିକ ଅସ୍ଥିରତା ପାଇଁ ବେକାରୀ ଯୁବକଙ୍କର ପ୍ରଶାସନ ଏବଂ ସରକାରଙ୍କ ଉପରେ ଥିବା ନକାରାତ୍ମକ ଭାବନା ହିଁ ଅଟେ।

୫) **ଅସଙ୍ଗତିର ବ୍ୟବସ୍ଥା :** ବେକାରୀ ସମସ୍ୟା ଯୋଗୁଁ ମଧ୍ୟ କରଦାତାଙ୍କ ମନରେ ବୈରାଗ୍ୟଭାବ ସୃଷ୍ଟି ହେଉଅଛି। ଯେହେତୁ ସରକାର ଏହି ଉତ୍କଟ ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଅନ୍ୟ ଆବଶ୍ୟକ କରୁଅଛନ୍ତି। ସେଥିପାଇଁ ବରମ୍ଭାର କର ବସାଇବା ପାଇଁ ବାଧ୍ୟ ହେଉଛନ୍ତି, ଫଳରେ କରଦାତାମାନଙ୍କ ଦ୍ୱାରା ଆର୍ଥିକ ହନ୍ତସନ୍ତ ହେଉଛନ୍ତି ଓ ବିଭିନ୍ନ ମାର୍ଗରେ ଅସନ୍ତୋଷ ପ୍ରକଟ କରୁ ଅଛନ୍ତି।

୬) **ପରିବାରର ସଦସ୍ୟମାନଙ୍କ ମଧ୍ୟରେ ନିରାପତ୍ତାର ଅଭାବ :** ବେକାରୀ ସମସ୍ୟା ମଧ୍ୟ ନିଶ୍ଚିତ ଭାବରେ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି କରୁଅଛି। ଜଣେ ବେକାରୀ ସଦସ୍ୟ ନିଜର ପେଟପାଟଣା ପାଇଁ ରୋଜଗାରୀ ସଦସ୍ୟଙ୍କ ଉପରେ ନିର୍ଭରଶୀଳ ହେଉଅଛନ୍ତି। ଯଦି କୌଣସି ପରିବାରରେ ବେରୋଜଗାରୀଙ୍କ ସଂଖ୍ୟା ରୋଜଗାରୀଙ୍କଠାରୁ ଅଧିକ ହେଉଛୀ, ସେହି ପରିବାରରେ ଶାନ୍ତି ଓ ସମୃଦ୍ଧି ବାଧାପ୍ରାପ୍ତ ହେଉଛି। ପ୍ରଚଳିତ ବେକାରୀ ସମସ୍ୟା ତତ୍ ଜନିତ ବେକାରୀମାନଙ୍କର ନିଜର ଓ ପାରିବାରିକ ଦୁଃଖ ଏବଂ ବେଦନା ରୋଜଗାରୀମାନଙ୍କୁ ନିଜଘରେ ଅସୁରକ୍ଷିତ ରଖୁଅଛି।

୭) **ଅପରାଧ ଏବଂ ହିଂସା :** ବେକାରୀ ସମସ୍ୟା ଅଧିକାଂଶ କ୍ଷେତ୍ରରେ ସମାଜରେ ସୃଷ୍ଟି ହେଉଥିବା ଅପରାଧ ଏବଂ ହିଂସା ପାଇଁ ପ୍ରତ୍ୟେକ୍ଷ ଅଥବା ପରୋକ୍ଷ ଭାବରେ ଦାୟୀ। ଏହି ସମସ୍ୟା ବ୍ୟକ୍ତିର ମାନବିକ ସଂପର୍କକୁ କ୍ଷୁର୍ଣ୍ଣ କରିବା ସହ ଲିଙ୍ଗଗତ ପାର୍ଥକ୍ୟକୁ ମଧ୍ୟ ଉତ୍ସାହିତ କରୁଅଛି। ଏହି ତଥ୍ୟ ବେକାରୀ ସମସ୍ୟା ସହ ଅଧାରିତ ଲେଖାଗୁଡିକରୁ ମିଳେ। ବେକାରୀ ଅଥବା ଅନିୟମିତ ନିଯୁକ୍ତି ପାଇଁ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଦେଖିବାକୁ ମିଳେ। ଯୁବକଯୁବତୀମାନେ ଏହି ସମସ୍ୟା ଦ୍ୱାରା ଆକ୍ରାନ୍ତ ହୋଇ ସମସ୍ତ ହିତାହିତ ଜ୍ଞାନ ହରାଇ ସମାଜରେ ବିଭିନ୍ନ ଅପରାଧ ମୂଳକ କାର୍ଯ୍ୟ ସହ ସାମିଲ ହୁଅନ୍ତି।

୮) **ଆତ୍ମହତ୍ୟା ବୃଦ୍ଧି :** ୨୦୦୯ରୁ ୨୦୧୧ ମସିହାରେ ଆତ୍ମହତ୍ୟା କରିଥିବା ଯୁବକଯୁବତୀମାନଙ୍କର ପ୍ରମୁଖ ରାଜ୍ୟ ଗୁଡିକ ଥିଲା - ପଶ୍ଚିମବଙ୍ଗ, ତାମିଲନାଡୁ, ମହାରାଷ୍ଟ୍ର ଏବଂ ଗୁଜୁରାଟ । ଏହିସବୁ ରାଜ୍ୟଗୁଡିକରେ ଯଥାକ୍ରମେ ୧୩୯୬, ୯୯୪, ୮୩୪ ଓ ୭୬୫ ଜଣେ ଆତ୍ମହତ୍ୟା କରିଥିଲେ । ପଶ୍ଚିମବଙ୍ଗରେ ୨୦୧୧ ମସିହାରେ ୫୦୮ଜଣ ଆତ୍ମହତ୍ୟା କହିଥିଲେ । ବିଶ୍ୱ ମାନ୍ଦାବସ୍ଥାର ପ୍ରଭାବ ଭାରତରେ ଅନୁଭୂତ ହୋଇଥିଲା । ଫଳରେ ବେକାରୀ ସମସ୍ୟା ଉତ୍କଟ ହେଲା । ଲକ୍ଷ ଲକ୍ଷ ଲୋକ ବେରୋଜଗାରୀ ହୋଇପଡିଲେ ଫଳରେ ଆତ୍ମହତ୍ୟାର ଧାରା ବଢିଚାଲିଲା । ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଯୁବକ । କାରଣ ଘରେ ଅଳସୁଆ ଭାବରେ ବସିବା ଦ୍ୱାରା, ସେମାନଙ୍କର ମନ ଆତ୍ମହତ୍ୟାପ୍ରବଣ ହୋଇଥିଲା । ତେଣୁ ଏହି ସମସ୍ୟାକୁ ସମାଧାନ କରିବାକୁ ଦେଶରେ ଆର୍ଥିକ ସଂସ୍କାର ଅଣାଯାଇ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ । ବିଭିନ୍ନ ସରକାର ଏହି ଗୁରୁତର ସମସ୍ୟାକୁ ସମାଧାନ କରିବା ଉଦ୍ଦେଶ୍ୟରେ ବେସରକାରୀକରଣ ଓ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜିଲଗାଣ (FDI) କୁ ଉତ୍ସାହିତ କରୁଅଛନ୍ତି । ବଡ ଦୁଃଖର ବିଷୟ ଦେଶର ବିରୋଧୀ ଦଳଗୁଡିକ କେବଳ ବିରୋଧୀ ମାନସିକତାକୁ ନେଇ ସରକାରଙ୍କର ନୀତିକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ଫଳରେ ଦେଶରେ ବେକାରୀ ସମସ୍ୟାର ସମାଧାନ ବାଟରେ ପ୍ରତିବନ୍ଧକ ସୃଷ୍ଟି ହେଉଅଛି ।

୯) **ଜୀବନଧାରଣ :** ବେରୋଜଗାର ସମୟରେ କାର୍ଯ୍ୟ ପାଇଁ ପ୍ରତିଯୋଗିତା ସାଙ୍ଗକୁ ବ୍ୟକ୍ତିର କ୍ରୟଶକ୍ତି ହ୍ରାସ ପାଇଥାଏ । ତେଣୁ, ତା'ର ଆୟ ଓ ଦରମା ହ୍ରାସ ଘଟିବାରୁ ଜୀବନ ଧାରଣର ମାନ ହ୍ରାସ ପାଉ । ବେକାରୀ ଯୋଗୁଁ ଜଣେ ବ୍ୟକ୍ତିର ଜୀବନଧାରଣକୁ ତିନି ଗୋଟି ପ୍ରସଙ୍ଗ ସହ ଯୋଡା ଯାଇପାରେ । ଯଥା - ମନସ୍ତାତ୍ତ୍ୱିକ ପ୍ରଭାବ, ସ୍ୱାସ୍ଥ୍ୟଜନିତ ବ୍ୟବହାର ଏବଂ ଜୀବନ ଚର୍ଯ୍ୟା, ଦାରିଦ୍ର୍ୟ ଯୋଗୁଁ ସେ ସୁଷମ ଖାଦ୍ୟ ଓ ବାସଗୃହ କିଣିବା ପାଇଁ ଅସମର୍ଥ ହେବା ସହ ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହେ ନାହିଁ । ବେକାରୀ, ପରୋକ୍ଷ ଭାବରେ ଜଣେ ବୃକ୍ତିର ସ୍ୱାସ୍ଥ୍ୟ ଅବସ୍ଥାରେ ପ୍ରତିକୂଳ ପ୍ରଭାବ ପକାଇଥାଏ, କାରଣ ସେ ଆର୍ଥିକ ଦୃଷ୍ଟିରୁ ରୁଗ୍‌ଣ ହୁଏ । ଫଳରେ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଅକ୍ଷମ ହୋଇଥାଏ । ତେଣୁ କାର୍ଯ୍ୟ ରହିତ ବ୍ୟକ୍ତିର ସ୍ୱାସ୍ଥ୍ୟ କ୍ୱଚିତ୍ ଭଲ ରୁହେ । ଦାରିଦ୍ର୍ୟ ଯୋଗୁଁ ତା'ର ସ୍ୱସସ୍ଥ୍ୟ ଜନିତ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହୁଏ ।

୧୦) **ନିଯୁକ୍ତିଗତ ବ୍ୟବଧାନ :** ବେଳେବେଳେ ନିଯୁକ୍ତି  ନିଯୁକ୍ତିଦାତାଙ୍କର ଆଶା ଆକାଂକ୍ଷାକୁ ପୂରଣ କରିବାକୁ ଅସମର୍ଥ ହୁଅନ୍ତି । ଯୋହେତୁ ନିଯୁକ୍ତଙ୍କର ନିଯୁକ୍ତି ମାଲିକଙ୍କର ଦୟା ଓ ଅନୁକମ୍ପା ଉପରେ ନିର୍ଭରଶୀଳ, ତେଣୁ ତାଙ୍କୁ ନିଯୁକ୍ତି ରହିତ ହୋଇ ଘରେ ବସିବାକୁ ପଡେ । ପୁନର୍ବାର ନିଯୁକ୍ତି ପାଇବା ତାଙ୍କ ପାଇଁ ଅସମ୍ଭବ କିମ୍ବା ସମୟ ସାପେକ୍ଷ ଅଟେ । ନିଯୁକ୍ତିରହିତ ଘରେ ବସିବା ପ୍ରକ୍ରିୟାକୁ ନିଯୁକ୍ତିଦାତାମାନେ ନକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତି । ବାସ୍ତବରେ ବ୍ୟକ୍ତିର ଏହି ପ୍ରକ୍ରିୟାରେ କୌଣସି ଦୋଷ ନ ଥାଏ । ସେ ନିଜର ଦକ୍ଷତାକୁ ପ୍ରମାଣିତ କରିବା ପାଇଁ ସୁବିଧା ସୁଯୋଗ ପାଆନ୍ତି ନାହିଁ । ଫଳରେ ଦୀର୍ଘଦିନ ପରେ ନିଜର ଦକ୍ଷତାକୁ ହରାଇ ବସନ୍ତି ।

୧୧) **ବେକାରୀ ଯୋଗୁଁ ଆର୍ଥିକ ଅବନତି :** ବେକାରୀ ଯୋଗୁଁ ବ୍ୟକ୍ତି, ସମାଜ ଏବଂ ଷ୍ଟର ଆର୍ଥିକ ଧାରାରେ ଅବନତି ପରିଲକ୍ଷିତ ହୁଏ । ଦୀର୍ଘଦିନ ଧରି ବେକାରୀ ରହିବା ଫଳରେ ଜଣେ ବ୍ୟକ୍ତିର ଦକ୍ଷତାର ଅବନତି

ଘଟେ । ପ୍ରତିଭାର ଗଜାମରୁଡି ହୁଏ । ସେହି ସମୟରେ ବେକରୀ ଜୀବନର ଅନୁଭୂତ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ବ୍ୟକ୍ତିର ଭବିଷ୍ୟତକୁ ଅନ୍ଧକାର ଆଡକୁ ଟାଣି ନେଉଥାଏ । ଦୀର୍ଘଦିନ ଧରି କାର୍ଯ୍ୟରହିତ ହେଲେ ବ୍ୟକ୍ତିଟି ତାର ଶୈକ୍ଷିକ ଓ ତାଲିମପ୍ରାପ୍ତ ଜ୍ଞାନରୁ ଦୂରେଇ ଯାଇଥାଏ । ତେଣୁ ସାଧାରଣତଃ ଲୋକମାନେ ପଇସା ଖର୍ଚ୍ଚ କରି ଦକ୍ଷତା ବିକାଶ ପାଇଁ ତାଲିମ ନେବାକୁ ପଶ୍ଚାତପଦ ହୁଅନ୍ତି ।

ବିଶ୍ୱର ଅନେକ ରଷ୍ଟ୍ରରେ ସରକାର ବେରୋଜଗାରୀମାନଙ୍କ ପାଇଁ କେତେକ ସୁବିଧା ସୁଯୋଗ ଯୋଗାଇଛନ୍ତି । ଯଦି ଜଣେ ବ୍ୟକ୍ତି ବେରୋଜଗାରୀ କିମ୍ବା କାର୍ଯ୍ୟକ୍ଷମ ନୁହେଁ, ତା' ହେଲେ ସରକାରଙ୍କ ଉପରେ ଆର୍ଥିକ ବୋଝ ଅଧିକ ହୁଏ (ସରକାର ଆର୍ଥିକ ବୋଝରେ ଭାରାକ୍ରାନ୍ତ ହୁଅନ୍ତି) ।

ତେଣୁ ରଷ୍ଟ୍ରଗୁଡିକ ଆୟର କ୍ଷୟକ୍ଷତି କିମ୍ବା ଉତ୍ପାଦନ ହ୍ରାସ ଉପରେ ଗୁରୁତ୍ୱ ଦେବା ସହ ଅତିରିକ୍ତ ବ୍ୟୟ ଉପରେ ମଧ୍ୟ ନଜର ରଖିବା ଉଚିତ୍ ।

୧୨) **ଦୁର୍ବଳ କ୍ରୟଶକ୍ତି :** ଦୀର୍ଘମିଆଦୀ ବେକାରୀ ପରିସ୍ଥିତି ଜଣେ ବ୍ୟକ୍ତିର କ୍ରିୟଶକ୍ତିକୁ ହ୍ରାସ କରିଥାଏ । ନିଯୁକ୍ତିହାର ବୃଦ୍ଧି ସହ ବ୍ୟକ୍ତି ଦରମାଯୁକ୍ତହେଲେ ରଷ୍ଟ୍ରର ଅର୍ଥନୀତି ଚଳଚଞ୍ଚଳ ହୁଏ । ଯଦି ଅଧିକ ଲୋକ ନିଯୁକ୍ତି ପାଇବେ ଏବଂ ଅଧିକ ଅର୍ଥ ରୋଜଗାର କରିବେ, ତା'ହେଲେ ଅଧିକ ଅର୍ଥ ଖର୍ଚ୍ଚ କରିବେ ଓ ରଷ୍ଟ୍ରର ଆୟ ମଧ୍ୟ ବୃଦ୍ଧି ପାଇବ । ନିଯୁକ୍ତି ଗୋଟିଏ ରଷ୍ଟ୍ର ମୁଦ୍ରାକୁ ସୁଦୃଢ କରେ ନାହିଁ । ଜଣେ ବ୍ୟକ୍ତି ଏବଂ ତା'ର ପରିବାରର କ୍ରୟଶକ୍ତି ହ୍ରାସ ପାଇବା ଦ୍ୱାରା ସେ ନିଜକୁ ଜାତୀୟ ସ୍ରୋତରୁ ବିଚ୍ୟୁତ ହେବା ପରି ହୃଦବୋଧ କରେ ।

## ୨.୩ ଜଗତୀକରଣ ଏବଂ ବେକାରୀ ସମସ୍ୟା

ବର୍ତ୍ତମାନ ଜଗତୀକରଣ ଯୋଗୁଁ ବେକାରୀ ସମସ୍ୟା ଗୁରୁତର ହେବାକୁ ଯାଉଅଛି । ଉଦାହରଣ ସ୍ୱରୂପ - ଉତ୍ପାଦନ ଏବଂ ଅନ୍ୟ ଦେଶକୁ ଆଉଟ ସୋରସିଂ ଯୋଗୁଁ ଆମେରିକା ଅର୍ଥନୀତିରେ ଉତ୍କଟ ଢାଞ୍ଚାଗତ ବେକାରୀ ସମସ୍ୟା ହୋଇଅଛି । ୧୯୮୦ ମସିହାରେ ଡଲାର ଅବପାତ, ବିଶ୍ୱବଜାରରେ ଯୁକ୍ତରାଷ୍ଟ୍ର ଆମେରିକାର ରପ୍ତନୀ ଉପରେ  ରୋକ ଲଗାଇଅଛି । ଫଳରେ ଦେଶର ରପ୍ତାନୀ ଭିତ୍ତିକ ଶିଳ୍ପ ରୁଗ୍ଣ ହେବା ଫଳରେ ଶ୍ରମିକମାନେ ବେରୋଜଗାରୀ ହୋଇଛନ୍ତି । ଅନ୍ୟପକ୍ଷରେ ଡଲାରର ମୂଲ୍ୟ ହ୍ରାସ ଫଳରେ ଆମେରିକାର ଅନ୍ୟରଷ୍ଟ୍ରଠାରୁ ଆମଦାନୀ ମଧ୍ୟ ବୃଦ୍ଧିପାଇଅଛି । ଏହା ଫଳରେ ଦେଶର ବେରୋଜଗାରୀ ମଧ୍ୟ ବୃଦ୍ଧି ପାଇଅଛି । ବର୍ତ୍ତମାନ ଆମେରିକାର ଡଲାରର ମୂଲ୍ୟ ବିଶ୍ୱର ପ୍ରମୁଖ ମୁଦ୍ରା ତୁଳନାରେ ହ୍ରାସ ପାଇଉଅଛି । ତେଣୁ ଦେଶର ରପ୍ତନୀ ସାମଗ୍ରୀ ବିଶ୍ୱସ୍ତରରେ ଶସ୍ତା ହୋଇଅଛି । ତେଣୁ ରପ୍ତାନୀ ବୃଦ୍ଧି ସମୟରେ ଆମଦାନୀ ଅଧିକ ବ୍ୟୟବହୁଳ ହେଉଥିବାରୁ ଦେଶରେ ବେକାରୀ ସଂଖ୍ୟା ଦୃତ ହାରରେ ବୃଦ୍ଧି ପାଉଅଛି । ବିଗତ ଦୁଇ ଦଶନ୍ଧି ବିତରଣ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହାର ଖର୍ଚ୍ଚ ହ୍ରାସ ପାଇଅଛି (ତୈଳଦର ବୃଦ୍ଧି ପୂର୍ବରୁ) । ୨୦୦୭ ମସିହାର ମାନ୍ଦାବସ୍ଥା ପୂର୍ବରୁ ମଜୁରୀ ଏବଂ କରହାର  ଲଗାତର ଭାବରେ ବୃଦ୍ଧିପାଇ ଆସୁଅଛି । ତେଣୁ ବହୁରଷ୍ଟ୍ରୀୟ କମ୍ପାନୀମାନଙ୍କୁ ସହାୟକ ହେଉଅଛି । କାରଣ ନିଜର ଉତ୍ପାଦନ ସାମଗ୍ରୀଗୁଡିକୁ ବିଦେଶୀ ରଷ୍ଟ୍ରରେ ଥିବା ପ୍ରସ୍ତୁତକର୍ତ୍ତାଙ୍କୁ ଆଉଟସୋସିଂ କରୁଛନ୍ତି । ଯୁକ୍ତରଷ୍ଟ୍ର ଆମେରିକା ତୁଳନାରେ ଯେଉଁ ବିଦେଶୀ କମ୍ପାନୀଗୁଡିକ

କଳକାରଖାନା ସ୍ଥାପନ କରୁଅଛନ୍ତି । ଫଳରେ ଦେଶର ବେକାରୀ ସମସ୍ୟା ବୃଦ୍ଧି ପାଇଉଅଛି । ଉଦାହରଣ ସ୍ୱରୂପ - ଆମେରିକାରେ ଥିବା ମିଚିଗାନ ଏବଂ ଓଡିଶା ରାଜ୍ୟର ଥିବା କାରାଖାନାଗୁଡିକରେ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଉଅଛି । ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ଦୀର୍ଘମିଆଦୀ ସୂତ୍ରରେ ଲାଭବାନ ହେବା ପାଇଁ ପ୍ରସ୍ତୁତ ସାମଗ୍ରୀଗୁଡିକର ମୂଲ୍ୟ ହ୍ରାସ କରୁଅଛନ୍ତି । ଏହାର ଅସଲ ଉଦ୍ଦେଶ୍ୟ ହେଉଛି, ଶ୍ରମଶକ୍ତିକୁ ସଙ୍କୁଚିତ କରିବା । ଦେଶରେ ଢାଞ୍ଚଗତ ବେରୋଜଗାରୀଙ୍କ ସଂଖ୍ୟା ବୃଦ୍ଧି ପାଇଅଛି । ଜାତୀୟକରଣ ଯୋଗୁଁ ଭାରତ, ଚୀନ୍ ଏବଂ ବ୍ରାଜିଲ ଭଳି ଦେଶଗୁଡିକର ଆର୍ଥିକ ଅଭିବୃଦ୍ଧି ହାର ବୃଦ୍ଧି ପାଇଅଛି । ଆଜି ଏହି ରାଷ୍ଟ୍ରଗୁଡିକ ଯୁକ୍ତରାଷ୍ଟ୍ର ଆମେରିକାକୁ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦୀତାରେ ଟକ୍କର ଦେବାକୁ ସମର୍ଥ ଏବଂ ବିଶ୍ୱବଜାରକୁ ନିଜର ନିୟନ୍ତ୍ରଣକୁ ଆଣିବାକୁ ସକ୍ଷମ ହୋଇଛନ୍ତି । ଫଳରେ ଆମେରିକାର ରପ୍ତାନୀ ପ୍ରକ୍ରିୟା ଉପରେ ନକାରାତ୍ମକ ପ୍ରଭାବ ପଡୁଅଛି ଓ ଦେଶରେ ବେରୋଜଗାରୀଙ୍କ ସଂଖ୍ୟା ବୃଦ୍ଧି ପାଇଅଛି । ଜଗତିକରଣ ଫଳରେ ଅନେକ ଦେଶର ମଧ୍ୟ ଜାତୀୟ ଆୟ ବୃଦ୍ଧି ପାଇଅଛି । ଏହା ଆଜି ବିଶ୍ୱରେ ଏକ ପ୍ରତିଦ୍ୱନ୍ଦୀତାର ବାତାବରଣ ସୃଷ୍ଟି କରିଅଛି । ଫଳରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ଉତ୍ପାଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଅଛନ୍ତି ।

## ୨.୪ ବେକାରୀ ସମସ୍ୟାର ସମାଧାନ ପାଇଁ ପ୍ରତିକାର

ଏହି ଉତ୍କଟ ସମସ୍ୟାକୁ ସମାଧାନ ପାଇଁ ପ୍ରତିକାରଗୁଡିକ ହେଲା । ଯଥା -

୧) **କୁଟୀରଶିଳ୍ପକୁ ପ୍ରୋତ୍ସାହନ :** ଭାରତର ଗ୍ରାମାଞ୍ଚଳର ଆର୍ଥିକ ଅଭିବୃଦ୍ଧି ପାଇଁ କୁଟୀରଶିଳ୍ପଗୁଡିକର ଉଲ୍ଲେଖନୀୟ ଅବଦାନ ରହିଅଛି । ଏହା ଦେଶର ଆର୍ଥିକ ବିକାଶ ପାଇଁ ଏକ ପ୍ରମୁଖ ମାଧ୍ୟମ ଅଟେ ଏବଂ ବହୁସଂଖ୍ୟକ ବେରୋଜଗାରୀଙ୍କୁ କାର୍ଯ୍ୟକ୍ଷମ କରିବା ସହ ମହାନ୍ ଭାରତୀୟ ଧାରାକୁ ଉଜ୍ଜିବୀତ କରିଆଏ । ଏହି ଶିଳ୍ପ ଜାତ ଦ୍ରବ୍ୟ କେବଳ ଦେଶକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ ନାହିଁ ବିଶ୍ୱବଜାରରେ ଉନ୍ନତମାନର ପ୍ରଦର୍ଶନ କରି ଖାଉଟୀମାନଙ୍କର ଆସ୍ଥାଭାଜନ ଲାଭ କରିଅଛି । ଭାରତୀୟ ସଂସ୍କୃତିର ଛାପକୁ ପ୍ରସ୍ତୁତ ଦ୍ରବ୍ୟଗୁଡିକରେ ରୂପାୟନ କରି ବିଦେଶୀ ଦ୍ରବ୍ୟଗୁଡିକର ବଜାରକୁ ମଧ୍ୟ ନିୟନ୍ତ୍ରତ କରୁଅଛି ।

ଭାରତୀୟ ବ୍ୟବସ୍ଥାରେ କୁଟୀର ଓ ଗ୍ରାମୀଣ ଶିଳ୍ପଗୁଡିକ କୃଷିକ୍ଷେତ୍ର ସହ ସଂପୃକ୍ତ ହୋଇ ଦେଶର ଅର୍ଥନୀତିକୁ ସମୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମୀକା ଗ୍ରହଣ କରିଅଛି । ତେଣୁ ଏହି ଶିଳ୍ପଗୁଡିକୁ ପ୍ରୋତ୍ସାହନ ଦେବା ଅନିବାର୍ଯ୍ୟ ।

ଝୁଡି, ଇଟା, ଖେଳନା, ମହମବତୀ ତିଆରି ସହ କାଠକାମ, ଚମଡାକାମ ପରି ଅନ୍ୟାନ୍ୟ ସାମଗ୍ରୀ ତିଆରି କରି ଗ୍ରାମୀଣ ବେରୋଜଗାରୀଙ୍କୁ ରୋଜଗାରକ୍ଷମ କରିବା ସହ ଜାତୀୟ ଅର୍ଥନୀତିକୁ ମଧ୍ୟ ଚଳଚଞ୍ଚଳ କରିବାକୁ ପଡିବ ।

**୨) ଶ୍ରମଭିତ୍ତିକ ଜ୍ଞାନର ପ୍ରୟୋଗ :** ଏହି ଜ୍ଞାନର ପ୍ରୟୋଗ ଦ୍ୱାରା ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଥାଏ। ଅନୁନ୍ନତରଷ୍ଟ୍ରଗୁଡିକର ଆର୍ଥିକ ସମ୍ବଳରେ ଅଭାବ ଥାଏ କିନ୍ତୁ ମାନବସମ୍ବଳରେ ଅଭାବ ନ ଥାଏ। ଏହି ରଷ୍ଟ୍ରଗୁଡିକର ପୁଞ୍ଜୀ ଶ୍ରମ ଅନୁପାତ ନିରୁତ୍ସାହଜନକ ଅଟେ। ତେଣୁ, ବେରୋଜଗାରୀ ସମସ୍ୟାର ସମାଧାନ ପାଇଁ ଶ୍ରମ ଭିତ୍ତିକ ଜ୍ଞାନର ପ୍ରୟୋଗ ନିହାତି ଜରୁରୀ ଅଟେ। ଏହା ଦ୍ୱାରା ଶ୍ରମଶକ୍ତିର ବିକେନ୍ଦ୍ରୀକରଣ ହୋଇଥଏ ଏବଂ କଳକାରଖାନା ବ୍ୟବସ୍ଥାରେ ଥିବା ପ୍ରତିବନ୍ଧକଗୁଡିକୁ ଦୂର କରିଥାଏ।ଆର୍ଥିକ ଦୃଷ୍ଟିକୋଣରୁ ବିକେନ୍ଦ୍ରୀକରଣ ସହ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି। ତେଣୁ, ଉପଭୋକ୍ତାମାନଙ୍କର ଆବଶୟକତାକୁ ଦୃଷ୍ଟିରେ ରଖି ଏହି ଜ୍ଞାନର ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ଉଚିତ୍। କାରଣ ଏହା ଶ୍ରମିକମାନଙ୍କର ଦରମା ହାର ବୃଦ୍ଧିକରେ। ଫଳରେ ଶ୍ରମିକମାନଙ୍କରକ୍ରୟଶକ୍ତି ବୃଦ୍ଧି ଘଟେ।

**୩) ବ୍ୟାପକ ଶିଳ୍ପାୟନ :** ଶିଳ୍ପାୟନ, ନିଯୁକ୍ତି ବୃଦ୍ଧି ଓ ଦାରିଦ୍ର୍ୟ ହ୍ରାସ ପାଇଁ ଅପରିହାର୍ଯ୍ୟ ଅଟେ। ବିଶେଷ କରି ବିଶ୍ୱର . ଦେଶଗୁଡିକ ଏହି ପ୍ରକ୍ରୀୟା ଦ୍ୱାରା ଉପକୃତ ହେଉଛନ୍ତି। ପ୍ରାଚୀନ କାଳରେ କେତେକ ନିର୍ଦ୍ଦିଷ୍ଟ ଦେଶଗୁଡିକର କୃଷିଭିତ୍ତିକ ଅର୍ଥନୀତି ଯେତେବେଳେ ଆଧୁନିକ ଅର୍ଥନୀତିକୁ ପ୍ରବେଶକଲା, ସେହି ସନ୍ଧିକ୍ଷଣରେ ଏହି ରଷ୍ଟ୍ରଗୁଡିକରେ ସେବାକ୍ଷେତ୍ର ତୁଳନାରେ ଶିଳ୍ପକ୍ଷେତ୍ର ଅଧିକ ଲୋକ ନିୟୋଜିତ ହେଲେ କିନ୍ତୁଲ୍ଲ ଆୟକାରୀ ରଷ୍ଟ୍ରଗୁଡିକ ଅଣ ଶିଳ୍ପାୟନ ପାଇଁ ଲାଭବାନ୍ ହୋଇନ ଥିଲେ। ଅଣକୁଶଳୀ ଶ୍ରମିକମାନଙ୍କୁ କୃଷିଯେତ୍ରରୁ ଅଧିକ ମଜୁରୀ ମିଳିଥିବା ଶିଳ୍ପ କ୍ଷେତ୍ରକୁ ସମ୍ଭବ, କିନ୍ତୁ ସେମାନଙ୍କୁ ସେବାକ୍ଷେତ୍ରକୁ ଆଶିବା ଅସମ୍ଭବ ଅଟେ। ଏହି ସେବା କ୍ଷେତ୍ରଗୁଡିକ ହେଲା ବ୍ୟାଙ୍କ, ବୀମା, ଅର୍ଥ, ଯୋଗାେ୍ଗ ଏବଂ ଆଇ.ଟି। ଏହି ସେବା କ୍ଷେତ୍ରରେ ନିଯୁକ୍ତିର ସମ୍ଭାବନା ନୈରାଶ୍ୟଜନକ ଅଟେ ଏବଂ ନିଯୁକ୍ତି ପାଇଁ ଜଣେ ବ୍ୟକ୍ତିଙ୍କୁ ସର୍ବନିମ୍ନ ଉଚ୍ଚମାଧଯ୍ୟମିକ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ। ଅନ-କୁଶଳୀ ଶ୍ରମିକମାନେ କେବଳ ସେବାକ୍ଷେତ୍ରରେ ନିଯୁକ୍ତି ପାଇଁ ଯେ୍ାଗ୍ୟ ଅଟନ୍ତି। ସେଗୁଡିକ ହେଲା ବାଣିଜ୍ୟ, ବିତରଣ, ଯାତ୍ରୀ ପରିବହନ ଓ ନିର୍ମାଣକ୍ଷେତ୍ର। ଯେଉଁଠାରେ କି ମଜୁରୀ ଏବଂ ଉତ୍ପାଦନ ଉତ୍ସାହଜନକ ନୁହେଁ। ଅନ୍ୟପକ୍ଷରେ ପାରମ୍ପରିକ ଶ୍ରମଭିତ୍ତିକ କଳକାରଖାନାରେ ବିଶେଷ କରି ଯେଉଁଠାରେ ବସ୍ତ୍ର ଏବଂ ଯୋତା ପ୍ରସ୍ତୁତ ହୋଇଥାଏ, ସେଠାରେ କୁଶଳୀ ଶ୍ରମିକମାନଙ୍କ ଚାହିଦା ଥାଏ। ଶିଳ୍ପ କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ବେରୋଜଗାରୀ ସମସ୍ୟାକୁ ଦୂର କରିବାକୁ ହେଲେ ଶୈକ୍ଷିକ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ। ଏହାର ଅର୍ଥ ହେଉଛି, ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାଗୁଡିକର ସମ୍ପ୍ରସାରଣ ସହ ନୂତନ ଶିଳ୍ପସଂସ୍ଥାଗୁଡିକର ପ୍ରତିଷ୍ଠା। ବିଶେଷ କରି କେତେକ ମୌଳିକ ଶିଳ୍ପ, ଯଥା - ଲୁହା ଓ ଇସ୍ପାତ, ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତ ସଂସ୍ଥା, ରାସାୟନିକଶକ୍ତି ଓ ଆଣବିକ ସଂସ୍ଥା ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେବା ଉଚିତ୍।

**୪) ଜନସଂଖ୍ୟା ନିୟନ୍ତ୍ରଣ :** ବିକାଶଶୀଳ ରଷ୍ଟ୍ରଗୁଡିକର ଅଧିକାଂଶ ଲୋକ ନିରକ୍ଷର ଅଟନ୍ତି। ଅନେକ ପିଲା ସ୍କୁଲ ବାରଣ୍ଡା ମଧଯ୍ୟ ମାଡି ନ ଥାନ୍ତି। ଆଜି ଯାଏ ସବୁ ପିଲାମାନଙ୍କ ପାଇଁ ସ୍କୁଲ ଏକ ଅପହଞ୍ଚ ଇଲାକା ଅଟେ। ତେଣୁ ଦେଶରେ ନିରକ୍ଷରଙ୍କ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଇବାକୁ ଲାଗିଛି। ଏହା ମାନବ ସମ୍ବଳର ଅପଚୟର ଏକ ଦୃଷ୍ଟାନ୍ତ ଅଟେ। ଅଧିକ ଶିକ୍ଷିତ ବ୍ୟକ୍ତି ଉତ୍ତମ ବୃତ୍ତି ପାଇଁ ଓ ସମ୍ମାନର ସହ ବଞ୍ଚିବା ପାଇଁ ଆଶା କରିଥାଏ। କିନ୍ତୁ ପୁଞ୍ଜି ଭିତ୍ତିକ ଅର୍ଥନୀତିର ନିଯୁକ୍ତିର ସମ୍ଭାବନା ହ୍ରାସ ପାଇଥାଏ। ଏହି ବ୍ୟବସ୍ଥା ପାରମ୍ପରିକ ବୃତ୍ତିକୁ ମଧ୍ୟ ନିରୁତ୍ସାହିତ କରିଥାଏ। ଫଳରେ ଶିକ୍ଷିତ ବେକାର ଏବଂ ନିରକ୍ଷର ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇଥାଏ ଏବଂ ମାନବ ସମ୍ବଳର ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହୁଏ।

ଭାରତରେ ଜନସଂଖ୍ୟା ଆଜି ଅତ୍ୟନ୍ତ ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଉଅଛି। ଯଦି ଏହି ଦାରାକୁ ନିୟନ୍ତ୍ରଣ କରାଯାଇ ନ ପାରେ ତା'ହେଲେ ଦେଶରୁ ବେକାରୀ ସମସ୍ୟାର ସମାଧାନ ଅସମ୍ଭବ। ତେଣୁ କୃଷି ଓ ଶିଳ୍ପ ଉତ୍ପାଦନକୁ ବୃଦ୍ଧି ପାଇଁ ପଦକ୍ଷେପ ଦେବା ଜରୁରୀ। ଏହି ପଦକ୍ଷେପଗୁଡିକ ସହ ଦେଶର ଅନୁନ୍ନତ ଅଞ୍ଚଳରେ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଭାବରେ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ସଫଳ କରିବା ଆବଶ୍ୟକ।

୫ ) **ଶିକ୍ଷା ବ୍ୟବସ୍ଥାର ନବୀକରଣ :** ବହୁ ସାମାଜିକ ବିଜ୍ଞାନୀ ଏବଂ ଗବେଷକଙ୍କ ମତରେ ଦେଶରେ ପ୍ରଚଳିତ ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଦକ୍ଷତା ସମ୍ପନ୍ନ ନାଗରିକ ସୃଷ୍ଟି କରିବାକୁ ଅସମର୍ଥ। ତେଣୁ ଶିକ୍ଷା ବ୍ୟବସ୍ଥାର ନବୀକରଣ ଆବଶ୍ୟକ। ଏହି ନୂତନ ବ୍ୟବସ୍ଥାରେ ପିଲାମାନଙ୍କୁ ବହୁମୁଖୀ ବୃତ୍ତି ପାଇଁ ତାଲିମ ଦେବାକୁ ପଡିବ। ଫଳରେ ସେମାନଙ୍କ ମନରେ ନୈରାଶ୍ୟ ଭାବ ପରିଲକ୍ଷିତ ହେବ ନାହିଁ। ସେମାନଙ୍କର ଆଗ୍ରହ ଅନୁସାରେ ରୁଚିକୁ ବ୍ୟାପକ କରିବାକୁ ପଡିବ। ଭାରତର ସହରରେ ରହୁଥିବା ଶିକ୍ଷିତ ବେକାର ଯୁବକମାନଙ୍କର ବେକାରୀ ସମସ୍ୟାକୁ ଲାଘବ କରିବା ପାଇଁ ପରିବର୍ତ୍ତିତ ଆବଶ୍ୟକ ଅନୁସାରେ ସରକାର ଶିକ୍ଷାପଦ୍ଧରେ ବିଶେଷ କରି ଗ୍ରାମାଞ୍ଚଳରେ ବାସ କରୁଥିବା ଯୁବକମାନଙ୍କର ନିଜ ପସନ୍ଦର କୁଟୀରଶିଳ୍ପ ଓ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା ପ୍ରଚଳନ କରିବା ଉଚିତ୍।

## ୨.୫ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଏବଂ ଭାରତର ବେକାରୀ ସମସ୍ୟା ଉପରେ ଏହାର ପ୍ରଭାବ

Rucha Kanloka ଙ୍କ ମତରେ ୧୯୩୦ ମସିହାର ବିଶ୍ୱମାନ୍ଦାବସ୍ଥର ମନ୍ଦ ବ୍ୟବସ୍ଥା ଓ ଆର୍ଥିକ ଦହନ ପରେ ପୁନର୍ବାର ୨୦୦୭ ମସିହାରୁ ସୃଷ୍ଟି ହୋଇଥିବା ଆର୍ଥିକ ଅଚଳ ଅବସ୍ଥା ବିଶ୍ୱ ଅର୍ଥନୀତିକୁ ଅଚଳ ଓ ପଙ୍ଗୁ କରି ଅଛି। ଏହି ଦାରୁଣ ଆର୍ଥିକ ବିପର୍ଯ୍ୟୟ ବିଶ୍ୱର ବିକଶିତ ଓ ବିକାଶଶୀଳ ରଷ୍ଟ୍ରଗୁଡିକର ଅର୍ଥନୀତିକୁ ବାରୁଦଗଦାକୁ ଟାଣି ଆଣିଛି। ଫଳରେ ମୋଟରଯାନ, ବିଦ୍ୟୁତ୍ ଉପକରଣ, ଖାଉଟି ଦ୍ରବ୍ୟ ଓ ବସ୍ତ୍ର ପ୍ରସ୍ତୁତକାରୀ ଶିଳ୍ପସଂସ୍ଥାଗୁଡିକ ରୁଗ୍‌ଣ ଏବଂ ମୃତପ୍ରାୟ।

ଜଗତୀକରଣର ରାଜୁତି ସମୟରେ ୨୦୦୭ ମସିହା ଡିସେମ୍ବର ମାସରେ ମାନ୍ଦାବସ୍ଥାର ନଗ୍ନ ଚେହେରା ପ୍ରଥମ କରି ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଭୂତ ହୋଥିଲା ପରେ ଏହା ସମଗ୍ର ଦେଶରେ କାୟା ବିସ୍ତାର କରି ବିଶ୍ୱର ଅନ୍ୟ ଦେଶଗୁଡିକୁ ମଧ୍ୟ ଆକ୍ରାନ୍ତ କରିଥିଲା।

୨୦୦୮-୦୯ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତ ଏହି ନଗ୍ନ ମାନ୍ଦାବସ୍ଥା ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥିଲା। ଫଳସ୍ୱରୂପ ୨୦୦୬-୦୭ ଆର୍ଥିକବର୍ଷରେ ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ହାର ଶତକଡା ୧୧.୨ ଥିବାବେଳେ ଏହି ଧାରାର ହ୍ରାସ ଘଟି ୨୦୦୮-୦୯ ଆର୍ଥିକବର୍ଷରେ ଶତକଡା ୩.୦ରେ ପହଁଚିଥିଲା। ମାନ୍ଦାବସ୍ଥା ଆମର ରପ୍ତାନୀଭିତ୍ତିକ ଶିଳ୍ପସଂସ୍ଥାଗୁଡିକୁ ଗୁରୁତର ଭାବରେ ପ୍ରବାବିତ କରିଥିଲା। ଫଳରେ ଅନେକ ଶ୍ରମିକ ଛଟେଇ ହେଲେ। ଭାରତରେ ରପ୍ତାନୀଭିତ୍ତିକ କେଯାତାଶିଳ୍ପଗୁଡିକ ଯେଉଁଠାରେ ୨.୫ ନିୟୁତ ଶ୍ରମିକ

ନିୟୋଜତ ହୋଇଥିଲେ ମାନ୍ଦାବସ୍ଥା ଫଳରେ ପାଖାପାଖି ୫୦ ଲକ୍ଷ ଶ୍ରମିକ ବୃତ୍ତି ହରାଇଲେ। ଏହି ଚିତ୍ର ମଧ୍ୟଆମେରିକା ଏବଂ ଇୟୁରୋପରେ ପରିଲକ୍ଷିତ ହୋଇଥିଲା। ଏହିପରି ଉଦ୍‌ବେଗଜନକ ପରିସ୍ଥିତି ମଧ୍ୟ ମଟରଯା, ହୀରା, ଗହଣା, ବସ୍ତ୍ର, ପୋଷାକ ଏବଂ କୁଟୀର ଶିଳ୍ପରେ ପରିଲକ୍ଷିତ ହୋଇଥିଲା।

ଦେଶରେ ମାନ୍ଦାବସ୍ଥାର ପ୍ରଭାବରେ ବିଭିନ୍ନ ଶିଳ୍ପ ସଂସ୍ଥାରେ ଛଟେଇ ପ୍ରକ୍ରିୟା ଚାଲୁ ରହିଲା। ସରକାରଙ୍କର ଶିଳ୍ପ ବିଭାଗର ଆକଳନ ଅନୁସାରେ କେବଳ କୁଟୀରଶିଳ୍ପ ଏବଂ ବୟନଶିଳ୍ପରେ ଯଥାକ୍ରମେ ୧୦ ଲକ୍ଷ ଏବଂ ୧୦ ଲକ୍ଷ କରି ୨୦ ଲକ୍ଷ ଶ୍ରମିକ ବୃତ୍ତିନିବୃତ୍ତ ହୋଇଥିଲେ। ଭାରତ ସରକାରଙ୍କର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରାଳୟର ଶ୍ରମ ବ୍ୟୁରୋ ନିଯୁକ୍ତି ଉପରେ ଆର୍ଥିକ ମାନ୍ଦାବସ୍ଥାର ଏକ ସର୍ଭେ କାମ ହାତକୁ ନେଇଥିଲା। ଏହି ସର୍ବେକ୍ଷଣରେ ଦେଶର ୧୧ଟି ରାଜ୍ୟର ବିଭିନ୍ନ ସ୍ଥାନର ୨୦ଟି କେନ୍ଦ୍ରର ପ୍ରମୁଖ ୮ଟି ଉଦ୍ୟୋଗର ୨୫୮୧ ୟୁନିଟ୍ ରୁ ନମୁନା ସଂଗ୍ରହ କରାଯାଇଥିଲା।

ସର୍ବେକ୍ଷଣରୁ ଜଣାଗଲା ୮ଟି ପ୍ରମୁଖ ଉଦ୍ୟୋଗରୁ ନିଯୁକ୍ତି ସଂଖ୍ୟା ୨୦୦୮ ମସିହା ସେପ୍ଟେମ୍ବର ମାସରେ ୧୬.୨ ନିୟୁତରୁ ହ୍ରାସ ପାଇ ଡିସେମ୍ବର ମାସ ସୁଧା ୧୫.୭ ନିୟୁତରେ ପହଁଚିଛି। ୨୦୦୮ ମସିହାର ଅକ୍ଟୋବର ମାସରୁ ୨୦୦୯ ମସିହାର ସେପ୍ଟେମ୍ବର ମାନସରେ କରାଯାଇଥିବା କେତେକ ବଛାବଛା ଉଦ୍ୟୋଗର ନମୁନା ସର୍ଭେରୁ ଜଣାଯାଏ ଯେ ଏହି ସମୟରେ ଦେଶରେ ଅଧିକ ୧.୫୧ଲକ୍ଷ ବେରୋଜଗାରୀ ସୃଷ୍ଟି ହୋଇଅଛନ୍ତି। ଅଧିକନ୍ତୁ ବିଶ୍ୱର ଅର୍ଥିକ ଚିତ୍ର ବଦଳିବା ସହ ବାରତ ସରକାର ଏହି ଉତ୍କଟ ସମସ୍ୟାର ସମାଧାନ ପାଇଁ ନିଯୁକ୍ତି ଭିତ୍ତିକ କାର୍ଯ୍ୟକ୍ରମମାନ ଗ୍ରହଣ କରିବାକୁ ଦେଶରେ ବେକାର ସମସ୍ୟାର ଚିତ୍ର ବଦଳିବାକୁ ଲାଗିଛି।

**ଭାରତ ସରକାର ଗ୍ରହଣ କରିଥିବା ନିଯୁକ୍ତିନୀତିର ବିଶେଷତ୍ୱ -**

ଭାରତସରକାର ଯୋଜନା ଆୟୋଗର ପ୍ରତିଷ୍ଠାଠାରୁ ଦେଶରେ ବେକାରୀ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ନୀତି ଗ୍ରହଣ କରି ଆସୁଅଛନ୍ତି। ଅର୍ଥନୀତି ବିଶାରଦ Kanolkar ଙ୍କ ମତରେ ଏହାର ବିଶେଷତ୍ୱ ଗୁଡିକ ହେଲା ଯଥା -

୧) **ବହୁମୁଖୀ ନୀତି :** ଭାରତର ବେକାରୀ ଏକ ବହୁମୁଖୀ ସମସ୍ୟା ହୋଇଥିବାରୁ ସରକାର ମଧ୍ୟ ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ସମାଧାନ ପାଇଁ ପ୍ରୟାସ କରି ଆସୁଅଛନ୍ତି।

୨) **ଆତ୍ମନିଯୁକ୍ତି ଉପରେ ଗୁରୁତ୍ୱ :** ଭାରତରେ ଶ୍ରମିକ ସଂଖ୍ୟାର ଏକ କ୍ଷୁଦ୍ର ଅଂଶ ମଜୁରୀ ଦ୍ୱାରା ଉପକୃତ ହେଉଥିବାରୁ କେବଳ ଏକ ବୃହତ୍ତ ଅଂଶ (୫୬%) ଆତ୍ମନିଯୁକ୍ତି ମାଧ୍ୟମରେ ଉପକୃତ ହେବା ପାଇଁ ସରକାର ଗୁରୁତ୍ୱଦେଉଅଛନ୍ତି। ତେଣୁ ଏହି ତିନି ମାସର ଅବଧିରେ ଦେଶର ସମୁଦାୟ ୫ ଲକ୍ଷ ଲୋକ ବୃତ୍ତି ନିବୃତ୍ତ ହୋଇଛନ୍ତି।

ଅଧିକନ୍ତୁ, ଆସନ୍ତା ଦିନଗୁଡିକ ଏହି ଛଟେଇର ଧାରା ଅଧିକରୁ ଅଧିକ ଗୁରୁତର ହେବ। ବିଶ୍ୱର ଏକ ପ୍ରତିଷ୍ଠିତ ସର୍ବେକ୍ଷଣ ସଂସ୍ଥା Citigroup ର ସଦ୍ୟତମ ତଥ୍ୟ ଅନୁସାରେ ସାରାବିଶ୍ୱରେ ଏପରି କୌଣସି ରଷ୍ଟ୍ର

ନାହିଁ, ଯେଉଁ ରାଷ୍ଟ୍ର କି ଶ୍ରମିକଛଟେଇରୁ ଉର୍ଦ୍ଧ୍ୱରେ । ବିଦେଶରୁ ନିଜ ଦେଶକୁ ଫେରୁଥିବା ଶ୍ରମିକମାନଙ୍କର ପରିସ୍ଥିତି ଭୟଙ୍କର ଅଟେ । ପୁନଶ୍ଚ ଭାରତ ପରିପ୍ରେକ୍ଷୀରେ ୨୦୦୮ ମସିହାର ଅକ୍ଟୋବରରୁ ଡିସେମ୍ବର ମାସ ମଧ୍ୟରେ ଭାରତର ଶ୍ରମିକମାନଙ୍କର ଛଟେଇ ହାର ପାଖାପାଖି ୫ ଲକ୍ଷ ଅଟେ । ଏହି ଛଟେଇ ରପ୍ତାନୀଭିତ୍ତିକ ଜିନ୍ ଗହଣା ଓ ବୟନଶିଳ୍ପ ସଂସ୍ଥାର ମୁଖ୍ୟତଃ ପରିଲକ୍ଷିତ ହୁ । ଏହି ପରିସଂଖ୍ୟାନ କେବଳ ସଂଗଠିତ ଉଦ୍ୟୋଗରୁ ସଂଗ୍ରହ କରାଯାଇଅଛି, ଯାହାକି ଦେଶର ଶ୍ରମଶକ୍ତିର ମାତ୍ର ଶତକଡା ୧୦ ଭାଗ ଅଟେ, ଯାହାକି ପାଖାପାଖି ୩୮୫ ନିୟୁତ ।

ଭାରତ ସରକାରଙ୍କର ପରିସଂଖ୍ୟାନ ଅନୁସାରେ ଦେଶର ବେକାରୀସଂଖ୍ୟା ଶତକଡା ୮.୨ ହେଲେ ହେଁ ଗ୍ରାମାଞ୍ଚଳରେ ବାସ କରୁଥିବା ବେକାରୀମାନଙ୍କୁ ଆକଳନ କଲେ ଏହାର ଅନୁପାତ ବୃଦ୍ଧିଘଟିବ । ଅଧିକନ୍ତୁ ବିଶ୍ୱ ମାନ୍ଦାବସ୍ଥା ଓ ଭାରତରେ ଆର୍ଥିକ ମନ୍ଥରତା ପାଇଁ ୨୦୦୯-୧୦ ଆର୍ଥିକ ବର୍ଷରେ ନିଯୁକ୍ତିର ହାର ନୈରାଶ୍ୟଜନକ ଥିଲା । ଏହି ପରିସଂଖ୍ୟାଂ କେବଳ ଭାରତ ସରକାରଙ୍କର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରାଳୟର ଶ୍ରମିକଚ୍ୟୁତିର ତଥ୍ୟ ଉପରେ ଆଧାରିତ । ତେଣୁ ଦେଶର ଏହି ଆର୍ଥିଖ ମାନ୍ଦାବସ୍ଥାକୁ ସରକାର ଅତି ଗୁରୁତର ସହ ବିଚାରକୁ ନେଇଅଛନ୍ତି ।

ଏହି ଯୋଜନା ପାଇଁ ବେରୋଜଗାରୀମାନଙ୍କର ଦକ୍ଷତା ବିକାଶ ପାଇଁ ତାଲିମ, ରିହାତିରେ ଋଣ ବ୍ୟବସ୍ଥା, କଞ୍ଚାମାଲ ଯୋଗାଣ ଏବଂ ସାମଗ୍ରୀଗୁଡିକର ବିକ୍ରିବଟା ପାଇଁ ବଜାର ବ୍ୟବସ୍ଥାକୁ ବେକାରୀବନ୍ଧୁ ଭାବରେ ପ୍ରତିଷ୍ଠିତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଆସୁଅଛନ୍ତି । ଫଳରେ ସେମାନେ କୁଟୀରଶିଳ୍ପ, କୃଷି, କ୍ଷୁଦ୍ର ଏବଂ ଅନ୍ୟାନ୍ୟ ଆନୁସଂଙ୍ଗିକ ଶିଳ୍ପ ନିଜେ ପ୍ରତିଷ୍ଠା କରି ନିଜେ ରୋଜଗାରକ୍ଷମ ହେବେ ଏବଂ ଅନ୍ୟକୁ ରୋଜଗାରକ୍ଷମ କରିପାରିବେ ।

୩) **ଉତ୍ପାଦନକ୍ଷମ ଓ ସମ୍ବଳ ସୃଷ୍ଟି ଉପରେ ଗୁରୁତ୍ୱ :** ଆମ ଦେଶର ନିଯୁକ୍ତିନୀତି ଗରିବମାନଙ୍କୁ ଉତ୍ପାଦନକ୍ଷମ କରି ସେମାନଙ୍କର ସମ୍ବଳ ସମୃଦ୍ଧି ପାଇଁ ଉଦ୍ଦିଷ୍ଟ ଅଟେ ।

୪) **ନିଯୁକ୍ତିର ବ୍ୟାପକ ସମ୍ଭାବନା ସୃଷ୍ଟି :** ଦେଶରେ ବିଭିନ୍ନ ଉଦ୍ୟୋଗକୁ ପ୍ରୋତ୍ସାହନ ଯୋଗାଇବା ସହ NREP, RLEGP, JRY ଭଳି ନିଯୁକ୍ତିଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ବେକାରୀ ସମସ୍ୟାକୁ ହ୍ରାସ କରିବା ପାଇଁ ପ୍ରୟାସ ହୋଇ ଆସୁଅଛି ।

୫) **ସ୍ୱତନ୍ତ୍ର ନିଯୁକ୍ତି କାର୍ଯ୍ୟକ୍ରମ :** ଦେଶର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଉତ୍କଟ ବେକାରୀ ସମସ୍ୟାକୁ ହ୍ରାସ କରିବା ପାଇଁ ସରକାର କେତେକ ସ୍ୱତନ୍ତ୍ର ନିଯୁକ୍ତି କାର୍ଯ୍ୟକ୍ରକୁ ପ୍ରଚଳନ କରି ଆସୁ ଅଛନ୍ତି । ସେଗୁଡିକ ହେଲା, ଯଥା - IRDP, TRYSEM, DWCRA, JGSY, JRY, EAS, AGSY ଗ୍ରାମାଞ୍ଚଳ ପାଇଁ ଏବଂ ସହରାଞ୍ଚଳ ପାଇଁ କାର୍ଯ୍ୟକ୍ରମଗୁଡିକ ହେଲା, ଯଥା - PMRY, SJSRU, NRY.

୬) **ଶିକ୍ଷିତ ବେକାରୀମାନଙ୍କ ପାଇଁ ନିଯୁକ୍ତି ଯୋଜନା :** ଦେଶର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ରହୁଥିବା ଶିକ୍ଷିତ ବେକାରମାନଙ୍କ ପାଇଁ ମଧ୍ୟ ସରକାର କେତେକ କାର୍ଯ୍ୟକ୍ରମ ଗ୍ରହଣ କରି ଆସୁଅଛନ୍ତି । ସେଗୁଡିକ ହେଲା, ଯଥା - ଖାଦ୍ୟପ୍ରକ୍ରିୟାକରଣ, ବ୍ୟାଙ୍କରୁ ରିହାତି ଦରରେ ଋଣ ପ୍ରଦାନ,ଏବଂ ବେପାର ବାଣିଜ୍ୟ ।

**୭) ମାନବ ସମ୍ବଳର ବିନିଯୋଗ ଏବଂ ବିକାଶ :** ଭାରତ ସରକାର ମାନବ ସମ୍ବଳର ପ୍ରକୃତି ବିନିଯୋଗ ଏବଂ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଆସୁଅଛନ୍ତି। ଆବଶ୍ୟକତା ଏବଂ ଚାଲାଣ ମଧ୍ୟରେ ସମନ୍ୱୟ ସୃଷ୍ଟି ପାଇଁ କୁଶଳୀ ଶ୍ରମିକମାନଙ୍କ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଅଛି।

## ୨.୬ ସାରାଂଶ

ଏହି ୟୁନିଟ୍ ରେ ଆମେ ଭାରତରେ ଦେଖାଦେଇଥିବା ବେକାରୀ ସମସ୍ୟାର କାରଣ, ଏହାର ପରିଣାମ ଓ ପ୍ରତିକାର ବିଷୟରେ ଅଧ୍ୟୟନ କଲେ। ପୁନଶ୍ଚ ଜଗତୀକରଣ, ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଏବଂ ଆମର ବେକାରୀ ସମସ୍ୟା ଉପରେ ଏହାର ପ୍ରଭାବ ସଂପର୍କରେ ଜାଣିବା ସହ ନିଯୁକ୍ତିନୀତିର ବିଶେଷତ୍ୱ ସଂପର୍କରେ ମଧ୍ୟ ଅବଗତ ହେଲେ।

## ୨.୭ ପ୍ରମୁଖ ଶବ୍ଦାବଳୀ

- Labour (ଶ୍ରମିକ) - ଦ୍ରବ୍ୟ ଏବଂ ସେବା ସୃଷ୍ଟି ପାଇଁ ମଣିଷର ସମସ୍ତ ଶାରୀରିକ ଏବଂ ମାନସିକ ପ୍ରଚେଷ୍ଟାକୁ ଶ୍ରମ କୁହାଯାଏ।
- ମଜୁରୀ - ପରିଶ୍ରମ ଅଥବା ସେବା ପାଇଁ ପ୍ରଦାନ କରାଯାଇଥିବା ପାରିଶ୍ରମିକ (ଘଣ୍ଟା, ଦୈନିକ ଓ ନିର୍ଦ୍ଦିଷ୍ଟ କାମ ପାଇଁ ଆକାରରେ)
- Migration - ଉନ୍ନତ ଜୀବନଜୀବିକା ପାଇଁ ଲୋକମାନଙ୍କର ଗୋଟିଏ ନୂଆ ଅଞ୍ଚଳ ଅଥବା ଦେଶକୁ ଯିବାର ଅଭ୍ୟାସ।
- Organised Sector - ସଂଗଠିତଉଦ୍ୟୋଗ - ଯେଉଁ ଉଦ୍ୟୋଗ ବୈଧାନିକ ତତ୍ତ୍ୱ ଅଥବା ସରକାରଙ୍କର ସହ ସହବନ୍ଧିତ ଏବଂ ଆଇନ କାନୁନ ବ୍ୟବସ୍ଥା ସହ ଆବଦ୍ଧ
- Un - Organised Section ଅଣସଂଗଠିତ ଉଦ୍ୟୋଗ - ଏହି ଉଦ୍ୟୋଗଗୁଡ଼ିକର ସରକାର ଓ ସରକାରୀପ୍ରଦତ୍ତ ଆଇନ କାନୁନ ସହ ବନ୍ଧିତ ନ ଥାଏ।
- Globalisation ଜଗତୀକରଣ - ବିଶ୍ୱାୟନ ବ୍ୟବସ୍ଥା, ସାରା ବିଶ୍ୱ ଗୋଟିଏ ବଜାର ବା ଗୋଟିଏ ପରିବାର। ବେପାର ବଣିଜ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲୁଥିବା ପାଇଁ ଆନ୍ତର୍ଜାତିକ ସ୍ତରରେ କୌଣସି ପ୍ରତିବନ୍ଧକ ନ ଥାଏ।
- Industrialization ଶିଳ୍ପାୟନ - କୃଷିକ୍ଷେତ୍ରରୁ ଶିଳ୍ପକ୍ଷେତ୍ରକୁ ଅର୍ଥନୀତିର ପ୍ରବେଶ ବା ଉତ୍ପାଦନ ପାଇଁ ବୈଷୟୀକ ଜ୍ଞାନର ପ୍ରୟୋଗ ବା ଶିଳ୍ପ କ୍ଷେତ୍ରର ପ୍ରସ୍ତୁତ ସାମଗ୍ରୀ। ଯନ୍ତ୍ର ଦ୍ୱାରା ମଣିଷର ଶ୍ରମଶକ୍ତିକୁ ନିରୁତ୍ସାହିତ କରି ଶିଳ୍ପରୁ ଅଧିକ ଉତ୍ପାଦନ। ଯନ୍ତ୍ରର ଯନ୍ତାରେ କୁଶଳୀ ଶ୍ରମିକର କବର।

## ୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ଭାରତର ବେକାରୀ ସମସ୍ୟାର ବିଭିନ୍ନ କାରଣଗୁଡ଼ିକ ଆଲୋଚନା କର।

୨) ଭାରତର ବେକାରୀ ସମସ୍ୟାର ପରିଣାମଗୁଡ଼ିକ ବର୍ଣ୍ଣନା କର।

୩) ଭାରତର ଗ୍ରାମାଞ୍ଚଳରେ ବେକାରୀ ସମସ୍ୟାର ସମାଧାନ ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ତର୍ଜମା କର।

୪) କିପରି ଜଗତୀକରଣ ଭାରତରେ ବେକାରୀ ସମସ୍ୟାକୁ ପ୍ରଭାବିତ କରିଥିଲା ?

୫) ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା କହିଲେ ତୁମେ କ'ଣ ବୁଝ ? ଭାରତର ବେକାରୀ ସମସ୍ୟା ଉପରେ ଏହାର ପ୍ରଭାବ କ'ଣ ଥିଲା ?

୬) ଭାରତ ସରକାର ଗ୍ରହଣ କରିଥିବା ବିଭିନ୍ନ ନିଯୁକ୍ତି ନୀତିଗୁଡ଼ିକର ବିଶେଷତ୍ୱଗୁଡ଼ିକୁ ତର୍ଜମା କର

## ୨.୯ ସହାୟକ ଗ୍ରନ୍ଥସୂଚୀ


- B. Hazari and J. Krishnamurthy,1970 Employment Implications of India's Industrialisation: Analysis on Input-Output Framework, Review of Economic and Statistics, Vol. 52,
- Chatterjee, S. (1995). "Productivity Growth and the American Business Cycle". Business Review, Federal Reserve Bank of Philadelphia, (September/ October), 13-23.
- Chatterjee, S. (1999). "Real Business Cycles: A Legacy of Countercyclical Policies?" Business Review, Federal Reserve Bank of Philadelphia, (January/ February), 17-27.
- http://www.economicsdiscussion.net/articles/main-causes-of-unemployment-in-india/2281
- http://www.sociologydiscussion.com/essay/unemployment-essay/essay-on-unemployment-in-india-causes-consequences-and-remedies/2730
- http://articles.economictimes.indiatimes.com/2016-005/news/73577588_1_skill-india-amit-shah-bjp-president

# ତୃତୀୟ ଏକକ : ସରକାରଙ୍କ ଦ୍ୱାରା ପ୍ରଚଳିତ କରାଯାଇଥିବା ନିଯୁକ୍ତି ଭିତ୍ତିକ କାର୍ଯ୍ୟକ୍ରମର ସଫଳତା ଏବଂ ବିଫଳତା

**ବିଷୟ ଗଠନ :**


୩.୦ ପଠନର ଉଦ୍ଦେଶ୍ୟ

୩.୧ ତୃତୀୟ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି ।

୩.୨ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି ।

୩.୩ ପଞ୍ଚମ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି ।

୩.୪ ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି ।

୩.୫ ସପ୍ତମ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି ।

୩.୬ ଅଷ୍ଟମ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି ।

୩.୭ ନବମ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି ।

୩.୮ ଦଶମ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି ।

୩.୯ ଏକାଦଶ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି ।

୩.୧୦ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି ।

୩.୧୧ ସାରାଂଶ

୩.୧୨ ପ୍ରମୁଖ ଶବ୍ଦାବଳୀ

୩.୧୩ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୧୪ ସହାୟକ ଗ୍ରନ୍ଥସୂଚୀ


## ୩.୦ ପଠନର ଉଦ୍ଦେଶ୍ୟ

ଉକ୍ତ ଏକକକୁ ଅଧ୍ୟୟନ କଲାପରେ ଆପଣ ନିମ୍ନଲିଖିତ ପ୍ରସଙ୍ଗଗୁଡିକ ଉପରେ ଅବଗତ ହେବେ, ଯଥା -

- ବିଭିନ୍ନ ପଞ୍ଚବାର୍ଷିକ ଯୋଜନାଗୁଡିକରେ ଗ୍ରହଣ କରାଯାଇଥିବା ନିଯୁକ୍ତି କାର୍ଯ୍ୟକ୍ରମଗୁଡିକ ମଧ୍ୟରେ ଥିବା ପାର୍ଥକ୍ୟ ।
- କାର୍ଯ୍ୟକ୍ରମଗୁଡିକର ତର୍ଜମା
- ଏହାର ସଫଳତା ଏବଂ ବିଫଳତା

## ୩.୧ ତୃତୀୟ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି

ଭାରତ ସରକାର ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ବେକାରୀ ସମସ୍ୟାର ସମାଧାନ ପାଇଁ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ। ତେଣୁ ଏହାର ସମାଧାନ ପାଇଁ ଭଗବତୀ କମିଟି ଗଠନ କରାଯାଇଥିଲା। ୧୯୭୩ ମସିହାରେ ସରକାରଙ୍କୁ କମିଟି ତାର ରିପୋର୍ଟ ପ୍ରଦାନ କରିଥିଲା। ରିପୋର୍ଟରେ ବେକାରୀ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଯୋଜନା, ଯଥା – ଗ୍ରାମାଞ୍ଚଳରେ ବିଦ୍ୟୁତ୍, ରାସ୍ତା, ଘର ଏବଂ କ୍ଷୁଦ୍ର ଜଳ ସେଚନ ବ୍ୟବସ୍ଥାର ଉନ୍ନତି ପାଇଁ ପରାମର୍ଶ ଦିଆଯାଇଥିଲା। ସେହି ଅନୁସାରେ ସରକାର କମିଟିର ମତାମତକୁ ଗ୍ରହଣ କରି ବେକାରୀ ସମସ୍ୟାର ଆଶୁ ସମାଧାନ ପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମମାନ ଗ୍ରହଣ କରିଥିଲା। ସେଗୁଡିକ ହେଲା ଯଥା –

କ) **ଗ୍ରାମାଞ୍ଚଳ କାର୍ଯ୍ୟକ୍ରମ ଯୋଜନା :** ଦେଶରେ ୨.୫ ନିୟୁତ ବେକାରୀମାନଙ୍କର ପାଇଁ ନିଯୁକ୍ତିର ସୁଯୋଗ ଏବଂ ସ୍ଥାୟୀ ଭିତିଭୂମୀ ନିର୍ମାଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଗଲା। କିନ୍ତୁ ଏହି ଯୋଜନାରେ କେବଳ ମାତ୍ର ୪ ଲକ୍ଷ ପାଖାପାଖି ବେକାରୀ ଯୁବକ ଉପକୃତ ହେଲେ। ଯୋଜନାର ଅସଲ ଉଦ୍ଦେଶ୍ୟ ଥିଲା ଦେଶର ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ଜୀବନ ଶୈଳୀର ବ୍ୟାପକ ପରିବର୍ତ୍ତନ, ସ୍ଥାନୀୟ ସମ୍ବଳ ଓ ନେତୃତ୍ୱର ବିନିଯୋଗ ଓ ବିକାଶ, ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମଗୁଡିକରେ ଜନସାଧାରଣଙ୍କର ସହଯୋଗୀତା ଓ ସେମାନଙ୍କୁ ତାଲିମ ପ୍ରଦାନ କରି ସରକାରୀ ପ୍ରଯୋଜିତ କାର୍ଯ୍ୟକ୍ରମଗୁଡିକୁ ସଠିକ ଭାବରେ ପରିଚାଳନା କରି ଉକ୍ତ ବେକାରୀ ସମସ୍ୟାର ସମାଧାନକରଣ।

## ୩.୨ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି

କ) **ନାମକୁ ମାତ୍ର ଚାଷୀ ଏବଂ କୃଷି ଶ୍ରମିକ ଉନ୍ନୟନ ସଂସ୍ଥା (MFALDA) :** ଏହି ସଂସ୍ଥା କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା (SFDA) ସହ ମିଳିତ ଭାବରେ ନାମକୁ ମାତ୍ର ଚାଷୀ ଏବଂ କୃଷି ଶ୍ରମିକମାନେ କିପରି ଭାବରେ ସେମାନଙ୍କର କ୍ଷୁଦ୍ର ଚାଷଜମିରୁ ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦନ କରିବା ସହ, ପଶୁପାଳନ ଓ ଉଦ୍ୟାନରୁ ଉପାର୍ଜନକ୍ଷମ ହୋଇପାରିବେ, ସେଥିପାଇଁ ବହୁମୁଖୀ କାର୍ଯ୍ୟକ୍ରମମାନ ଗ୍ରହଣ କରିଥିଲା। ତେଣୁ ଚତୁର୍ଥ ଯୋଜନାରେ ସେମାନେ କିଭଳି ଭାବରେ କୃଷି, ଉଦ୍ୟାନ, ଗୋପାଳନ, କୁକୁଡାଚାଷ ଓ ମତ୍ସ୍ୟଚାଷ ସହ ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ନିୟୋଜିତ ହୋଇ ରୋଜଗାରକ୍ଷମ ହୋଇ ପାରିବେ, ସେଥିପାଇଁ ରିହାତିରେ ଋଣ ଏବଂ ଯୋଗାଣ ବ୍ୟବସ୍ଥାକୁ ସରକାର ହାତକୁ ନେଲେ।

ଖ) **କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା (SFDA) :** ଏହି ଯୋଜନାଟି ୧୯୭୧ ମସିହାରେ ସରକାର ପ୍ରଚଳନ କରିଥିଲେ। ଏହାର ପ୍ରକୃତ ଉଦ୍ଦେଶ୍ୟ ଥିଲା, କ୍ଷୁଦ୍ରଚାଷୀମାନଙ୍କୁ ସକ୍ଷମ ଏବଂ ।ର୍ଥିକ ଦୃଷ୍ଟିରୁ ସବଳ କରିବା। ଯେହେତୁ ସେମାନେ ମଧ୍ୟମ ଏବଂ ବଡ ଚାଷୀମାନଙ୍କ ଦ୍ୱାରା ନିୟନ୍ତ୍ରୀତ ବଜାର ବ୍ୟବସ୍ଥା ସହ ପ୍ରତିଦ୍ୱନ୍ଦିତାରେ ଦୁର୍ବଳ ଥିଲେ, ତେଣୁ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ପ୍ରଦାନ କରି ସ୍ୱଳ୍ପ ସୁଧରେ ଋଣ ସହ ତାଲିମ ବ୍ୟବସ୍ଥା କରାଗଲା। ଯେପରିକି ସେମାନେ କୃଷିକ୍ଷେତ୍ରର ଆଧୁନିକ ବୈଷୟୀକ ଜ୍ଞାନର ପ୍ରୟୋଗ କରିବା ସହ ଜୀବନ ଜୀବିକା ପାଇଁ ଅନ୍ୟାନ୍ୟ ଆନୁସଙ୍ଗିକ ଉତ୍ପାଦନ ସଂଶ୍ଲିଷ୍ଟ ହେବେ।

ଗ) **ଅର୍ଦ୍ଧଶିକ୍ଷିତ ନିଯୁକ୍ତି ଯୋଜନା :** ଦେଶର ବେକାରୀ ଶିକ୍ଷିତ ଯୁବକମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଯୋଜନାଟି ଆରମ୍ଭ ହୋଇଥିଲା। ୧୯୭୩-୭୪ ଆର୍ଥିକ ବର୍ଷରେ ଏ ବାବଦରେ କେନ୍ଦ୍ର ସରକାର ୧୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିଲେ। ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଆଞ୍ଚଳର ସରକାରଙ୍କୁ ଏହି ଯୋଜନାର ସୁଫଳ ରୂପାୟନ ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଯାଇଥିଲା।

ଘ) **ବେକାରୀମାନଙ୍କ ପଇଁ ଶୈକ୍ଷିକ ଶିକ୍ଷା :** ୧୯୭୨ - ୭୩ ମସିହାରେ କେନ୍ଦ୍ର ସରକାର ଦେଶର ବେକାର ଥିବା ଉଚ୍ଚଶିକ୍ଷିତ ଯନ୍ତ୍ରୀ, ବୈଷୟୀକ ଜ୍ଞାନ ସମ୍ପନ୍ନ ଯୁବକ ଯୁବତୀ ଏବଂ ବୈଜ୍ଞାନିକମାନଙ୍କ ପାଇଁ ଏହି ଯୋଜନାଟି କାର୍ଯ୍ୟକାରୀ କରିଥିଲେ। ତେଣୁ ଏ ବାବଦରେ ସରକାର ୯.୮୧ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଥିଲେ। ଫଳରେ ୪୫,୦୦୦ ଲକ୍ଷ ଯୁବକ ଉପକୃତ ହୋଇଥିଲେ।

ଙ) **ମରୁଡି ଅଞ୍ଚଳ ଯୋଜନା (DAP) :** ଦେଶର ମରୁଡି ଦ୍ୱାରା ପ୍ରଭାବିତ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଲୋକମାନଙ୍କୁ କାମଧନ୍ଦା ଯୋଗାଇବା ପାଇଁ ଉତ୍ପାଦନକ୍ଷମ ଏବଂ ଶ୍ରମଭିତ୍ତିକ କାର୍ଯ୍ୟକ୍ରମ ଯଥା - ମଧ୍ୟମ ଓ କ୍ଷୁଦ୍ର ଜଳସେଚନ, ମୃତ୍ତିକା ସଂରକ୍ଷଣ ଏବଂ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ୧୯୭୦-୭୨ ମସିହାରେ କେନ୍ଦ୍ର ସରକାର ଏହି ଯୋଜନା ପାଇଁ ୩୦.୮୦ କୋଟି ଖର୍ଚ୍ଚ କରିଥିଲେ, ଫଳରେ ୪.୭୦ ନିୟୁତ କାର୍ଯ୍ୟ ଦିବସ ସୃଷ୍ଟି ହୋଇଥିଲା। ସେହିପରି ୧୯୭୨-୭୩ ଆଞ୍ଚଳିକ ବର୍ଷରେ ଏ ବାବଦରେ ୩୮.୫୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ଫଳରେ ୪୦ ନିୟୁତ କାର୍ଯ୍ୟଦିବସ ସୃଷ୍ଟି ହୋଇଥିଲା।

ଚ) **ଗ୍ରାମାଞ୍ଚଳ ବିକାଶ ଯୋଜନା :** ୧୯୭୧-୭୨ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏହି ଯୋଜନାଟିକୁ କାର୍ଯ୍ୟକାରୀ କରିଥିଲେ। ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ ଉତ୍ପାଦନମୁଖୀ ଏବଂ ଶ୍ରମଭିତ୍ତିକ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଥିଲା। ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା% ପ୍ରଥମତଃ ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ବ୍ଲକର ୧୦୦ ଜଣ ବେକାରୀଙ୍କୁ ପ୍ରତି ଆର୍ଥିକ ବର୍ଷରେ ୧୦ ମାସ ପାଇଁ କର୍ମ ସଂସ୍ଥାନ ଯୋଗାଇବା। ଦ୍ୱିତୀୟତଃ ଦୀର୍ଘମିଆଦୀ ସମ୍ବଳ ସୃଷ୍ଟି କରିବା। ବାସ୍ତବରେ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ସରକାର ଗ୍ରହଣ କରିଥିବା କାର୍ଯ୍ୟକ୍ରମଗୁଡିକ ଗ୍ରାମାଞ୍ଚଳରେ ବେକାରୀ ସମସ୍ୟାର ସମାଧାନ ପାଇଁ ଆଶାନୁରୂପ ସଫଳତା ହାସଲ କରିଥିଲା।

## ୩.୩ ପଞ୍ଚମ ପଞ୍ଚ ବାର୍ଷିକ ଯୋଜନାର ନିଯୁକ୍ତି ନୀତି

ଏହି ଯୋଜନାର ଲକ୍ଷ୍ୟ ଥିଲା ଗ୍ରାମାଞ୍ଚଳରେ ବେକାରୀ ସମସ୍ୟାର ସମାଧାନ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ସହ ଶ୍ରଶକ୍ତି ଉପରେ ଗୁରୁତ୍ୱ ଓ ସରକାରୀ ପୁଞ୍ଜି ବିନିଯୋଗକୁ ତ୍ୱରାନ୍ୱିତ କରିବା।

REGP କାର୍ଯ୍ୟକ୍ରମ ମାଧ୍ୟମରେ ୨.୨୬ ନିୟୁତ IRDP କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟତଃ କୃଷିକ୍ଷେତ୍ରରେ ୩ ନିୟୁତ ନିଯୁକ୍ତି ସୃଷ୍ଟି କରିବାର ବ୍ୟବସ୍ଥା କରାଗଲା । ଏହିପରି ଭାବରେ ସପ୍ତମ ଯୋଜନାରେ ପ୍ରତ୍ୟେକ୍ଷ ନିଯୁକ୍ତି କାର୍ଯ୍ୟକ୍ରମ, ଯଥା - IRDP, NREP, RLEGP, TRYSEM ମାଧ୍ୟମରେ ନିଯୁକ୍ତି କ୍ଷେତ୍ରକୁ ବ୍ୟାପକ କରିବା ପାଇଁ ପ୍ରୟାସ ହୋଇଥିଲା ।

**କ) ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ (IRDP) :**

ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳରେ ନିଯୁକ୍ତିର ହାରକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଯଥା -ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (EGS, SFDA, MFALDA, DPAP, CADP କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରାଯାଇଥିଲା । ତେଣୁ ୧୯୮୦ ମସିହା ଅକ୍ଟୋବର ମାସ ୨ ତାରିଖ ଦିନ ସରକାର IRDP କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ । ଏହା ଏକ ଦାରିଦ୍ର୍ୟ ମୋଚନ ଯୋଜନା ଥିଲା । ବିଶେଷ କରି ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ସମସ୍ୟାଗୁଡ଼ିକୁ ସମାଧାନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଷଷ୍ଠ ଯୋଜନାରେ ସମୁଦାୟ ୫୦୧୧ ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ କରାଗଲା । ଯୋଜନାକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ଦେଶର ପ୍ରତ୍ୟେକ ଜିଲ୍ଲାରେ ଗ୍ରାମାଞ୍ଚଳ ଉନ୍ନୟନ ସଂସ୍ଥା (RDA) ଗଠନ କରାଗଲା । ପ୍ରଥମେ ଏ ବାବଦରେ ୧୫୦୦ କୋଟି ବ୍ୟୟ କରିଥିଲେ । ପରେ ଏହା ବୃଦ୍ଧି ପାଇ ୧୬୬୧ କୋଟିରେ ପହଁଚିଥିଲା । ଫଳରେ ୧୬.୫୬ ନିୟୁତ ହିତାଧିକାରୀ ଉପକୃତ ହୋଇଥିଲେ । ପ୍ରକୃତ ଅଟକଳ ଠାରୁ ୧.୫୬ ନିୟୁତ ଅଧିକ । ସପ୍ତମ ଯୋଜନାରେ IRDP କାର୍ଯ୍ୟକ୍ରମ ପାଇଁ ସରକାର ୩୪୭୪ କୋଟି ଟଙ୍କା ବ୍ୟୟ ଅଟକଳ କରିଥିଲେ ଓ ୨୦ ନିୟୁତ ପରିବାର ଉପକୃତ ହୋଇଥିଲେ । ଏହି ଯୋଜନାର ଅବଧିରେ ୧୮.୨ ନିୟୁତ ପରିବାର ଉପକୃତ ହୋଇଥିଲେ ଏବଂ ସରକାରଙ୍କୁ ଏ ବାବଦରେ ୩୩୧୬ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା ।

**ଖ) ଗ୍ରାମାଞ୍ଚଳଭୂମୀହୀନ ନିଶ୍ଚିତ ନିଯୁକ୍ତି କାର୍ଯ୍ୟକ୍ରମ (RLEGP) :**

୧୯୮୩ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ କେନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଯୋଜନାର ମୁଖ୍ୟ ଲକ୍ଷ ଥିଲା ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ପାଇଁ କର୍ମ ସଂସ୍ଥାନ ପ୍ରଦାନ କରି ସେମାନଙ୍କର ଜୀବନଶୈଳୀର ପରିବର୍ତ୍ତନ କରିବା ଓ ଉତ୍ପାଦନ ଧର୍ମୀ ସମ୍ବଳ ସୃଷ୍ଟି କରିବା । ଯୋଜନାର ପ୍ରମୁଖ ହିତାଧିକାରୀ ଥିଲେ । ଭୂମିହୀନ ଶ୍ରମିକ, ମହିଳା ଏବଂ ଅନୁସୂଚିତ ଜାତି ଓ ଜନଜାତିଈ, କେନ୍ଦ୍ର ସରକାର ସଂପୂର୍ଣ୍ଣ ଭାବରେ ଏହି ଯୋଜନା ପାଇଁ ଅର୍ଥବରାଦ କରିଥିଲେ । ସପ୍ତମ ପଞ୍ଚବାର୍ଷିକ ଯୋଜନାର ଅବଧିରେ ସରକାର ଏହି କାର୍ଯ୍ୟକ୍ରମ ପାଇଁ ସମୁଦାୟ ୧,୭୪୪ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିଲେ ଓ ୧,୦୧୩ ନିୟୁତ ଶ୍ରମଦିବସ ସୃଷ୍ଟି ହୋଇଥିଲା । କିନ୍ତୁ ଏହି ପଞ୍ଚବାର୍ଷିକ ଯୋଜନାର ଏ ବାବଦରେ ପ୍ରଥମ ୩ ବର୍ଷରେ ୧,୭୪୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ଓ ୮୫୮ ଶ୍ରମଦିବସ ସୃଷ୍ଟି ହୋଇଥିଲା । ତେଣୁ ଅଟକଳର ମାତ୍ର ଶତକଡା ୮୫ ଭାଗ ବିନିଯୋଗ ହୋଇଥିଲା ।

### ଗ) ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ (NREP) :

୧୯୮୦ ମସିହା ଅକ୍ଟୋବର ମାସରେ କେନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ହେଁ, ବାସ୍ତବରେ ୧୯୮୧ ମସିହା ଏପ୍ରିଲ ମାସରେ ଏହା କାର୍ଯ୍ୟକାରୀ ହୋଇଥିଲା। ଏହି କାର୍ଯ୍ୟକ୍ରମ ସପ୍ତମ ଯୋଜନାରେ ଦାରିଦ୍ର୍ୟ ମୋଚନ ପାଇଁ ଏକ .......... ପୂର୍ଣ୍ଣ କାର୍ଯ୍ୟକ୍ରମ ଭାବରେ ବିବେଚନା କରାଯାଇଥିଲା।

IRDP କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀଙ୍କୁ ପ୍ରତ୍ୟେକ୍ଷ ଭାବରେ କାମଧନ୍ଦା ଯୋଗାଇ ସେମାନଙ୍କର ଜୀବନଧାରରେ ପରିବର୍ତ୍ତନ ଥିଲା ଏହାର ମୂଳଲକ୍ଷ୍ୟ। ବେକାରୀମାନ୮୍କୁ ଦୀର୍ଘମିଆଦୀ ସୂତ୍ରରେ କାମଧନ୍ଦା ଯୋଗାଇବା ପାଇଁ ଶ୍ରମଭିତ୍ତିକ ପ୍ରକଳ୍ପଗୁଡିକ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଗ୍ରାମାଞ୍ଚଳରେ ସ୍ଥାୟୀଭିତ୍ତିଭୂମି ନିର୍ମାଣ ଓ ଉତ୍ପାଦନକ୍ଷମ କାର୍ଯ୍ୟକ୍ରମ ଉପରେ ସରକାର ଗୁରୁତ୍ୱଦେଲେ।

NREP କାର୍ଯ୍ୟକ୍ରମ ପାଇଁ ଯୋଜନା ଆୟୋଗ ସର୍ବମୋଟ ୨,୪୮୭ କୋଟି ଟଙ୍କା ବ୍ୟୟ ଅଟକଳ କରିଥିଲେ ଏବଂ ତନ୍ମଧ୍ୟରୁ ୧,୨୫୧ କୋଟି ଟଙ୍କା ଅଗ୍ରୀମ ଆକାରରେ ରାଜ୍ୟ ସରକାରଗୁଡିକୁ ପ୍ରଦାନ କରାଯାଇଥିଲା। ଦେଶରେ ୧୪୪୫ ଶ୍ରମଦିବସ ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହେଲା। ସପ୍ତମ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ୪ ବର୍ଷରେ ଏହି କାର୍ଯ୍ୟକ୍ରମ ବାବଦରେ ସମୁଦାୟ ୨୯୪୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବେରୋଜଗାରୀମାନଙ୍କ ପାଇଁ ୧୪୪୭.୭ ନିୟୁତ ଶ୍ରମ ଦିବସ ସୃହଁଟି କରାଯାଇଥିଲା।

### ଘ) ଜବାହାର ରୋଜଗାର ଯୋଜନା (JRY) :

ପ୍ରଧାନମନ୍ତ୍ରୀ ରାଜୀବଗାନ୍ଧୀ ୧୯୮୯ ମସିହା, ଏପ୍ରିଲ ମାସ ୨୮ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଯେଜନାରେ ଦେଶରେ ପ୍ରଚଳିତ ଗ୍ରାମୀଣ ରୋଜଗାର କାର୍ଯ୍ୟକ୍ରମ, NREP, RECP ଅନ୍ତର୍ଭୁକ୍ତ ହୋଇଥିଲା। JRY  କୁ ଦେଶର ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ଲକ୍ଷ୍ୟ ରଖିଥିଲେ। ତେଣୁ ଯୋଜନାର ଖର୍ଚ୍ଚ ବାବଦରେ କେନ୍ଦ୍ରସରକାର ଶତକଡା ୮୦ ଭାଗ ଏବଂ ରାଜ୍ୟ ସରକାର ଶତକଡା ୨୦ ବାଗ ଅର୍ଥ ପ୍ରଦାନ କଲେ। ୧୯୮୯ ଏବଂ ୯୦ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏହି ଯୋଜନା ବାବଦରେ ୨୧୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ।

ରାଜ୍ୟସରକାରଗୁଡିକ ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଲୋକମାନଙ୍କର ସଂଖ୍ୟା ଅନୁସାରେ କେନ୍ଦ୍ରସରକାରଙ୍କ ଠାରୁ ଅନୁଦାନ ଗ୍ରହଣ କଲେ। ଯୋଜନା ଅନୁସାରେ ଦେଶର ଯେଉଁ ଗ୍ରାମପଞ୍ଚାୟତର ଜନସଂଖ୍ୟା ୩ ହଜାରରୁ ୪ ହଜାର ମଧ୍ୟରେ ଥରବ ସେହି ପଞ୍ଚାୟତଗୁଡିକ ୮୦ ହଜାରରୁ ୧ ଲକ୍ଷ ଟଙ୍କା କ୍ରେସରକାରଙ୍କଠାରୁ ଗୋଟିଏ ଆର୍ଥିକ ବର୍ଷରେଅନୁଦାନ ଆକାରରେ ଗ୍ରହଣ କଲେ। ଗ୍ରାମାଞ୍ଚଳରେ ବାସ କରୁଥିବା ପ୍ରତ୍ୟେକ ଦରିଦ୍ର ପରିବାରରୁ ଜଣେ ବ୍ୟକ୍ତି ଗୋଟିଏ ଆର୍ଥିକ ବର୍ଷରେ ୫୦ରୁ ୧୦୦ ଦିନ ପର୍ଯ୍ୟନ୍ତ ନିଯୁକ୍ତି ପାଇବାର ଲକ୍ଷ୍ୟ ଧାର୍ଯ୍ୟ  କରାଯାଇଥିଲା।

ଏତଦ୍‌ବ୍ୟତୀତ ଗ୍ରାମୀଣ ଯୁବକ ଆତ୍ମ ନିଯୁକ୍ତି ଜାତୀୟ ତାଲିମ ଯୋଜନା (TRYSEM) ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା। ଏହି ଯୋଜନାର ଲକ୍ଷ୍ୟ ଥିଲା ଗ୍ରାମାଞ୍ଚଳରେ ବାସ କରୁଥିବା ଯୁବକ ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ବିଭିନ୍ନ ବିଭାଗର ତାଲିମ ପ୍ରଦାନ କରିବା। ପରିଶେଷରେ ଏତିକି କୁହାଯାଇପାରେ ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ଦାରିଦ୍ର୍ୟ ଦୂରୀକରଣ ଏବଂ କର୍ମ ସଂସ୍ଥାନକୁ ତ୍ୱରାନ୍ୱିତ କରିବା ପାଇଁ ଗ୍ରହଣ କରାଯାଥିବା ଯୋଜନାଗୁଡିକ ଦେଶର ସହର ଏବଂ ଗ୍ରାମାଞ୍ଚଳରେ ବେକାରୀ ସମସ୍ୟାର ସମାଧାନ ପାଇଁ ଆଶାଜନକ ସଫଳତା ହାସଲ କରିପାରି ନ ଥିଲା।

## ୩.୬ ଅଷ୍ଟମ ପଞ୍ଚବାର୍ଷିକ ଯୋଜନାରେ ନିଯୁକ୍ତି ନୀତି

ସପ୍ତମ ପଞ୍ଚ ବାର୍ଷିକ ଯୋଜନା ପର୍ଯ୍ୟନ୍ତ କେନ୍ଦ୍ର ସରକାର ଦେଶରୁ ବେକାରୀ ହଟାଇବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଥିଲେ ହେଁ ବାସ୍ତବରେ ଦିନକୁ ଦିନ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରିଥିଲା। ୧୯୯୨ ମସିହାରେ ଦେଶର ବେକାରୀ ସଂଖ୍ୟ ୨୩ନିୟୁତରେ ପହଁଚିଥିଲା। ୧୯୮୧ରୁ ୧୯୯୧ ମସିହା ପର୍ଯ୍ୟନ୍ତ ଅଭିବୃଦ୍ଧି ହାର ଶତକଡା ୨.୧ ଥିବାବେଳେ ବାର୍ଷିକ ବେକାରୀ ସଂଖ୍ୟା ବୃଦ୍ଧିହାର ଶତକଡା ୨.୫ ରେ ପହଁଚିଥିଲା। ୧୯୯୧ ମସିହାରେ ଦେଶର ଜନସଂଖ୍ୟା ପାଖାପାଖି ୮୩୭ ନିୟୁତ ଥିଲାବେଳେ ୩୧୫ ନିୟୁତ ବେରୋଜଗାରୀ ହୋଇଥିଲେ। ତେଣୁ ଏହି ପରିସଂଖ୍ୟାନରୁ ଜଣାଯାଏ ଦେଶର ଅଭିବୃଦ୍ଧି ହାର ବେରୋଜଗାରୀଙ୍କ ତୁଳନାର କମ୍ ଥିଲା ନା ଉତ୍ସାହଜନକ ନଥିଲା। ୧୯୭୧ ମସିହାରୁ ୧୯୯୧ ମସିହା ପର୍ଯ୍ୟନ୍ତ ବାର୍ଷିକ ନିଯୁକ୍ତି ହାର ଶତକଡା ୨.୨ ଥିଲା ଯାହାକି ବେକାରୀ ସମସ୍ୟାକୁ ଅଧିକରୁ ଅଧିକ ଜଟିଳ କରିଥିଲା।

୨୦୦୨ ମସିହା ସୁଧା ଦେଶର ବେକାରୀ ସଂଖ୍ୟା ୯୪ ନିୟୁତରେ ପହଁଚିଥିଲା। ତେଣୁ ଏହି ଉତ୍କଟ ସମସ୍ୟାର ସମାଧାନ କରିବା ପାଇଁ ବାର୍ଷିକ ନିଯୁକ୍ତିର ହାର ଶତକଡା ୨.୬ରୁ ୨.୮ ପର୍ଯ୍ୟନ୍ତ ବୃଦ୍ଧ କରିବା ପାଇଁ ଅଷ୍ଟମ ଯୋଜନା ଆୟୋଗ ପ୍ରୟାସ କରିଥିଲେ। ବେକାରୀ ଏକ ପ୍ରମୁଖ ସାମାଜିକ ଓ ଅର୍ଥନୈତିକ ସମସ୍ୟା ଥିବାରୁ ଯୋଜନା ଆୟୋଗ ଗୁରୁତ୍ୱର ସହ ବିଚାର କରିଥିଲେ। ଅଷ୍ଟମ ପଞ୍ଚବାର୍ଷିକ ଯୋଜନା (୧୯୯୨-୯୭)ର ଅବଧିରେ ଆୟୋଗ ୩୦୧.୭ ନିୟୁତ ବେକାରୀଙ୍କୁ ବିଯୁକ୍ତି ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଦେଶରେ ସମୁଦାୟ ୧୭ନିୟୁତ ବେକାରମାନଙ୍କ ମଧ୍ୟରୁ ଶିକ୍ଷିତ ବେକାର ସଂଖ୍ୟା ଥିଲା ୭ ନିୟୁତ। ଏତଦ୍ ବ୍ୟତୀତ ସ୍ୱଳ୍ପ ବେତନଭୋଗୀ ସଂଖ୍ୟା ଥିଲେ ୬ ନିୟୁତ। ଏହିପରି ୧୯୯୨ ମସିହା ଏପ୍ରିଲ ମାସ ସୁଧା ଦେଶର ୨୩ ନିୟୁତ ବେକାରିମାନଙ୍କୁ ଯୋଜନାବଦ୍ଧ ଭାବରେ ନିଯୁକ୍ତି ପ୍ରକ୍ରିୟା ମଧ୍ୟକୁ ଆଣିବାକୁ ଆୟୋଗ ପ୍ରୟାସ କରିଥିଲେ।

ଅଷ୍ଟମ ପଞ୍ଚ ବାର୍ଷିକ ଯୋଜନାରେ ୧୯୯୭ ମସିହା ଏବଂ ୨୦୦୨ ମସିହା ପର୍ଯ୍ୟନ୍ତ ଦେଶର ବେକାର ସଂଖ୍ୟା ଯଥାକ୍ରମେ ୩୫ ନିୟୁତ ଏବଂ ୩୬ ନିୟୁତ ଆକଳନ କରାଯାଇଥିଲା। ଏହି ସମସ୍ୟାକୁ ସମାଧାନ କରିବା ପାଇଁ ୧୯୯୨ ମସିହାରୁ ୨୦୦୨ ମସିହା ମଧ୍ୟରେ ଜାତୀୟ ନିଯୁକ୍ତି ହାରକୁ ହାରାହାରି ଶତକଡା ୨.୬ ରୁ ଶତକଡା ୨.୮ କୁ ବୃଦ୍ଧି ପାଇଁ ଚେହ୍‌ଟା କରାଗଲା। ତେଣୁ GDP ହାର ଏହି ଯୋଜନାର

ଠିକାଦାର ବଦଳରେ ସଂପୃକ୍ତ ବିଭାଗ ଦ୍ୱାରା କାର୍ଯ୍ୟ ସଂପାଦନ ଉପରେ ଗୁରୁତ୍ୱ ଆରୋପ କରାଗଲା । ମଜୁରୀର କିଛି ଭାଗ ଖାଦ୍ୟଶସ୍ୟ ଆକାରରେ ଶ୍ରମିକମାନଙ୍କୁ ଦେବାର ବ୍ୟବସ୍ଥା କରାଗଲା । ସଂପୃକ୍ତ ଜିଲ୍ଲାର ଜିଲାପାଳମାନେ ଏହି ଯୋଜନା ଅନୁସାରେ ହିତାଧିକାରୀଙ୍କୁ ଗୋଟିଏ "ପରିବାର କାର୍ଡ" (Family Card) ପ୍ରଦାନ କରାଗଲା । ଯେଉଁ କାର୍ଡରେ ସରକାରଙ୍କ ଦ୍ୱାରା ପ୍ରଯୋଜିତ ଗରିବୀ ହଟାଅ ଯୋଜନାରେ କେତେ ଦିନ ସଂପୃକ୍ତ ବ୍ୟକ୍ତି ନିଯୁକ୍ତି ପାଇବେ ଦର୍ଶାଯାଇଥିଲା ।

EAS ର ଆଭିମୁଖ୍ୟ ଥିଲା ଗ୍ରାମାଞ୍ଚଳର ନିରନ୍ତର ନିଯୁକ୍ତି ଓ ପ୍ରଗତିକୁ ଅବ୍ୟାହତି ରଖିବା । ତେଣୁ ଆର୍ଥିକ ଭିତ୍ତିଭୂମୀ ଓ ଗୋଷ୍ଠୀ ସଂପତ୍ତି ସୃଷ୍ଟି ପାଇଁ କାର୍ଯ୍ୟକ୍ରମଗୁଡ଼ିକ ଉଦ୍ଦିଷ୍ଟ ଥିଲା । ତେଣୁ କେନ୍ଦ୍ର ସରକାର ରାଜ୍ୟସରକାରଙ୍କୁ ଯେଉଁ ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ କରାଯିଏ, ସେଥରପାଇଁ ଏକ ମାର୍ଗଦର୍ଶିକା ଜାରୀ କଲେ । ସ୍ଥାୟୀ ଉପରେ ଗୁରୁତ୍ୱ ଦିଆଗଲା । ଯୋଜନାକୁ କାର୍ଯ୍ୟ କରିବା ପାଇଁ ସ୍ୱୀକୃତ ସଂସ୍ଥା ଶ୍ରମିକମାନଙ୍କୁ କି ପ୍ରକାର କାମ ପାଇଁ କେତେ ସର୍ବନିମ୍ନ ମଜୁରୀ ଦେବେ ତାହା ମାର୍ଗଦର୍ଶିକାରେ ବର୍ଣ୍ଣନା କରାଗଲା । ମଜୁରୀର ଶତକଡା ୫୦ ଭାଗ ଖାଦ୍ୟଶସ୍ୟ ଆକାରରେ ହିତାଧିକାରୀଙ୍କୁ ଦିଆଗଲା । ଅଧିକନ୍ତୁ ମଜୁରୀ ବାବଦରେ ଦିଆଯାଇଉଥିବା ଖାଦ୍ୟଶସ୍ୟ ବ୍ୟବସ୍ଥା ହିତାଧିକାରୀଙ୍କ ପାଇଁ ବାଧ୍ୟତାମୂଳକ ନ ଥିଲା ।

୩) **ସଫଳତା** : ଅ୯୯୩-୯୪ ଆର୍ଥିକ ବର୍ଷରେ ଏହି ଯୋଜନା ଦ୍ୱାରା ଦେଶରେ ୪୯.୫ ନିୟୁତ ଶ୍ରମ ଦିବସ ସୃଷ୍ଟି ହୋଇଥିଲା ଏବଂ ପାଖାପାଖି ୧.୭ ନିୟୁତ ଶ୍ରମିକ ଏହି ଯୋଜନାରେ ନିଜ ନାମକୁ ପଞ୍ଜିକୃତ କରିଥିଲେ । ସର୍ବାଧିକ ଶ୍ରମଦିବସ ସୃଷ୍ଟି କରିବା ଦେଶର ରାଜ୍ୟଗୁଡ଼ିକ ହେଲା - ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଓଡିଶା ଏବଂ ପଶ୍ଚମବଙ୍ଗ । ୧୯୯୪-୯୫ ମସିହା ଆର୍ଥିକ ବର୍ଷର ପ୍ରଥମ ଆଠ ମାସରେ ଦେଶରେ ୧୧୫ ନିୟୁତ ଶ୍ରମଦିବସ ସୃଷ୍ଟି କରାଯାଇଥିଲା । ଆନ୍ଧ୍ରପ୍ରଦେଶରେ ୨.୯ ନିୟୁତ, ମଧ୍ୟପ୍ରଦେଶରେ ୨.୩ ନିୟୁତ. ଓଡିଶାରେ ଓ ପଶ୍ଚିମବଙ୍ଗରେ ପାଖାପାଖି ୧.୫ ନିୟୁତ ଶ୍ରମଦିବସ ସୃଷ୍ଟି ହୋଇଥିଲା । ୨୦୦୩-୦୪ ଆର୍ଥିକ ବର୍ଷରେ ୩୭.୨୮ କୋଟି ଶ୍ରମଦିବସ ସୃଷ୍ଟି ହୋଇଥିଲା । ୧୯୯୩ ମସିହା ଅକ୍ଟୋବର ୨ ତାରିଖ ଶୁଭାରମ୍ଭ ହୋଇଥିଲା EAS ଯୋଜନା । ୨୦୦୩-୦୪ ଆର୍ଥିକଭର୍ଷରେ ଶେଷ ବେଳକୁ ଦେଶରେ ୩୦୨.୨୫ ଶ୍ରମଦିବସ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା ।

୪) **ମହିଳା ସମୃଦ୍ଧି ଯୋଜନା (MSY) :** ଗ୍ରାମାଞ୍ଚଳରେ ବାସ କରୁଥିବା ସମସ୍ତ ସାବାଳକ ମହିଳାମାନଙ୍କୁ ସମୃଦ୍ଧ କରିବା ପାଇଁ ଏହି ଯୋଜନାଟିକୁ କେନ୍ଦ୍ର ସରକାର ୧୯୯୩ ମସିହା ଅକ୍ଟୋବର ୨ ତାରିଖ ଗାନ୍ଧୀଜୟନ୍ତୀ ଦିନ ଶୁଭାରମ୍ଭ କରିଥିଲେ । ଯେଉଁ ମହିଳାମାନେ ଗଚ୍ଛଣ ଏକାଉଣ୍ଟରେ ୩୦୦ଟଙ୍କା ଜମା ରଖିବେ, ସେମାନଙ୍କୁ ପ୍ରୋତ୍ସାହନ ବାବଦରେ ବାର୍ଷିକ ୭୫ ଟଙ୍କା ସେହି ଏକାଉଣ୍ଟରେ ସରକାର ଜମା କରିବାର ବ୍ୟବସ୍ତା ରହିଲା । ଏହି ଯୋଜନାର ଉଦ୍ଦେଶ୍ୟ ଥିଲା ଗରିବ ମହିଳାମାନଙ୍କୁ ସଶକ୍ତିକରଣ କରି ପରିବାର ଉପରେ ନିଜର କର୍ତ୍ତୃତ୍ୱ ଜାରି ରଖିବେ ଓ ସଞ୍ଚୟ ଉପରେ ଗୁରୁତ୍ୱ ଦେବେ । ପୋଷ୍ଟ ଅଫିସରେ ଏହି ଏକାଉଣ୍ଟ ଖୋଲୋବାର ବ୍ୟବସ୍ତା କରାଗଲା । ୧୯୯୫ ମସିହା, ଅକ୍ଟୋବର ମାସ ଶେଷବେଳକୁ ୧୨୫୪୨୩ଟି ଏକାଉଣ୍ଟ ଗ୍ରାମାଞ୍ଚଳରେ ଗରିବ ସାବାଳକ ମହିଳାମାନେ ପୋଷ୍ଟ ଅଫିସ ଗୁଡ଼ିକରେ ଚାଲୁ କରିଥିଲେ ।

୫) **ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା (PMRY) :** ୧୯୯୩ ମସିହା, ଅକ୍ଟୋବର ୨ ତାରିଖ ଦିନ ଦେଶରେ ପ୍ରଚଳିତ ଥିବା ଅଷ୍ଟମ ଯୋଜନାର ଅବଧି ମଧ୍ୟରେ PMRY ନାମକ ଅନ୍ୟ ଏକ ନିଯୁକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଅଷ୍ଟମ ଯୋଜନାରେ ଦେଶର ଶିକ୍ଷିତ ୧ ନିୟୁତ ବେକାର ଯୁବକମାନଙ୍କୁ ଶିଳ୍ପ, ସେବା ଏବଂ ବ୍ୟବସ୍ଥା କ୍ଷେତ୍ରରେ ୭ ଲକ୍ଷ ପର୍ଯ୍ୟନ୍ତ ମଧ୍ୟମରେ ନିଯୁକ୍ତି ଦେବା। ପ୍ରଥମ ପର୍ଯ୍ୟାୟରେ, ଏହି ଯୋଜନା କେବଳ ସହରାଞ୍ଚଳରେ ପ୍ରଥମେ କାର୍ଯ୍ୟକାରୀ କରାଗଲା, ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମାଞ୍ଚଳଗୁଡିକକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା। ଏହି କାର୍ଯ୍ୟକ୍ରମର ତାଲିମ, ପ୍ରଶାସନିକ ଖର୍ଚ୍ଚ ୧ ରିହାତି ପାଇଁ ସରକାର ଅହ୍‌ଟମ ଯୋଜନାରେ ୫୪୦ କୋଟୀ ଟଙ୍କା ଖର୍ଚ୍ଚ କରିଥିଲେ। ଏହି କାର୍ଯ୍ୟକ୍ରମ ଅନୁସାରେ ପ୍ରତ୍ୟେକ ଶିକ୍ଷିତ ବେକାରୀ ହିତାଧିକାରୀଙ୍କୁ ସର୍ବୋଚ୍ଚ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କରଣର ବ୍ୟବସ୍ଥା ରହିଲା। ଯଦି ୨/୩ ଜଣ ଯୋଗ୍ୟ ହିତାଧିକାରୀ ମିଳିତ ହୋଇ ଗୋଟିଏ ଅଧିକ ବ୍ୟୟର ପ୍ରକଳ୍ପ ଆରମ୍ଭ କରନ୍ତି, ତା'ହେଲେ ସେମାନଙ୍କ ପାଇଁ ମଧ୍ୟ ଋଣ ବ୍ୟବସ୍ଥା କରାଗଲା। କିନ୍ତୁ ହିତାଧିକାରୀଙ୍କୁ ପୂର୍ବଭଳି ଜଣକ ପିଛା ସର୍ବୋଚ୍ଚ ୧ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣର ବ୍ୟବସ୍ଥା ରହିଲା। ହିତାଧିକାରୀ ଅର୍ଥ ଆକାରରେ ପ୍ରକଳ୍ପ କର୍ଚ୍ଚର ଶତକଡା ୫ ଭାଗ ଅର୍ଥ ବ୍ୟାଙ୍କରେ ଜମାରଖିବାର ବ୍ୟବସ୍ଥା କରାଗଲା। କେନ୍ଦ୍ରସରକାର ପ୍ରକଳ୍ପ ଖର୍ଚ୍ଚର ଶତକଡା ୧୫ ଭାଗ ରିହାତି ବାବଦରେ (ସର୍ବାଧିକ ୭୫୦୦ ଟଙ୍କା) ହିତାଧିକାରୀଙ୍କୁ ପ୍ରଦାନ କରିବାର ବ୍ୟବସ୍ତା ରହିଲା। ବିଭିନ୍ନ ପ୍ରକଳ୍ପ ପାଇଁ କେବଳ ଯୋଗ୍ୟ ବିବେଚିତ ମାଟ୍ରିକ ଓ I.T.I. ପାସ୍ କରିଥିବା ଯୁବକଯୁବତୀମାନ୮୍‌କୁ ଚୟନ କରାଗଲା ଏବଂ ସେମାନଙ୍କୁ ସର୍ବନିମ୍ନ ୬ ମାସର ତାଲିମ ଉପରେ ଗୁରୁତ୍ୱ ଦିଆଗଲା। ଯେଉଁ ଯୁବକଯୁବତୀମାନଙ୍କର ବୟସ ୧୮ରୁ ୨୫ ବର୍ଷ ମଧ୍ୟରେ ହୋଇଥିବ ଏବଂ ପାରିବାରିକ ବାର୍ଷୀକ ଆୟ ୨୪,୦୦୦ ଟଙ୍କା ଓ ଆନୁସଙ୍ଗିକ ଶିକ୍ଷାଗତ ଯୋଗ୍ୟତା ଥିବା ସେହିମାନଙ୍କୁ ଏହି ଯୋଜନାରେ ସାମିଲ କରାଗଲା।

୬) **ଜବାହାର ରୋଜଗାର ଯୋଜନା (JRY) :** ୧୯୯୨-୯୩ ଏବଂ ୧୯୯୩-୯୪ ଆର୍ଥିକ ବର୍ଷରେ ଏହି ଯୋଜନା ଦ୍ୱାରା ଯଥାକ୍ରମେ ୭୮୨ ଓ ୧,୦୨୬ ନିୟୁତ କାର୍ଯ୍ୟଦିବସ ସୃଷ୍ଟି ହୋଇଥିଲା। କେନ୍ଦ୍ରସରକାର ୧୯୯୪-୯୫ ମସିହାର ବଜେଟରେ ଏହି ଯୋଜନା ପାଇଁ ୯୮୦ ନିୟୁତ ଶ୍ରମଦିବସ ସୃଷ୍ଟି କରିବା ପାଇଁ ୭୦.୧ ବିଲିୟନ ଟଙ୍କାର ବ୍ୟୟ ବରାଦ କରିଥିଲେ। କିନ୍ତୁ ଆର୍ଥିକ ବର୍ଷର ଶେଷବେଳକୁ ୯୫୨ ନିୟୁତ କାର୍ଯ୍ୟ ଦିବସ ସୃଷ୍ଟି ହୋଇଥିଲା। ୧୯୯୮-୯୯ ଆର୍ଥିକ ବର୍ଷରେ ଏହି ଯୋଜନା ମାଧ୍ୟମରେ ସରକାର ଲକ୍ଷ୍ୟ ଥିଲା ୩୯୬.୬ ନିୟୁତ ଶ୍ରମଦିବସ ସୃଷ୍ଟି କରିବା, କିନ୍ତୁ ପ୍ରକୃତରେ ଏହା ୩୭୫.୨ ନିୟୁତରେ ସୀମିତ ରହିଥିଲା। JRY ଯୋଜନାର ଏହି ଆର୍ଥିକ ବର୍ଷରେ ହିତାଧିକାରୀମାନଙ୍କ ମଧ୍ୟରୁ ଶତକଡା୫୦ ଭାଗ କେବଳ ଜନଜାତିର ଅନ୍ତର୍ଭୁକ୍ତ ଥିଲେ।

୭) **ନେହେରୁ ରୋଜଗାର ଯୋଜନା (NRY) :** ଭାରତ ସରକାରଙ୍କର ସହରୀ ମନ୍ତ୍ରାଳୟ (Ministry of Urban Affair) ସହରରେ ବାସ କରୁଥିବା ଦରିଦ୍ର ଲୋକମାନଙ୍କ ପାଇଁ ଏହି ଯୋଜନା ପାଇଁ ମାନସମନ୍ଥନ କରିଥିଲେ। ତେଣୁ ୧୯୮୯ ମସିହା ଅକ୍ଟୋବର ମାସରେ କେନ୍ଦ୍ର ସରକାର ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଉଦ୍ଦେଶ୍ୟ ଥିଲା ସହରୀ ବେକାରୀମାନଙ୍କୁ କାମଧନ୍ଦା ପ୍ରଦାନ କରିବା। ଦାରିଦ୍ର୍ୟର ସୀମାରେଖା ତଳେ ସହରର ବସ୍ତିରେ ବାସ କରୁଥିବା ଅନୁସୂଚିତ ଜାତି, ଜନଜାତି ମହିଳାମାନଙ୍କୁ ମୁଖ୍ୟତଃ ଏହି ଯୋଜନାରେ ସାମିଲ ଉପରେ ଗୁରୁତ୍ୱ ଦିଆ ଯାଇଥିଲା।

ନେହେରୁ ରୋଜଗାର ଯୋଜନାର ୩ ଗୋଟି ଉପ-କାର୍ଯ୍ୟକ୍ରମ -

କ) ସହରୀ ଉଦ୍ୟୋଗ କାର୍ଯ୍ୟକ୍ରମ (SUME)

ଖ) ସହରୀ ମଜୁରୀ ନିଯୁକ୍ତି କାର୍ଯ୍ୟକ୍ରମ (SUWE)

ଗ) ଗୃହ ଏବଂ ବାସସ୍ଥଳୀ ପୁନରୁଥାନ କାର୍ଯ୍ୟକ୍ରମ (SHASU)

ସୁମେ (SUME) କାର୍ଯ୍ୟକ୍ରମ ଦ୍ୱାରା ୬.୫୫ ଲକ୍ଷ୍ୟ ସହରରେ ବାସକରୁଥିବା ଗରିବ ହିତାଧିକାରୀ ଉପକୃତ ହେଲେ।

SUWE ଏବଂ SHASU କାର୍ଯ୍ୟକ୍ରମ ମାଧ୍ୟମରେ ୧୯୯୪-୯୫ ମସିହା ପର୍ଯ୍ୟନ୍ତ ପାଖାପାଖି ୫୪୧.୫୨ ଶ୍ରମ ଦିବସ ସହରରେ ସୃଷ୍ଟି ହେଲା। NRY ଯୋଜନା ଦ୍ୱାରା ୧୯୯୨-୯୩, ୧୯୯୩-୯୪, ୧୯୯୪-୯୫ ଆର୍ଥିକ ବର୍ଷରେ ଯଥାକ୍ରମେ ୨.୩୭, ୧.୫୨ ଓ ୧.୨୫ ଲକ୍ଷ୍ୟ ପରିବାର ଉପକୃତ ହୋଇଥିଲେ, ୧୯୯୭-୯୮ ଆର୍ଥିକ ବର୍ଷରେ ଏହି ଯୋଜନା ଦ୍ୱାରା ମାତ୍ର ୦.୬ ଲକ୍ଷ ଉପକୃତ ହୋଇଥିଲେ, କିନ୍ତୁ ଲକ୍ଷ୍ୟ ଥିଲା ୧.୨ ଲକ୍ଷ ପରିବାର ୧୯୯୨-୯୩, ୧୯୯୩-୯୪, ୧୯୯୫-୯୬, ୧୯୯୭-୯୮ ଆର୍ଥିକ ବର୍ଷରେ NRY ଯୋଜନାରେ ଯଥାକ୍ରମେ ୧୪୦.୫, ୧୨୩.୭, ୯୨.୯, ୪୪.୬ ଲକ୍ଷ୍ୟ ଶ୍ରମ ଦବସ ସୃଷ୍ଟି ହୋଇଥିଲା% କିନ୍ତୁ ଲକ୍ଷ୍ୟ ଥିଲା ୧୩୫.୮ ଲକ୍ଷ। ୧୯୯୭ ଆର୍ଥିକ ବର୍ଷରେ ଏହି ଯୋଜନାଟିକୁ କେନ୍ଦ୍ର ସରକାର SJSRY ସହ ସାମିଲ କରିଥିଲେ।

୮) **ପ୍ରଧାନମନ୍ତ୍ରୀ ସମ୍ମୀଳିତ ସହରୀ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ (PMIUPEP) :** ୧୯୯୫-୯୬ ଆର୍ଥିକ ବର୍ଷରେ ଏହି ଯୋଜନାର ଶୁଭାରମ୍ଭ କେନ୍ଦ୍ର ସରକାର କରିଥିଲେ। ଉଦେଶ୍ୟ ଥଲା ସହରେ ବାସ କରୁଥିବା ଗରିବ ଲୋକମାନଙ୍କର, ସାମାଜିକ, ଆର୍ଥିକ ଉନ୍ନତି, ଗୋଷ୍ଠୀ ସଶକ୍ତୀକରଣ, ନିଯୁକ୍ତି ଦକ୍ଷତା ବୃଦ୍ଧ, ରହିବା ପାଇଁ ବସ୍ତିର ଉନ୍ନତିକରଣ ଏବଂ ପରିବେଶର ସୁରକ୍ଷା। ସେଥିପାଇଁ ଗୋଟିଏ ଦୀର୍ଘମିଆଦୀ ଓ ବହୁମୁଖୀ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା।

ଦେଶରେ ଥିବା ୩୪୫ଟି ଦ୍ୱିତୀୟ ଶ୍ରେଣୀର ସହରରେ ବାସ କରୁଥିବା ୫ ନିୟୁତ ବେକାରୀ ଦରିଦ୍ରଙ୍କ ପାଇଁ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲା। ଜନସଂଖ୍ୟା ୮୦,୦୦୦ ରୁ ୧,୦୦୦୦୦ ମଧ୍ୟରେ ଥିବା ସହରରେ କାର୍ଯ୍ୟକ୍ରମଟି ଆରମ୍ଭ କରାଗଲା। କେନ୍ଦ୍ର ସରକାର ପାଞ୍ଚବର୍ଷ ପାଇଁ ଏହି କାର୍ଯ୍ୟକ୍ରମ ବାବଦରେ୮୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିଲେ। ୧୯୯୫-୯୬ ଆର୍ଥିକ ବର୍ଷରେ ୧୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଗଲା। ୧୯୯୬-୯୭ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମ ଦ୍ୱାରା ୧୫୦ ଲକ୍ଷ ସହରୀ ଦରିଦ୍ର ଉପକୃତ ହେଲେ। ୧୯୯୬ ମସିହା ଅକ୍ଟୋବର ମାସ ସୁଧା ୧୪,୦୦୦ ଲକ୍ଷ ଏବଂ ୧,୦୦୦୦୦ ଲକ୍ଷ ହିତାଧିକାରୀ ଯଥାକ୍ରମେ ଉପାର୍ଜନକ୍ଷମ ହେଲେ ଏବଂ ବାସଗୃହ ଲାଭ କଲେ। ୧୯୯୭ ମସିହା ଡିସେମ୍ବର ମାସରେ ଏହି ଯୋଜନା SJSRY ସହ ସାମିଲ ହେଲା।

**୯) ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା (SJSRY) / ଜାତୀୟ ସହରୀ ଜୀବିକା ମିଶନ୍ (NULM) :** ଏହି ଯୋଜନାକୁ କେନ୍ଦ୍ର ସରକାର ୧୯୯୭ ମସିହା ଡିସେମ୍ବର ମାସରେ କାର୍ଯ୍ୟକାରୀ କଲେ। ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ତିନିଗୋଟି ସହରୀ ଦାରିଦ୍ର୍ୟ ଦୂରୀକରଣ ଯୋଜନା, ଯଥା - NRY, UBSP, PMIUPEP ଗୁଡ଼ିକୁ ସରକାର ଏହି ଯୋଜନାରେ ସାମିଲ କଲେ। ଏହି ଯୋଜନାର ଉଦ୍ଦେଶ୍ୟ ସହରର ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ପିଲାମାନଙ୍କୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷିତ କରିବା ସହ ଶ୍ରମନିଯୁକ୍ତି ଏବଂ ସ୍ୱନିଯୁକ୍ତି ପ୍ରକଳ୍ପ ମାଧ୍ୟମରେ ସମସ୍ତଙ୍କୁ ରୋଜଗାରକ୍ଷମ କରିବା।

ବିଶେଷ କରି ସହରରେ ବାସ କରୁଥିବା ଦରିଦ୍ର ମହିଳାମାନଙ୍କୁ ସଶକ୍ତୀକରଣ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସହରୀ ଅଞ୍ଚଳ ମହିଳା ଓ ଶିଶୁ ପ୍ରଗତି (DWCUA) କାର୍ଯ୍ୟକ୍ରମ ଗ୍ରହଣ କରାଗଲା। ଏ କାର୍ଯ୍ୟକ୍ରମ ଅନୁସାରେ ସହର ମହିଳାମାନେ ଆତ୍ମନିର୍ଭରଶୀଳ ହେବା ପାଇଁ କେନ୍ଦ୍ର ସରକାର ପ୍ରକଳ୍ପ ଖର୍ଚ୍ଚର ଶତକଡା ୫୦ ଭାଗ ରିହାତି ଆକାରରେ ଯୋଗାଇବାର ବ୍ୟବସ୍ଥା ରହିଲା। ୧୯୯୯-୨୦୦୦ ଆର୍ଥିକ ବର୍ଷରେ ସରକାର ଏହି କାର୍ଯ୍ୟକ୍ରମ ପାଇଁ ୧୮୧ କୋଟି ଟଙ୍କା ଅଟକଳ କରିଥିଲେ। ୧୯୯୮-୯୯ ଆର୍ଥିକ ବର୍ଷରେ ଏହି ଯୋଜନା ଦ୍ୱାରା ସହରର ୦.୦୧ ଲକ୍ଷ ଗରିବ ମହିଳା ଉପକୃତ ହୋଇଥିଲେ। ୨୦୦୧-୦୨ ଆର୍ଥିକ ବର୍ଷରେ ସରକାର ୧୬୮ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିଲେ। କିନ୍ତୁ ବାସ୍ତବରେ ୪୫.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୦୨-୦୩ ଆର୍ଥିକ ବର୍ଷରେ ଯୋଜନା ବାବଦରେ ୧୦୫ କୋଟି ଟଙ୍କାର ବ୍ୟୟ ବରାଦ ମଧ୍ୟରୁ ମାତ୍ର ୭୪ କୋଟି ଟଙ୍କା ବ୍ୟୟ ହୋଇଥିଲା।

SJSRY ରେ ସହରୀ ସ୍ୱନିଯୁକ୍ତି କାର୍ଯ୍ୟକ୍ରମ (USEP) ଏବଂ ସହରୀ ମଜୁରୀ ନିଯୁକ୍ତି କାର୍ଯ୍ୟକ୍ରମ (UWEP) କୁ ସାମିଲ କରାଗଲା। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅନୁଦାନର ଅର୍ଥ ଥିଲା ଯଥାକ୍ରମେ ଶତକଡା ୭୫ : ୨୫ ଭାଗ। ୧୯୯୭-୯୮, ୯୮-୯୯ ଏବଂ ୯୯-୨୦୦୦ ଆର୍ଥିକ ବର୍ଷରେ ଏହି ଯୋଜନା ମାଧ୍ୟମରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଯଥାକ୍ରମେ ୧୦୨.୫୧, ୧୬୨.୨୮ ଏବଂ ୧୨୩.୦୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

୧୯୯୮-୯୯ ଏବଂ ୨୦୦୩-୦୪ ଆର୍ଥିକ ବର୍ଷରେ USEP ଯୋଜନାରେ ଯଥାକ୍ରମେ ୦.୦୪ ନିୟୁତ ଏବଂ ୦.୧୦ ନିୟୁତ ହିତାଧିକାରୀ ଉପକୃତ ହୋଇଥିଲେ ଏବଂ ଯଥାକ୍ରମେ ୦.୦୫ ନିୟୁତ ଓ ୦.୧୨ ନିୟୁତ ତାଲିମ ଗ୍ରହଣ କରିଥିଲେ। ପୁନର୍ବାର UWEP ଯୋଜନାରେ ୧୯୯୮-୯୯, ୧୯୯୯-୨୦୦୦ ଏବଂ ୨୦୦୩-୦୪ ଆର୍ଥିକ ବର୍ଷରେ ଯଥାକ୍ରମେ ୬.୬୦, ୧୦.୧୪ ଏବଂ ୪.୫୬ ନିୟୁତ କାର୍ଯ୍ୟଦିବସ ସୃଷ୍ଟି ହୋଇଥିଲା। ୨୦୦୫-୦୬ ଆର୍ଥିକ ବର୍ଷରେ ପ୍ରକଳ୍ପ / ଗୋଷ୍ଠୀ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୦.୯ ଲକ୍ଷ ସହରୀ ବେକାରୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ସରକାର ପ୍ରଦାନ କିନ୍ତୁ ଲକ୍ଷ୍ୟ ଧାର୍ଯ୍ୟ ଥିଲା ୦.୮୦ ଲକ୍ଷ। ୨୦୦୫-୦୬ ଆର୍ଥିକ ବର୍ଷରେ ଲକ୍ଷ ଧାର୍ଯ୍ୟ ଥିଲା ୧ ଲକ୍ଷ ବେକାରଙ୍କୁ ତାଲିମ ପ୍ରଦାନ କରିବା, କିନ୍ତୁ ବାସ୍ତବରେ ୧.୪୨ ଲକ୍ଷ ଯୁବକ ତାଲିମ ଗ୍ରହଣ କରିଥିଲେ।

୨୦୧୧-୧୨ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର SJSRY କାର୍ଯ୍ୟକ୍ରମ ପାଇଁ ୮୧୩ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିବା ବେଳେ ୨୦୧୨, ଫେବୃୟାରୀ ମାସ ସୁଧା ୬୭୬.୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଦେଶର ରାଜ୍ୟ ଏବଂ କେନ୍ଦ୍ର ସରକାରଗୁଡିକର ୨୦୦୯-୧୦ ଆର୍ଥିକ ବର୍ଷର ରିପୋର୍ଟ ଅନୁସାରେ ବ୍ୟକ୍ତିଗତ ପ୍ରକଳ୍ପ ପାଇଁ ୨୮,୬୧୩ ପୁରୁଷ ଓ ମହିଳା ଗୋଷ୍ଠୀଗତ ପ୍ରକଳ୍ପ ପାଇଁ ୧୩,୪୬୩ ମହିଳା ୨୭,୪୬୩ ଏବଂ ୮୫, ୧୮୫ ସହରୀ ମହିଳା ପୁରୁଷକୌଶଳ ବିକାଶ ତାଲିମ ଗ୍ରହଣ କରିଥିଲେ । ତେଣୁ ୨୦୧୧-୧୨ ଆର୍ଥିକ ବର୍ଷରେ SJSRY ଯୋଜନା ମାଧ୍ୟମରେ ଦେଶରେ ସହରର ବସ୍ତିରେ ବାସ କରୁଥିବା ସର୍ବମୋଟ ୩,୬୩,୭୯୪ ହିତାଧିକାରୀ ଉପକୃତ ହୋଇଥିଲେ ।

**୧୦) ଜାତୀୟ ସହରୀ ଜୀବିକା ମିଶନ (NULM) :** ୨୦୧୩ ମସିହା ସେପ୍ଟେମ୍ବର ମାସରେ କେନ୍ଦ୍ର ସରକାର SJSRY କାର୍ଯ୍ୟକ୍ରମ ବନ୍ଦ କରି NULM ର ଶୁଭାରମ୍ଭ କଲେ । ଏହାର ଉଦ୍ଦେଶ୍ୟ ଥିଲା ସହରୀ ଦରିଦ୍ରମାନଙ୍କ ପାଇଁ ଏକ ଫଳପ୍ରଦ ନିଯୁକ୍ତି କାର୍ଯ୍ୟକ୍ରମ ହାତକୁ ନେବା । ତେଣୁ ଦରିଦ୍ରମାନଙ୍କ ପାଇଁ ସ୍ୱୟଂସହାୟକ ଗୋଷ୍ଠୀ (SHG) ଗଠନ, ବଜାରର ନିଯୁକ୍ତି ଚାହିଦା ଅନୁସାରେ ବେକାରୀମାନଙ୍କୁ ତାଲିମ ପ୍ରଦାନ, ଆତ୍ମ-ନିର୍ଭରଶୀଳ ହେବା ପାଇଁ ପ୍ରକଳ୍ପ ପ୍ରତିଷ୍ଠା ଓ ତତ୍ ସଂଲଗ୍ନ ଋଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଗଲା । ଏହା ସହିତ ବସ୍ତିର ବାସ କରୁଥରବା ଗରିବମାନଙ୍କ ପାଇଁ ସର୍ବନିମ୍ନ ଅନୁସଙ୍ଗିତ ସୁବିଧା ସୁଯୋଗ ଥିବା ପକ୍କା ବାସଗୃହ ଯୋଗଣର ବ୍ୟବସ୍ଥା ରହିଲା । ସହରର ରାସ୍ତା କଡରେ ବସି ଜୀବନ ଜୀବିକା ପାଇଁ ବ୍ୟବସସାୟ କରୁଥିବା କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ମଧ୍ୟ ଆର୍ଥିକ ସହାୟତାର କାର୍ଯ୍ୟକ୍ରମ ଗ୍ରହଣ କରାଗଲା । ୨୦୧୩-୧୪ ଆର୍ଥିକ ବର୍ଷରେ NULM ବାବଦରେ କେନ୍ଦ୍ର ସରକାର ୭୨୦.୪୩ କୋଟି ଟଙ୍କା ସହାୟତା ଯୋଇଥିଲେ, ଫଳରେ କୌଶଳ ବିକାଶ ପାଇଁ ତାଲିମ ନେଇ ଆତ୍ମନିର୍ଭରଶୀଳ ହୋଇଥିବା ଗରିବଙ୍କ ସଂଖ୍ୟା ଥିଲା ଯଥାକ୍ରମେ ୬୮୩,୪୫୨ ଏବଂ ୧,୦୬,୨୫୦ ।

**୧୧) ସ୍ୱର୍ଣ୍ଣ ଜୟନ୍ତୀ ସ୍ୱରୋଜଗାର ଯୋଜନା (SGSY) ଏବଂ ଜାତୀୟ ଗ୍ରାମୀଣ ଜୀବିକା ମିଶନ (NRLM) :** SGSY ଯୋଜନାଟିକୁ କେନ୍ଦ୍ର ସରକାର ୧୯୯୯ ମସିହା ଏପ୍ରିଲ ମାସରେ ଶୁଭାରମ୍ଭ କରିଥିଲେ । ଏହା ଏକାମାତ୍ର ଆତ୍ମନିଯୁକ୍ତି ସଂପନ୍ନ ଯୋଜନା ଥିଲା । ଲକ୍ଷ୍ୟ ଥିଲା ଗରିବମାନଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ସେମାନଙ୍କ ପାଇଁ ଅନୁଦାନ ବ୍ୟବସ୍ଥା କରି ଦାରୁଦ୍ର୍ୟର ସୀମାରେଖାଠାରୁ ଊର୍ଦ୍ଧ୍ୱରେ ରଖିବା, ସ୍ୱୟଂ-ସହାୟକ ଗୋଷ୍ଠୀ (SHG) ପାଇଁ ପ୍ରୋତ୍ସାହନ ଦେବା, ସାମାଜିକ ତାଲିମ ଏବଂ ଦକ୍ଷତାକୁ ବିକାଶ କରି ସ୍ୱରୋଜଗାର କରିବା । ଏହି କାର୍ଯ୍ୟକ୍ରମ ପାଇଁ ହିତାଧିକାରୀମାନଙ୍କୁ ମିଳିତ ଭାବରେ ବ୍ୟାଙ୍କ ଏବଂ ସରକାରୀ ଅନୁଦାନର ବ୍ୟବସ୍ଥା କରିବା ।

ଖର୍ଚ୍ଚ ବାବଦରେ ଏହି ଯୋଜନା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ମଧ୍ୟରେ ଅନୁଦାନର ଅନୁପାତ ଗାର ଥିଲା ଯଥାକ୍ରମେ ଶତକଡା ୭୫ ଏବଂ ୨୫ । ଯୋଜନାର ଶୁଭାରମ୍ଭ ପାଖରୁ ୨୦୧୨ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସମୁଦାୟ ୪୨,୧୬,୮୪୨ କୋଟି ଖର୍ଚ୍ଚ କରିଥିଲେ । ଫଳରେ ଦେଶରେ ୪୨.୦୫ କୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହେବା ସହିତ ୧୬୮.୪୬ ଲକ୍ଷ

ସ୍ୱରୋଜଗାରୀ ସୃଷ୍ଟି ହୋଇଥିଲା । SGRY ଜାତୀୟ ଜୀବିକା ମିଶନ (NRLM) ନାମରେ ନାମିତ ହେଲା ଏବଂ ପରବର୍ତ୍ତୀ ସମୟରେ ୧୯୧୧ ମସିହାରେ ଅଜିଭିକା (AJEEVIKA) ନାମରେ ନାମିତ ହୋଇ ଦେଶରେ କାର୍ଯ୍ୟକାରୀ ହେଉଅଛି ।

ଆଜିବିକାର ମୁଖ୍ୟ ବିଶେଷତ୍ୱ -

୧- ଗ୍ରାମାଞ୍ଚଳରେ ବାସ କରୁଥିବା ଗୋଟିଏ ଗରିବ ପରିବାରରୁ ଜଣେ ମାତ୍ର ମହିଳା ସଦସ୍ୟଙ୍କୁ ସ୍ୱୟଂ-ସହାୟକ ଗୋଷ୍ଠୀ (SHG) ପରିସରରେ ଅନ୍ତର୍ଭୁକ୍ତ କରିବା ।

୨- ହିତାଧିକାରୀମାନଙ୍କ ମଧ୍ୟରୁ ଶତକଡା ୫୦ ଭାଗ ଅନୁସୂଚିତ ଜାତି ଏବଂ ଜନଜାତି ଶତକଡା ୧୫ ଭାଗ ସଂଖ୍ୟାଲଘୁ ଏବଂ ଶତକଡା ୩ ଭାଗ ଭିନ୍ନକ୍ଷମ ଦରିଦ୍ର ଅନ୍ତର୍ଭୁକ୍ତ ହେବେ । ଶତ ପ୍ରତିଶତ ଦାରିଦ୍ର୍ୟର ସୀମାରେଖା ତଳେ ଥିବା ପରିବା (BPL) ଏହି ଯୋଜନା ଦ୍ୱାରା ଉପକୃତ ହେବା ।

୩- ଦକ୍ଷତା ବିକାଶ ଏବଂ କୌଶଳ ବିକାଶ ପାଇଁ ତାଲିମ ବ୍ୟବସ୍ଥା

୪- ଆର୍ଥିକ ପ୍ରୋତ୍ସାହନ

୫- ସୁଧ ହାରରେ ରିହାତି ବ୍ୟବସ୍ଥା

୬- ପୂର୍ବପର ସଂଯୋଗ ବ୍ୟବସ୍ଥା

୭- ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହନ

NRLM ର ଉଦ୍ଦେଶ୍ୟ ଥିଲା ଗୋଟିଏ ପରିବାର ଯଦି SHG ପରିସରରେ ଅତିକମ୍ରେ ୬ ରୁ ୮ ବର୍ଷ ରହିଛି, ତା'ହେଲେ ସେହି ପରିବାରର ସଦସ୍ୟମାନେ ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ ହୋଇ ପାରିବେଏବଂ ପଞ୍ଚାୟତିରାଜ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥରବା ୩ ରୁ ୪ ଗୋଟି ରୋଜଗାରକ୍ଷମ ଯୋଜନା ସଂଶ୍ଳିଷ୍ଟ ହେବାରୁ ସୁଯୋଗ ଲାଭ କରିବେ । ଏହି ମିଶନ ଦ୍ୱାରା ଦେଶର ୯୭,୩୯୧ଟି ଗ୍ରାମ ଓ ୨୦ ଲକ୍ଷ SHG ଗୋଷ୍ଠୀ ଅନ୍ତର୍ଭୁକ୍ତ ହେଲେ । ୨୦୧୩-୧୪ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକ SHG କୁ ୨୨,୨୧୧.୧୮ କୋଟି ଟଙ୍କା ଋଣ ଆକାରେ ପ୍ରଦାନ କରିଥିଲା । ୨୦୧୪-୧୫ ଆର୍ଥିକବର୍ଷରେ କେନ୍ଦ୍ରସରକାର NRLM ପାଇଁ ୩,୫୬୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଥିଲେ ।

**୧୨) ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା (SGRY) :** ୨୦୦୧ ମସିହାରେ କେନ୍ଦ୍ର ସରକାର ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ପୂର୍ବରୁ ପ୍ରଚଳିତ JGSY ଏବଂ EAS ଯୋଜନା ସଂପୂର୍ଣ୍ଣ ଭାବରେ SHRY ରେ ସାମିଲ ହୋଇଥିଲା । ଯୋଜନାର ଲକ୍ଷ ଥିଲା ଗ୍ରାମାଞ୍ଚଳରେ ଅତିରିକ୍ତ ନିଯୁକ୍ତି ବ୍ୟବସ୍ଥା । ଖାଦ୍ୟ ନିରାପତ୍ତା ସାମାଜିକ ଏବଂ ଆର୍ଥିକ ସମ୍ବଳ, ଗୋଷ୍ଠୀ ଉନ୍ନୟନ ଭିତ୍ତିଭୂମିର ବିକାଶ ସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା । ଗୋଟିଏ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳରେ ୧୦୦ କୋଟି ଶ୍ରମ ଦିବସ ସୃହଟି କରିବା ପାଇଁ ଏହି ଯୋଜନା ପ୍ରୟାସ କରିଥିଲା । ଏହି ଯୋଜନାର ବ୍ୟୟ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡିକ ମଧ୍ୟରେ ଅନୁଦାନର ହାର ଥିଲା ଯଥାକ୍ରମେ ଶତକଡା ୮୭.୫ ଏବଂ ୧୨.୫ (ଖାଦ୍ୟଶସ୍ୟ ଅନୁପାତ ସହ) ।

୨୦୦୫-୦୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏ ଯୋଜନା ବାବଦରେ ୫୪୯୭.୪୩ କୋଟି ନଗଦ ଟଙ୍କା ଆକାରରେ ଏବଂ ୩୭.୩୦ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଆକାରରେ ଖର୍ଚ୍ଚ କରିଥିଲେ । ଫଳରେ ୮୨.୧୮ କୋଟି ଶ୍ରମଦିବସ ଦେଶରେ ସୃଷ୍ଟି ହୋଇଥିଲା । ଏହି ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ମଧ୍ୟ ଦେଶର ୧୧ଟି ଦୁର୍ବିପାକ ପ୍ରବଣ ଅଞ୍ଚଳକୁ ୧୫.୬୪ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଅନୁଦାନ ଆକାରରେ ଯୋଗାଇଥିଲେ । ୨୦୦୭-୦୮ ଆର୍ତିକ ବର୍ଷରେ ଏବଂ ବିଶେଷ କରି ୨୦୦୭ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ SGRY ଯୋଜନାରେ ଦେଶରେ ୧୧.୬୦ କୋଟି ଶ୍ରମଦିବସ ସୃଷ୍ଟି ହୋଇଥିଲା ଏବଂ କେନ୍ଦ୍ର ସରକାରଙ୍କର ଅନୁଦାନ ଥିଲା ଅର୍ଥ ଆକାରରେ ୧,୧୪୨.୨୭ କୋଟି ଏବଂ ଖାଦ୍ୟ ଆକାରରେ ୯.୫୫ ଲକ୍ଷ ଟନ୍ ।

**୧୩) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା - ମନେରେଗା (MGNREGA) :**

ମନେରେଗା ଯୋଜନାକୁ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୨୦୦୬ ମସିହା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାରେ ବାହାଦଲାପଲ୍ଲୀ ଗ୍ରାମପଞ୍ଚାୟତରୁ ଦେଶବାସୀଙ୍କୁ ସମର୍ପିତ କରିଥିଲେ । ଦେଶରେ ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ ଲୋକଙ୍କ ରୋଜଗାର ପାଇଁ କେନ୍ଦ୍ରରେ ଥିବା ଉପା ସରକାର (ଟଚଇ) ର ଏହି ଯୋଜନା ଥିଲା ଏକ ଅନବଦ୍ୟ ଦାନ । ମନେରେଗା ଆଇନଟି ୨୦୦୫ ମସିହା ଅଗଷ୍ଟ ମାସରେ ସଂସଦରେ ପାରିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଦେଶରେ ୨୦୦ଟି ଜିଲ୍ଲା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୩୩୦ ଜିଲ୍ଲାକୁ ଏହି ଯୋଜନା ପ୍ରସାରିତ କରାଯାଇଥିଲା । ୨୦୦୮-୦୯ ଆର୍ଥିକ ବର୍ଷ ସୁଧା ଦେଶର ପ୍ରାୟତଃ ସମସ୍ତ ଜିଲ୍ଲାକୁ ଏହି ଯୋଜନା ଅନ୍ତର୍ଭୁକ୍ତ କରାଯାଇଥିଲା ।

ଭାରତ ଇତିହାସରେ ପ୍ରଥମ ଥର ପାଇଁ ଉକ୍ତ ଆଇନ ବଳରେ ଗୋଟିଏ ନିଶ୍ଚିତ କାର୍ଯ୍ୟ ଯୋଜନା ପ୍ରଚଳନ କରାଗଲା । ଏହି ଆଇନ ବଳରେ ଗ୍ରାମାଞ୍ଚଳରେ ୧୫୦ ନିୟୁତ ପ୍ରତ୍ୟେକ ପରିବାରରୁ ଜଣେ ସଦସ୍ୟ ନିଶ୍ଚିତ ଭାବରେ ୧୦୦ ଦିନର ସର୍ବନିମ୍ନ ୬୫ ଟଙ୍କା ମଜୁରୀରେ କାର୍ଯ୍ୟ ପାଇବା ପାଇଁ ହକଦାର ହେଲେ ଏବଂ ଏହା ପଛରେ ନ୍ୟାୟୀକ ବ୍ୟବସ୍ଥା ଲାଗୁ କରାଗଲା । ଏହି ଆଇନ ଦେଶର ଦରିଦ୍ର ଓ ଅବହେଳିତ ଲୋକମାନଙ୍କୁ ସାମାଜିକ ନିରାପତ୍ତା ଦେବା ସହ ଅଭିବୃଦ୍ଧି ସହ ସମତା ଉପରେ ଗୁରୁତ୍ୱ ଦେଇଥିଲା ।

ମନେରେଗା ଆଇନର ବିଶେଷତ୍ୱ -

୧) ଏହା କେବଳ ମାତ୍ର ଏକ ଯୋଜନା ନ ଥିଲା, ଗରିବ ଲୋକମାନଙ୍କୁ କାମ ପାଇଁ ନ୍ୟାୟିକ ବ୍ୟବସ୍ଥା ବଳବତ୍ତର ରହିଲା ।

୨) ଯଦି ଉଦ୍ଦିଷ୍ଟ ଅଞ୍ଚଳରେ ଯୋକୌଣସି ସାବାଳକ ଅଣ-କୁଶଳ ଶାରିରିକ କାମ ପାଇଁ ଇଚ୍ଛୁକ ଥରବେ ତା'ହେଲେ ନିଜ ଗ୍ରାମପଞ୍ଚାୟତରେ ନିଜର ନାମକୁ ପଞ୍ଜୀକରଣ କରିବା ପାଇଁ ଆବେଦନ କରି ପାରିବେ । ତା ପରେ ପଞ୍ଚାୟତର ଅଧିକାରୀ ସଂପୃକ୍ତ ବ୍ୟକ୍ତିକୁ ଗୋଟିଏ କାର୍ଯ୍ୟ କାର୍ଡ (JOB CARD) ପ୍ରଦାନ କରିବେ, ଫଳରେ ସେ କାମଧନ୍ଦା ପାଇଁ ଯୋଗ୍ୟ ବିବେଚିତ ହେବେ ଏବଂ ଆବେଦନ କରି ପାରିବେ ।

୩) ପଞ୍ଜୀକୃତ ବ୍ୟକ୍ତି ଜଣକ ନ୍ୟାୟିକ ଅଧିକାର ବଳରେ କାମଧନ୍ଦା ପାଇଁ ଯୋଗ୍ୟ ବିବେଚିତ ହେବେ ।

୪) ଆବେଦନର ୧୫ ଦିନ ମଧ୍ୟରେ ସଂପୃକ୍ତ ବ୍ୟକ୍ତି ଜଣକ କାମଧନ୍ଦା ପାଇଁ ଯୋଗ୍ୟ ବିବେଚିତ ହେବେ।

୫) ଯଦି ସଂପୃକ୍ତ ବ୍ୟକ୍ତିଙ୍କୁ ନିର୍ଦ୍ଧାରିତ ଦିନ ଭିତରେ କୌଣସି କାମଧନ୍ଦା ନ ମିଳେ, ତା୦୧୪୬ହେଲେ ସେ ବେକାରୀ ଭତ୍ତା ପାଇଁ ହକଦାର ହେବେ।

୬) ଗୋଟିଏ ଗ୍ରାମପଞ୍ଚାୟତରେ ଏକ ତୃତୀୟାଂଶ ହିତାଧିକାରୀ ନିଶ୍ଚିତ ଭାବରେ ମହିଳା ହୋଇଥିବେ।

୭) ହିତାଧିକାରୀଙ୍କର ବାସସ୍ଥାନରୁ ମାତ୍ର ପାଞ୍ଚ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ କାମଧନ୍ଦା ପାଇଁ ନିଯୁକ୍ତି ପାଇବେ। ଏହି ଦୂରତ୍ୱରୁ ଅଧିକ ହେଲେ ସେମାନଙ୍କୁ ଅତିରିକ୍ତ ମଜୁରୀ ଦେବାକୁ ପଡିବ।

୮) ପଞ୍ଚାୟତରାଜ ସଂସ୍ଥାଗୁଡିକ (RRIS) ମନେରେଗା ଯୋଜନାର ରୂପରେଖ, ତଦାରଖ ଓ କାର୍ଯ୍ୟକାରିତାକୁ ବୁଝାସୁଝା କରିବେ।

୯) ହିତାଧିକାରୀ ମଜୁରୀ ଉପରେ ହକଦାର ହେବେ।

୧୦) ହିତାଧିକାରୀମାନଙ୍କୁ କର୍ମସ୍ଥଳରେ ପିଇବା ପାଣି, ପିଲାମାନଙ୍କ ପାଇଁ ସାମୟିକ ରହଣୀ ଘର ଏବଂ ଫାଷ୍ଟଏଡ୍ ର ଯୋଗାଇବାର ବ୍ୟବସ୍ଥା ରହିବ। ଏହି ଯୋଜନାର ସମସ୍ତ ଖର୍ଚ୍ଚର କେନ୍ଦ୍ରସରକାର ଶତକଡା ୮୦ ଭାଗ ବହନ କରିବେ ଏବଂ ରାଜ୍ୟ ସରକାରଙ୍କର ଭୂମିକା ଏହାର କାର୍ଯ୍ୟକାରିତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିବ। ଯୋଜନାର ମଜୁରୀ ବାବଦର ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ, କିନ୍ତୁ ସାମଗ୍ରୀ ଏବଂ ଅନ୍ୟ ଆନୁସଙ୍ଗିକ ଖର୍ଚ୍ଚକୁ ଉଭୟ କେନ୍ଦ୍ର ଓ ରାଜ୍ୟ ବହନ କରିବେ।

ଏହି ଉଚ୍ଚାକାଂକ୍ଷୀ ଯୋଜନାଟି ଗୋଟିଏ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ଗରିବ ପରିବାର ପାଇଁ ଜୀବନ ଜୀବିକାର ନିରାପତ୍ତା ଉଦ୍ଦେଶ୍ୟରେ ୧୦୦ ଦିନର କାମଧନ୍ଦା ଯୋଗାଇବା ସହ ଏକ-ତୃତୀୟାଂଶ ଗରିବ ମହିଳା ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶୁଭାରମ୍ଭ ହୋଇଥିଲା।

ସଂପଦର ସୁରକ୍ଷା, ମରୁଡିର ମୁକାବିଲା, ଜଙ୍ଗଲକ୍ଷୟ ଓ ମୃତ୍ତିକା ଅବକ୍ଷୟରେ ଲଗାମ ଲଗାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଗ୍ରହଣ କରିଥିଲା। ଗରିବ ଲୋକମାନଙ୍କୁ ଏହାର ସୁରକ୍ଷା ପାଇଁ କାମଧନ୍ଦା ପ୍ରଦାନ କରାଗଲା। ଫଳରେ ନିରନ୍ତର ଅଭିବୃଦ୍ଧି ପାଇଁ ମାର୍ଗ ପ୍ରସ୍ତୁତ ହେଲା। ଏହି ଯୋଜନାର ଦୁଇ ଗୋଟି ଦୀର୍ଘମିଆଦୀ ଲକ୍ଷ୍ୟ ହେଲା ଯଥା -

କ) ନିଯୁକ୍ତି ମାଧ୍ୟମରେ ଗରିବମାନଙ୍କୁ ଖାଦ୍ୟ ନିରାପତ୍ତା ପ୍ରଦାନ

ଖ) ସ୍ଥାୟୀ ସମ୍ବଳ ସୃଷ୍ଟି

ଅଧିକନ୍ତୁ, ମନେରେଗା ଯୋଜନାର ସଫଳ ରୂପାୟନ ଦୁଇଟି ପ୍ରସଙ୍ଗ ଉପରେ ଆଧାରିତ ଥିଲା, ଯଥା -

କ) ପଞ୍ଚାୟତରାଜ ସଂସ୍ଥାଗୁଡିକରେ ଦକ୍ଷତା ଓ ନିୟମିତତା

ଖ) ସୂଚନା ଆଇନର ସଠିକ ବ୍ୟବହାର

ଅଧିକନ୍ତୁ, ଏହି ଆଇନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଜାତୀୟ ସ୍ତରରେ ଗରିବମାନଙ୍କ ପାଇଁ ଏକ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ କାର୍ଯ୍ୟ କରିବା । କେନ୍ଦ୍ର ସରକାର ଯୋଜନା ପାଇଁ ଖର୍ଚ୍ଚର ଶତକଡା ୮୦ ଭାଗ ରାଜ୍ୟମାନଙ୍କୁ ଯୋଗାଇନବାର ବ୍ୟବସ୍ଥା ରହିଲା । ଯୋଜନା ପଛରେ ଗୋଟିଏ ନ୍ୟାୟୀକ ବ୍ୟବସ୍ଥା କାର୍ଯ୍ୟ କଲା, ଯାହାକି ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ଅନ୍ୟ ନିଯୁକ୍ତି ଯୋଜନାରେ ପରିଲକ୍ଷିତ ହୋଇ ନ ଥିଲା । ମନେରେଗା ଯୋଜନା ଲୋକମାନଙ୍କର ପ୍ରକୃତ ଦାବୀଗୁଡ଼ିକୁ ସମାଦାନ କରିବା ପାଇଁ କାର୍ଯ୍ୟକାରୀ କରାଗଲା । ବିଶେଷ କରି ଗ୍ରାମାଞ୍ଚଳ ଅସୁମାରି ସମସ୍ୟାଗୁଡ଼ିକୁ ଦୀର୍ଘମିଆଦୀ ସୂତ୍ରରେ ସମାଧାନ କରିବା ପାଇଁ, ଜଳ ସଂରକ୍ଷଣ, ମରୁଡ଼ି ନିୟନ୍ତ୍ୟ, ଚାଷଜମିର ଉନ୍ନତି, ବନ୍ୟା ନିୟନ୍ତ୍ରଣ, ଭିତ୍ତିଭୂମିର ଉନ୍ନତି ଏବଂ ସବୁଦିନ ଯୋଗାଯୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲା । ୨୦୦୬-୦୭ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏହି ଯୋଜନା ପାଇଁ ୧୧,୩୦୦ କୋଟି ଟଙ୍କା ବ୍ୟୟବରାଦ କରିଥିଲେ । ୨୦୦୭ ମସିହା ଜାନୁୟାରୀ ମାସ ସୁଧା ୬,୭୧୪.୯୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ୨୦୦୭ ମସିହା ଜାନୁୟାରୀ ୩୧ ତାରିଖ ସୁଧା ଦେଶର ୧.୫୦ କୋଟି ପରିବାରକୁ ୩.୪୭ କୋଟି କାର୍ଯ୍ୟ କାର୍ଡ (JOB CARD) ପ୍ରଦାନ କରାଯାଇଥିଲା ଓ ୧.୪୩ କୋଟି ପରିବାର ଏହି ଯୋଜନା ଦ୍ୱାରା ଉପକୃତ ହୋଇଥିଲେ । ୨୦୦୬ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ଦେଶରେ ୫୩.୫୬ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ସେଥିରେ ୨୧.୧୩ କୋଟି ମହିଳା ହିତାଧିକାରୀ ଉପକୃତ ହୋଇଥିଲେ । ପୁନଶ୍ଚ ୫.୮୧ ଲକ୍ଷ ପ୍ରକଳ୍ପ ହାତକୁ ନିଆଯାଇଥରଲା । ତନ୍ମଧ୍ୟରୁ ୨.୩୪ ଲକ୍ଷ ପ୍ରକଳ୍ପର କାର୍ଯ୍ୟଶେଷ ହୋଇଥିଲା ।

୨୦୦୭-୦୮ ଆର୍ଥିକ ବର୍ଷରେ ୨.୬୧ କୋଟି ପରିବାର ମଧ୍ୟରୁ ୨.୫୭ କୋଟି ପରିବାର ମନେରେଗା ଯୋଜନାରେ ମଜୁରୀ ପାଇଁ ଉପକୃତ ହୋଇଥିଲେ । ୨୦୦୭-୦୮ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ସରକାର ୧୨,୦୦୦ କୋଟି ଟଙ୍କା ବ୍ୟୟ ଅଟକଳ କରିଥିଲେ । ୩୦.୦୧ ୨୦୦୮ ମସିହା ସୁଧା ୧୦,୫୦୧.୦୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ବର୍ତ୍ତମାନ ସରକାର ନିଶ୍ଚିତ କର୍ମ ଯୋଗାଣକୁ ୧୦୦ ଦିନରୁ ୨୦୦ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଚିନ୍ତା କରୁଅଛନ୍ତି ।

୨୦୦୭-୦୮ ଆର୍ଥିକ ବର୍ଷରେ ଭାରତୀୟ ଡାକ (INDIA POST) ଏହାର ସୂଚନା ପ୍ରଯୁକ୍ତି, ନେଟୱାର୍କ (I.T. NETWORK) ମାଧ୍ୟମରେ ଆନ୍ଧ୍ର ପ୍ରଦେଶର ୧୯ଟି ଜିଲ୍ଲା ଏବଂ ଝାଡଖଣ୍ଡର ସମସ୍ତ ୨୨ଟି ଜିଲାରେ ଏହି ଯୋଜନାରେ ଆନ୍ତର୍ଭୁକ୍ତ ହିତାଧିକାରୀମାନଙ୍କ ଅତି ସଫଳତାର ସହ କାମ ପାଇଁ ମଜୁରୀ ପ୍ରଦାନ କରିଅଛି । ଏହି କାର୍ଯ୍ୟକ୍ରମ କର୍ଣ୍ଣାଟକ, ମଧ୍ୟପ୍ରଦେଶଙ୍କ ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ ହେଉଅଛି । ୨୦୦୮-୦୯ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେଉଅଛି । ୨୦୦୮-୦୯ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏହି ଆକାଂକ୍ଷିତ ଯୋଜନା ପାଇଁ କରିବା ସହ ୨୬,୫୦୦ କୋଟି ଟଙ୍କାର ବ୍ୟୟ ଅଟକଳ ୧୦,୫୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଜରୁରୀ ଆବଶ୍ୟକତା ପାଇଁ ରଖିଥିଲେ ।

୨୦୦୭ ମସିହା, ଏପ୍ରିଲ ମାସ ୧ ତାରିଖ ଠାରୁ କେନ୍ଦ୍ର ସରକାର ମନେରେଗା କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କଲେ । ଦେଶର ୧୩୦ଟି ଜିଲ୍ଲାକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲା ? ଫଳରେ ୨୯୩.୪୬ ଲକ୍ଷ ଶ୍ରମଦିବସ ସୃଷ୍ଟିରେ ଗରିବ ପରିବାରଗୁଡ଼ିକ ଉପକୃତ ହେଲେ । ୨୦୦୮-୦୯ ଆର୍ଥିକ

ବର୍ଷର SGRY ଯୋଜନାଟି NREGA ରେ ଅନ୍ତର୍ଭୁକ୍ତ ହେଲା । ସେହିବର୍ଷ ଦେଶର ସମସ୍ତ ଗ୍ରାମାଞ୍ଚଳ ଜିଲ୍ଲାଗୁଡିକୁ ଏହି ଯୋଜନାରେ ସାମିଲ କରାଗଲା । ବର୍ତ୍ତମାନ ଦେଶର ସମୁଦାୟ ୬୧୯ ଗୋଟି ଜିଲ୍ଲା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଅଛି । ୨୦୦୮-୦୯ ଆର୍ଥିକ ବର୍ଷରେ ୪.୫୧ କୋଟିରୁ ଅଧିକ ପରିବାରୁଙ୍କୁ ଏହି ଯୋଜନାରେ କାମଧନ୍ଦା ଯୋଗାଇ ଦିଆଯାଇଅଛି । ୨୦୧୩-୧୪ ଆର୍ଥିକ ବର୍ଷରେ ସରକାର ବ୍ୟୟ ଅଟକଳ କରିଥିବା ୩୩,୦୦୦ କୋଟି ଟଙ୍କା ମଧ୍ୟରୁ ୨୦୧୪ ମସିହା, ଜାନୁୟାରୀ ମାସ ସୁଧା ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଯୋଜନାର ଖର୍ଚ୍ଚ ବାବଦରେ ୨୫,୫୯୪.୦୩ କୋଟି ଟଙ୍କାରୁ ଅଧିକ କେନ୍ଦ୍ର ସରକାର ଯୋଗାଇ ଅଛନ୍ତି ।

୨୦୦୭-୦୮ ଆର୍ଥିକ ବର୍ଷରେ ଏହି ଯୋଜନାରେ ଦେଶର ସର୍ବମୋଟ ୩.୩୯ କୋଟି ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୨୦୦୮-୦୯ ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇଁ ୪.୪୭ କୋଟିରେ ପହଁଚିଥରଲା । ୨୦୧୩-୧୪ ଆର୍ଥିକ ବର୍ଷରେ ବୃଦ୍ଧି ପାଇ ପରିବାର ସଂଖ୍ୟା ୪.୭୮ କୋଟିରେ ପହଁଚିଥିଲା ଏବଂ ହାରାହାରି ମଜୁରୀ ନିଯୁକ୍ତି ହାର ଥିଲା୪୬ ଶ୍ରମଦିବସ । ୨୦୧୩-୧୪ ଆର୍ଥିକ ବର୍ଷରେ ଏହି ଯୋଜନା ୨୧୯-୭୨ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ସେଥି ମଧ୍ୟରୁ ଶତକଡା ୨୩ ଏବଂ ୧୭ ଭାଗ ଯଥାକ୍ରମେ ଅନୁସୂଚିତ ଜାତି ଓ ଜନଜାତିର ଗରିବଲୋକ ଉପକୃତ ହୋଇଥିବାବେଳେ ଶତକଡା ୫୩ ଭାଗ ଗରିବ ମହିଳା ଉପକୃତ ହୋଇଥିଲେ । ଆମ ସମାଜରେ ଥିବା ଅବହେଳିତ ଓ ବଂଚିତ ଲୋକମାନଙ୍କ ପାଇଁ ଏହି ଯୋଜନାଟି ସାମାଜିକ ନିରାପତ୍ତା ପ୍ରଦାନ କରିବା ସହ ସମାନତା ସହ ଅଭିବୃଦ୍ଧି ପ୍ରଦାନ କରିଥିଲା ।

ଗ୍ରାମାଞ୍ଚଳରେ ଏହି ଯୋଜନା ଦ୍ୱାରା ଗରିବଲୋକମାନଙ୍କର ଜୀବନଜୀବିକାର ନିରାପତ୍ତା ସହିତ ସମ୍ବଳର ମଧ୍ୟ ଉନ୍ନତି ଘଟିଥିଲା । ୨୦୦୬-୦୭ ଆର୍ଥିକ ବର୍ଷରେ ଜାତୀୟ ସ୍ତରରେ ଶ୍ରମିକମାନଙ୍କ ମଜୁରୀ ହାର ୬୫ ଟଙ୍କା ଥିବା ବେଳେ ଏହା ବୃଦ୍ଧି ପାଇ ୨୦୧୧-୧୨ ମସିହା ବେଳକୁ ୧୧୫ ଟଙ୍କାରେ ପହଁଚିଥିଲା । ଫଳରେ ଗ୍ରାମାଞ୍ଚଳରେ ଗରିବ କୃଷିଶ୍ରମିକମାନଙ୍କର କ୍ରୟଶକ୍ତି ବୃଦ୍ଧି ପାଇଲା । ବିଭିନ୍ନ ଗବେଷଣାରୁ ଜଣାଯାଏ ଏହି ଯୋଜନା ପ୍ରଭାବରେ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକମାନେ ଅଧିକରୁ ଅଧିକ ଦରମା ପାଇଲେ । ଜନମିଶନ କାର୍ଯ୍ୟକ୍ରମ ଏବଂ ଦାଦନ ଶ୍ରମିକ ପାଇଁ ବିଭିନ୍ନ ପ୍ରକଳ୍ପ ମାନ ଗ୍ରହଣ କରିବା ଦ୍ୱାରା ଅର୍ଥନୀତି ଦେଶର ଚଳଚଞ୍ଚଳ ହେଲା% ଯାହାକି ଏହି ଯୋଜନାର ଅନ୍ୟ ଏକ ସକାରାତ୍ମକ ଫଳ ଅଟେ । କୃଷିଶ୍ରମିକମାନଙ୍କୁ ଏହି ଯୋଜନାରେ ପ୍ରଦାନ କରାଯାଉଥିବା ମଜୁରୀ ଶ୍ରମ ଉପରେ ଆଧାରିତ ଥିଲା । ବର୍ତ୍ତମାନ କେନ୍ଦ୍ରସରକାର ଏହି ଯୋଜନାକୁ ଅଧିକ ସକ୍ରିୟ ଏବଂ ସ୍ୱଚ୍ଛ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଅଛନ୍ତି । ସେହି ପଦକ୍ଷେପଗୁଡ଼ିକ ହେଲା, ଯଥା –

କ) ଯୋଜନାର କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ଫଳପ୍ରଦ ଓ ଲୋକାଭିମୁଖୀ କରିବା ।

ଖ) ଶ୍ରମିକମାନଙ୍କୁ ମଜୁରୀ ଦେବାରେ ପ୍ରତିବନ୍ଧକକୁ ହଟାଇବା ପାଇଁ ସମସ୍ତ ରାଜ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବା ।

ଗ) ମରୁଡ଼ିପ୍ରବଣ ଜିଲ୍ଲା କିମ୍ବା ବ୍ଲକଗୁଡ଼ିକରେ ୧ ୦ ୦ ଦିନରୁ ଅଧିକ କାମଧନ୍ଦା ଯୋଗାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଇଯାଇଅଛି ।

ଘ) ମନେରେଗା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଶ୍ରମିକମାନଙ୍କୁ ଦିଆଯାଇଥିବା ଜବକାର୍ଡରେ ଆଦାର ନମ୍ବର ଉଲ୍ଲେଖ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଅଛି ।

ଙ) ସଂପୂର୍ଣ୍ଣ (TSC) ପାଇଁ ମନେରେଗା କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯଇଅଛି ।

ଏହି ଯୋଜନାର ସଫଳତାକୁ ଲକ୍ଷ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ. ମନମୋହନ ସିଂହ କହିଥିଲେ, "ମନେରେଗା ଆମର ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ ଲୋକମାନଙ୍କର ଆର୍ଥିକ ଅଭିବୃଦ୍ଧି ଏକ ଅଭିନବ ଯୋଜନା । ଆର୍ଥିକ ସମୃଦ୍ଧି ସହ ଏହି କାର୍ଯ୍ୟକ୍ରମ ଦ୍ୱାରା ପରୋକ୍ଷ ଭାବରେ ମଧ୍ୟ ଲୋକମାନେ ବହୁଳ ଭାବରେ ଉପକୃତ ହେଲେ ଫଳରେ ଦାଦାନିକରଣର ଚିତ୍ର ବଦଳିଲା ।" ଲୋକମାନେ ଭାରତୀୟ ଡାକଘର ବ୍ୟତୀତ ଦେଶର ବିଭିନ୍ନ ବ୍ୟାଙ୍କରେ ୪ କୋଟିରୁ ଅଧିକ ବ୍ୟାଙ୍କ ଖାତା ଖୋଲିଲେ । ସରକାର ସିଧାସଳଖ ଏହି ବ୍ୟାଙ୍କ ଖାତାକୁ ପ୍ରତେ୍ୟକ୍ଷ ସାହାଯ୍ୟ ଜମା ଯୋଜନା (DBTS) ମାଧ୍ୟମରେ ନଗଦ ରାଶି ଜମା କଲେ । ଅଧିକନ୍ତୁ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରଚଳନ ଦ୍ୱାରା ଯୋଜନାଟିର କାର୍ଯ୍ୟକାରିତା ଅଧିକ ଲୋକାଭିମୁଖୀ, ସ୍ୱଚ୍ଛ ଏବଂ କାର୍ଯ୍ୟଦକ୍ଷ ହେଲା । କ୍ଷୁଦ୍ର ଏବଂ ନାମକୁମାତ୍ର ଚାଷୀମାନେ ଜଳସଂରକ୍ଷଣ ଦ୍ୱାରା ଜମିରୁ ଅଧିକାରୁ ଅଧିକ ଉତ୍ପାଦନ କଲେ । ତେଣୁ ଶେଷରେ ଏତିକି କୁହାଯାଇପାରେ ମନେରେଗା ଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନ ଦ୍ୱାରା ପ୍ରକଳ୍ପ ଡିଜାଇନ ଦକ୍ଷତା ବୃଦ୍ଧି, ନିଯୁକ୍ତିବୃଦ୍ଧ ପାଇଁ ତାଲିମ ପ୍ରକଳ୍ପ ଖର୍ଚ୍ଚଗୁଡ଼ିକର ବ୍ୟୟ ହ୍ରାସ, ସମ୍ବଳ ବୃଦ୍ଧି, ଅଳ୍ପ ସମୟ ମଧ୍ୟରେ ପ୍ରକଳ୍ପର କାମ ସାରିବା ଦ୍ୱାରା ଜମିର ଉତ୍ପାଦିକା ଶକ୍ତି ଆଶାତୀତ ଭାବରେ ବୃଦ୍ଧି ପାଇଲା । ଫଳରେ ଗ୍ରାମାଞ୍ଚଳର ସାମାଜିକ, ଅର୍ଥନୈତିକ ଏବଂ ଭୌଗୋଳିକ ଚିତ୍ର ବଦଳିଗଲା ।

## ୩.୭ ନବମ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି

ନବମ ପଞ୍ଚବାର୍ଷିକ ଯୋଜନାରେ ଦେଶର ବେକାରୀ ଦୂରୀକରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ତେଣୁ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ଚିଠା ପ୍ରସ୍ତାବରେ "ଗ୍ରାମାଞ୍ଚଳରେ ନିଯୁକ୍ତିର ସୁଯୋଗକୁ ବ୍ୟାପକ କରି ଦାରିଦ୍ର୍ୟ ଦୂରୀକରଣ ପାଇଁ କୃଷିକ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଗଲା । ତେଣୁ, ଏହି ଯୋଜନାର ୪ ଗୋଟି ଆଭିମୁଖ୍ୟ ମଧ୍ୟରୁ "ଉତ୍ପାଦନକ୍ଷମ ନିଯୁକ୍ତି" ଗୁରୁତ୍ୱପୂର୍ଣ୍ଣ ଥିଲା । ଦେଶର ଗ୍ରାମାଞ୍ଚଳରେ ଥିବା ସବୁଠାରୁ ଉତ୍କଟ ବେରୋଜଗାରୀ ଅଞ୍ଚଳରେ ବିଭିନ୍ନ ଉଦ୍ୟୋଗରେ କିପରି ବ୍ୟବାପକ ଭାବରେ ଶ୍ରମଶକ୍ତିକୁ ବିନିଯୋଗ କରାଯାଇପାରିବ ସେଥପ୍ରତି ଧ୍ୟାନ ଦିଆଗଲା । ତେଣୁ, ଆୟୋଗ ନିଶ୍ଚିତ ସାହାଯ୍ୟ ଯୋଜନା (EAS) ପ୍ରଚଳନ କଲେ । ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳରେ ବେକାରୀ ଦୁରୀକରଣ ସହ ସାମୟୀକ ନିଯୁକ୍ତି ସଂସ୍କୃତିକୁ ହ୍ରାସ କରିବା ।

ନବମ ଆୟୋଗ ତାଙ୍କର ଚିଠା ପ୍ରସାଦରେ  ଦର୍ଶାଇଥିଲେ । ଅଧିକ ଉତ୍‌ପଦନ ପ୍ରକ୍ରିୟା ଦ୍ୱାରା ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିବ, ଫଳରେ ଶ୍ରମିକଙ୍କର ଦାବୀ ହାସଲ ହେବ । ଅଧିକନ୍ତୁ କେବଳ ନିଯୁକ୍ତି ସୁଯୋଗ ସୃହ୍‌ଟି କଲେ ବେକାରୀ ସମସ୍ୟାର ସମାଧାନ ଯଥେହ୍‌ଟ ନୁହେଁ, ଏହା ସହ ତାଳ ଦେଇ ମାନବ ପୁଞ୍ଜୀ

(HUMAN CAPITAL) ସୃଷ୍ଟି କରାଯିବା ଆବଶ୍ୟକ । ଗରିବମାନଙ୍କୁ ସଶକ୍ତୀକରଣ ଉପରେ ଧ୍ୟାନ ଦିଆଯିବ । ସେଥିପାଇଁ ସେମାନଙ୍କୁ ଶିକ୍ଷା ଏବଂ ଦକ୍ଷତା ବିକାଶ ପାଇଁ ତାଲିମ ଦେବା ଆବଶ୍ୟକ । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରଥମ । ପଦ କ୍ଷେପ ସ୍ୱରୂପ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ସହ ମଧ୍ୟାହ୍ନ ଭୋଜନ (MID DAY MEAL) କାର୍ଯ୍ୟକ୍ରମ ଆରମ୍ଭ ହେବା ଆବଶ୍ୟକ ଏହା ସହିତ, ଲୋକମାନଙ୍କର ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା, ବୈଷୟୀକ ଜ୍ଞାନର ଅଭିବୃଦ୍ଧି ଏବଂ ସେମାନଙ୍କୁ ପାରମ୍ପରିକ ବୃଦ୍ଧି ପ୍ରତି ମଧ୍ୟ ଆକର୍ଷିତ କରିବାକୁ ପଡିବ ।

ଦେଶର ଆର୍ଥିକ ଅଭିଜ୍ଞତାରୁ ଜଣାଯାଏ ସମୃଦ୍ଧିର ହାର ଏବଂ ଅଧିକ ନିଯୁକ୍ତିକ୍ଷେତ୍ର ମଧ୍ୟରେ ସର୍ବଦା ଅସଙ୍ଗତି ରହି ଆସୁଅଛି । ତେଣୁ ଏଭଳି ପରିସ୍ଥିତିରେ ଅଭିବୃଦ୍ଧିର ହାରକୁ ଠିକଣା ବାଟରେ ନେଇ ଦେଶରୁ ବେରୋଜଗାରୀ ସମସ୍ୟା ଦୂର ହେବା ସହ ନୂତନ ଶତାବ୍ଦୀର ପ୍ରାରମ୍ଭ ସୁଧା ଦେଶର ସମସ୍ତ ବ୍ୟକ୍ତିଙ୍କୁ ନିଯୁକ୍ତିଯୁକ୍ତ କରିବାକୁ ପଡିବ ।

ତେଣୁ, ଆୟୋଗ ଉପୋରକ୍ତ ପ୍ରସଙ୍ଗକୁ ଲକ୍ଷ୍ୟରେ ରଖି ନିମ୍ନଲିଖିତ ପଦକ୍ଷେପ ପାଇଁ ସୁପାରିଶ କରିଥିଲେ । ସେଗୁଡିକ ହେଲା ଯଥା -

କ) ଯେଉଁ ଉଦ୍ୟୋଗଗୁଡିକରେ ଅଧିକ ନିଯୁକ୍ତିର ସମ୍ଭାବନା ଅଛି, ସେଗୁଡିକ ପ୍ରୋତ୍ସାହନ ଯୋଗାଇବା ।

ଖ) ଅଧିକ ନିଯୁକ୍ତି ସହ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇ ଜାତୀୟ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଆବଶ୍ୟକତା ଯୋଗାଣ ମଧ୍ୟରେ ସନ୍ତୁଳନ ରଖିବା ।

ଗ) ପୁଞ୍ଜୀ ......... କୁ ନିରୁତ୍ସାହିତ କରି ଅଧିକ ନିଯୁକ୍ତିର ସମ୍ଭାବନା ଥିବା କ୍ଷେତ୍ରକୁ ଅଧିକ ବୈଷୟିକ ଜ୍ଞାନ ଦ୍ୱାରା ସମୃଦ୍ଧି କରିବା ସହ ଉତ୍ପାଦନ ପ୍ରକ୍ରିୟାକୁ ବୃଦ୍ଧି କରିବା ଆବଶ୍ୟକ ।

ଘ) ସରକାରୀ ଉଦ୍ୟୋଗଗୁଡିକରେ ଅଧିକ ନିଯୁକ୍ତିର ସୁବିଧା ରହିଅଛି । ସେଗୁଡିକର ଅଧିକ ପୁଞ୍ଜୀ ବିନିଯୋଗ ସହ ବେସରକାରୀ ପୁଞ୍ଜୀ ଲଗାଣକୁ ଗୁରୁତ୍ୱ ଦେବା ।

ନବମ ପଞ୍ଚବାର୍ଷିକ ଯୋଜନା (୧୯୯୭-୨୦୦୨) ର ଚିଠା ପ୍ରସ୍ତାବକୁ ଜାତୀୟ ଉନ୍ନୟନ ପରିଷଦ (NDC) ୧୯୯୯ ମସିହା ଫେବୃୟାରୀ ୧୯ ତାରିଖ ଦିନ ସ୍ୱୀକୃତି ପ୍ରଦାନ କରିଥିଲା । ଲକ୍ଷ୍ୟ ଥିଲା ଏହି ଯୋଜନାର ଅବଧି ମଧ୍ୟରେ ଦେଶରେ ୫୦ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରି ଉତ୍କଟ ବେକାରୀ ସମସ୍ୟାର ସମାଧାନ କରିବା ।

## ୩.୮ ଦଶମ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି

ଦଶମ ଯୋଜନା ଆୟୋଗର ମଧ୍ୟବର୍ତ୍ତୀ ବିଶ୍ଳେଷଣ ରିପୋର୍ଟରେ ନିଯୁକ୍ତି କ୍ଷେତ୍ରରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକଗୁଡିକୁ ଦୂର କରିବା ପାଇଁ ନିଯୁକ୍ତିର ଅଭିବୃଦ୍ଧି ଶ୍ରମଶକ୍ତିର ଅଭିବୃଦ୍ଧିଠାରୁ ଉଚ୍ଚରେ ରଖିବା ପାଇଁ ଗୁରୁତ୍ୱ ଦେଇଥିଲେ । ଆୟୋଗଙ୍କ ରିପୋର୍ଟରେ ବିଶେଷତ୍ୱଗୁଡିକ ନିମ୍ନରେ ବର୍ଣ୍ଣନା କରାଗଲା, ଯଥା -

୧) ଗ୍ରାମାଞ୍ଚଳରେ ବେରୋଜଗାରୀ ଦୂରୀକରଣ ଓ ସମ୍ବଳ ସୃଷ୍ଟି ଶ୍ରମଶକ୍ତିର ବିନିଯୋଗ ଏବଂ ଏହି କାର୍ଯ୍ୟକ୍ରମେରେ ବେସରକାରୀ ପୁଞ୍ଜୀ ଲଗାଣକୁ ପ୍ରୋତ୍ସାହନ ।

୨) ଆର୍ଥିକ କ୍ଷେତ୍ରରେ ସଂସ୍କାର ସହ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗରେ (SME) ଅଧିକ ପୁଞ୍ଜୀ ବିନିଯୋଗ ।

୩) ବିଶେଷ କରି ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ପାଇଁ ଅଧିକ ନିଯୁକ୍ତି କ୍ଷେତ୍ର ଥିବା ନିର୍ମାଣ କ୍ଷେତ୍ରକୁ ଗୁରୁତ୍ୱ ।

୪) ସେବାକ୍ଷେତ୍ରକୁ ଆବଶ୍ୟକୀୟ ପ୍ରୋତ୍ସାହନ ଏବଂ କୃଷି ସହ ଗ୍ରାମାଞ୍ଚଳରେ ସେବାକ୍ଷେତ୍ରକୁ ତ୍ୱରାନ୍ୱିତ ଓ ଗୁରୁତ୍ୱ ।

ତେଣୁ ଦଶମ ଆୟୋଗ ଦେଶରେ ନିଯୁକ୍ତି କ୍ଷେତ୍ରରେ ଅଧିକ ସମ୍ଭାବନା ସୃଷ୍ଟି ଓ ଗୁଣାତ୍ମକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ । ଗରିବ ଲୋକମାନଙ୍କ ପାଖରେ ନିଯୁକ୍ତିର ସୁଯୋଗକୁ ନିକଟତର କରି ସେମାନଙ୍କର ଦକ୍ଷତା ଓ ଆବଶ୍ୟକତାକୁ ବିଚାର ବିମର୍ଷ କରିବା ଉପରେ ମତ ରଖାଯାଇଥିଲା । ତେଣୁ ଆୟୋଗ ହୃଦୟଙ୍ଗମ କରିଥିଲେ ନିଯୁକ୍ତିକ୍ଷେତ୍ରରେ ରହିଥିବା ଶତକଡା ୯ ଭାଗ ପ୍ରତିବନ୍ଧଗୁଡିକୁ ଦୂର କରି (ଯଦ୍ୱାରା କି ୩୫ ନିୟୁତ ଲୋକ ଯୋଜନାରୁ ବଂଚିତ ହେଉଛନ୍ତି) ଯୋଜନାର ଅବଧିରେ ହିଁ ଦେଶର ଉକ୍ତ ସମସ୍ୟାର ରୋକ ଲଗାଇବାକୁ ପଡିବ ।

ସର୍ବୋପରି ଦଶମ ଯୋଜନାର ଅବଧିର ଯୋଜନା ଆୟୋଗ ଦେଶରେ ୫୦ ନିୟୁତ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ । ବାସ୍ତବରେ ୫ ବର୍ଷ ମଧ୍ୟରେ ୩୦ ନିୟୁତ ନିଯୁକ୍ତି କେବଳ ସାଧାରଣ ଅଭିବୃଦ୍ଧି ଧାରାରେ ସମ୍ଭବ ହୋଇଥିବା ବେଳେ ୩୦ ନିୟୁତ ନିଯୁକ୍ତି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ପୂରଣ ହୋଇଥିଲା । NSSO ର ୬୧ ତମ ରିପୋର୍ଟ ଆଧାରରେ ଜଣାଯାଏ ଯେ ୨୦୦୦ ମସିହାରୁ ୨୦୦୫ ମସିହା ପର୍ଯ୍ୟନ୍ତ ଦେଶର ୪୭ ନିୟୁତରୁ ଅଧିକ ବେରୋଜଗାରୀଙ୍କୁ ଏହି ଯୋଜନା ଭୋକର ଦାଉରୁ ସୁରକ୍ଷା ଦେଇଥିଲା ।

## ୩.୯ ଏକାଦଶ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତି

ସରକାରଙ୍କ ପାଇଁ ବେକାରୀ ସମସ୍ୟାର ସମାଦାନ ସାଙ୍ଗକୁ ଏହି ଧାରା ସହ ପ୍ରତିବର୍ଷ ସଂଶ୍ଳିଷ୍ଟ ହୋଇଥିବା ବେରୋଜଗାରୀଙ୍କୁ ଉପାର୍ଜନକ୍ଷମ କରିବା ଗୋଟିଏ କଷ୍ଟକର ବ୍ୟାପରଥିଲା । ବାର୍ଷିକ କୃଷିକ୍ଷେତ୍ରର ଅଭିବୃଦ୍ଧି ହାର GDP ର ଶତକଡା ୪ ଭାଗ, (ଦୁଇ ଗୁଣା) ହୋଇ ମଜୁରୀ ପ୍ରାପ୍ତ କୃଷି ଶ୍ରମିକମାନଙ୍କର ସମସ୍ୟା ଲାଘବ କରିବାରେ ସମର୍ଥ ହୋଇଥିଲା ।

ଏକାଦଶ ଯୋଜନା ଆୟୋଗର ଶ୍ୱେତପତ୍ରରେ ନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ଉତ୍ପାଦନମୁଖୀ ଉଦ୍ୟୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେଗୁଡିକ ହେଲା - ଖାଦ୍ୟ ପ୍ରକ୍ରିୟାକରଣ, ଚମଡା, ଯୋତା. ବୟନଶିଳ୍ପ ଏବଂ ଅଧିକ ସଶକ୍ତୀକରଣ ପାଇଁ ବୈଷୟିକ ତାଲିମ ଉପରେ ଗୁରୁତ୍ୱ ଦିଆଗଲା । ଅଣସଂଗଠିତ କ୍ଷେତ୍ର ବଦଳରେ ଯୋଜନାବଦ୍ଧସଂଗଠିତ କ୍ଷେତ୍ର ଉପରେ ଗୁରୁତ୍ୱ ଆରୋପ କରାଗଲା । ତ୍ରୁଟିପୂର୍ଣ୍ଣ ଆର୍ତିକ ସହାୟତାକୁ ନିରୁତ୍ସାହିତ କରାଗଲା । ଭିତ୍ତିଭୂମିର ବିକାଶ ପାଇଁ ମତ ପ୍ରକାଶ ପାଇଲା ?

ଗ୍ରାମାଞ୍ଚଳରେ ଲଘୁଶିଳ୍ପ ଉଦ୍ୟୋଗ (VSE) ହିଁ ଏକାଦଶ ପଞ୍ଚ ବାର୍ଷିକ ଯୋଜନାରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଶ୍ୱେତପତ୍ରରେ ଏହି ଉଦ୍ୟୋଗ ପ୍ରତିଷ୍ଠା କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ପ୍ରତିବନ୍ଧକଗୁଡିକ, ଯଥା - ମହିଳା ଉଦ୍ୟୋଗମାନେ ଠିକ୍ ସମୟରେ ବ୍ୟାଙ୍କ ଋଣ ପାଇବାର ଅସୁବିଧା, ବିଦ୍ୟୁତ ବିଭ୍ରାଟ, ସରକାରୀ ଅନୁମତି ଓ ପଞ୍ଜୀକୃତି ପାଇ ଅଯଥା ହଇରାଣ ଓ ବିଳମ୍ବ ଉପରେ ରୋକ ଲଗାଗଲା । ଅଧିକନ୍ତୁ ଏହି ଉଦ୍ୟୋଗର ଅଭିବୃଦ୍ଧି ଫଳରେ ସ୍ୱାସ୍ଥ୍ୟ ଏବଂ ସେବା କ୍ଷେତ୍ରରେ ପ୍ରତ୍ୟେକ୍ଷ ନିଯୁକ୍ତି ହାର ବୃଦ୍ଧି ପାଇଥିଲା । ଏହି ଉଦ୍ୟୋଗ ସହ ସରକାରଙ୍କର ବହୁ ଆକାଂକ୍ଷିତ ମନେରେଗା ଯୋଜନାର ସୁଫଳ ଦ୍ୱାରା ଦେଶର ବେରୋଜଗାରୀ ଚିତ୍ରପଟରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଲା ।

୨୦୦୭-୦୮ ମସିହାରେ ଭରତ ସରକାରଙ୍କର ଆର୍ଥିକ ସର୍ଭେ ରିପୋର୍ଟରେ ଉଲ୍ଲେଖଥିଲା । ଏକାଦଶ ଯୋଜନା ନିଯୁକ୍ତିର ଗୁଣାତ୍ମକ ମୂଲ୍ୟ ଉପରେ ଗୁରୁତ୍ୱ ଆରୋପ କରି ବ୍ୟବାପକ ନିଯୁକ୍ତି ମାଧ୍ୟମରେ ବେକାରୀ ସମସ୍ୟାର ସମାଧାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଅଛି । ସାମୟିକ ନିଯୁକ୍ତି ପ୍ରତିବଦଳରେ ନିୟମିତ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଗଲା । ସ୍ୱଳ୍ପ ମଜୁରୀ ପ୍ରାପ୍ତ କୃଷିକ୍ଷେତ୍ରରୁ ଯେପରି ଶ୍ରମିକମାନେ ଅନ୍ୟ କ୍ଷେତ୍ରକୁ ନ ଯାଆନ୍ତି ଧ୍ୟାନ ଦିଆଗଲା ଏବଂ କୃଷିକ୍ଷେତ୍ରର ବିକାଶ କରି ଶ୍ରମିକମାନଙ୍କୁ ଅଧିକ ମଜୁରୀ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଗଲା । ତେଣୁ ଏହି କ୍ଷେତ୍ରକୁ ଉକ୍ତ ବେକାରୀ ସମସ୍ୟାର ପ୍ରକୃତ ମାଧ୍ୟମ ଭାବରେ ଚ୍ମିଶନ୍ ଗୁରୁତ୍ୱ ଦେଇଥିଲେ । ଯୋଜନାର ଅବଧିରେ ଶିଳ୍ପକ୍ଷେତ୍ରରେ ଶତକଡା ୪, ନିର୍ମାଣ କ୍ଷେତ୍ରରେ ଶତକଡା ୮.୨ ଓ ପରିବହନ ଜ୍ୟୋଗାଯୋଗ କ୍ଷେତ୍ରରେ ଶତକଡା ୭.୬ ଅଭିବୃଦ୍ଧିର ଆକଳନ କରାଯାଇଥିଲା । ଏହି ଅବଧିରେ ଦେଶରେ ଶ୍ରମଦିବସ ୪୫ ନିୟୁତକୁ ବୃଦ୍ଧି ପାଇଥିଲା କିନ୍ତୁ ପ୍ରକୃତ ଲକ୍ଷ୍ୟଥିଲା ୫୮ ନିୟୁତ । ବେକାରୀ ହାର ଶତକଡା ୫ ରୁ ତଳକୁ ହ୍ରାସ ପାଇଥିଲା ।

ଏହି ଜ୍ୟେଜନାରେ ପାଖାପାଖି ୬୫ ନିୟୁତ ମହିଳା ହିତାଧିକାରୀ ଉପକୃତ ହୋଇଥିଲେ । ଦଶମ ଜ୍ୟେଜନା ଏବଂ ଏକାଦଶ ଯୋଜନାକୁ ମିଶାଇ ଆକଳନ କଲେ ବେକାରୀ ସମସ୍ୟାର ସମାଧାନ ପାଇଁ ପାଖାପାଖି ୧୦୦ ନିୟୁତ ଶ୍ରମଦିବସ ଆବଶ୍ୟକ ଥିଲା । ଯଦି ଏକାଦଶ ଆୟୋଗର କାର୍ଯ୍ୟକାଳ ମଧ୍ୟରେ ୫୮ ନିୟୁତ ଶ୍ରମଦିବସ ସୃଷ୍ଟି ହୁଏ, ତା'ହେଲେ ଆବଶ୍ୟକ ପଡୁଥିବା ଅବଶିଷ୍ଟ ୪୨ ନିୟୁତ ଶ୍ରମ ଦିବସ ପାଇଁ ଅଣ କୃଷିକ୍ଷେତ୍ର ଉପରେ ନିର୍ଭରଶୀଳ ହେବାକୁ ପଡିବ । ଯାହାକି ଏକ କଷ୍ଟକର ବ୍ୟାପାର ଥିଲା ।

ଦେଶର ନିଯୁକ୍ତିର ଦୃଶ୍ୟପଟକୁ ଯଦି ବିଗତ ଦଶନ୍ଧି ସମୟରୁ ତର୍ଜମା କରାଯାଏ, ହେଲେ ସଂଗଠିତ ଉଦ୍ୟୋଗଗୁଡିକର ସହଭାଗୀତା ନକାରାତ୍ମକ ଅଟେ । ତେଣୁ ଏକାଦଶ କମିଶନ ଏହି କ୍ଷେତ୍ରରେ ୧୫ ନିୟୁତ ଶ୍ରମଦିବସ ସୃଷ୍ଟି ପାଇଁ ଖୁବ୍ ଆଶାବାଦୀ ଥିଲେ, ଫଳରେ ଦେଶରେ ସମୁଦାୟ ୫୮ ନିୟୁତ ଶ୍ରମଦିବସ ସୃଷ୍ଟି ପାଇଁ ପ୍ରୟାସ କରିଥିଲେ, କିନ୍ତୁ ବାସ୍ତବ ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ ଥିଲା । ବିଶେଷଜ୍ଞମାନଙ୍କର ଅବାସ୍ତବ ପରିକଳ୍ପନା ଓ ଅତ୍ୟଧିକ ଆଶା ଦେଶର ଉକ୍ତ ସମସ୍ୟାର ସମାଧାନର ପ୍ରକୃତ ଚିତ୍ରଠାରୁ ଉର୍ଦ୍ଧ୍ୱରେ ଥିଲା ।

**କ ) ତର୍ଜ୍ଜମା :** ଭାରତ ସରକାରଙ୍କର ନିଯୁକ୍ତି ନୀତି ଏବଂ ଏହାର ସଫଳତା ଓ ବିଫଳତାକୁ ଅତି ଯତ୍ନ ସହକାରେ ତର୍ଜ୍ଜମା କରିବା ଆବଶ୍ୟକ। ୧୯୫୧ ମସିହାଠାରୁ ନିଃସନ୍ଦେହରେ କୁହାଯାଇପାରେ ସବୁ କ୍ଷେତ୍ରରେ ନିଯୁକ୍ତିର ହାର ବୃଦ୍ଧି ହୋଇଅଛି। ବିଶେଷକରି ବର୍ତ୍ତମାନ ସମୟରେ ଏହି ଧାରା ଅଧିକ ଅଟେ। ୧୯୮୩-୯୪ ମସିହା ଠାରୁ ୧୯୯୪-୨୦୦୦ ମସିହା ପର୍ଯ୍ୟନ୍ତ ବାର୍ଷିକ ହାରାହାରି ନିଯୁକ୍ତିର ବୃଦ୍ଧି ହାର ଶତକଡା ୨.୭ ରୁ ଶତକଡା ୧.୦ରେ ଉପନୀତ ହୋଇଥିଲା। ୧୯୯୮-୯୯ ଏବଂ ୧୯୯୯-୨୦୦୦ ଅର୍ଥିକ ବର୍ଷରେ ଉଭୟ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ ଉପଲବ୍ଧ ନିଯୁକ୍ତିହାର ନକାରାତ୍ମକ ଅଟେ। ଅଧିକନ୍ତୁ ନିଯୁକ୍ତିର ଏକ ସିଂହ ଭାଗ ଦେଶର ଗରିବ ଶ୍ରେଣୀ ପାଖରେ ପହଁଚିଥିବାରୁ ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଗରିବଙ୍କ ହାର ହ୍ରାସ ପାଇଅଛି। ବାସ୍ତବରେ ବେରୋଜଗାରୀଙ୍କ ସଂଖ୍ୟା ତୁଳନାରେ ରୋଜଗାର ମାର୍ଗ ପ୍ରଶସ୍ତନ ଥିଲା। ଫଳରେ ଏବେବି ଦେଶର ଜନସଂଖ୍ୟାର ଏକ ବୃହତ ଅଂଶ ଗରିବୀ ସୀମାରେଖା ତଳେ ଜୀବନ ଅତିବାହିତ କରୁଅଛନ୍ତି। ତେଣୁ ସରକାର ଗ୍ରହଣ କରିଥିବା ନିଯୁକ୍ତି ନୀତିର ସକାରାତ୍ମକ ଏବଂ ନକାରାତ୍ମକ ଦିଗକୁ ବିଶ୍ଳେଷଣ କରିବାର ଆବଶ୍ୟକ ପଡୁଅଛୀ।

**ଖ) ନିଯୁକ୍ତି ନୀତିର ସକାରାତ୍ମକ ଦିଗ :** ଯୋଜନା ଆୟୋଗର ଗଠନ ଦିନରୁ ଆମ ଦେଶ ଗ୍ରହଣ କରିଥିବା ନିଯୁକ୍ତି ନୀତି ଅନେକ କ୍ଷେତ୍ରରେ ସଫଳତା ହାସଲ କରିଅଛି। ନୀତିର ୪ ଗୋଟି ବିଶେଷତ୍ୱ ଦ୍ୱାରା ଦେଶରେ ନିଯୁକ୍ତିର ହାର ବ୍ୟାପକ ଭାବରେ ବୃଦ୍ଧି ପାଇଅଛି। ପ୍ରଥମତଃ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଠାରୁ ଆମର ନିଯୁକ୍ତି ନୀତି ସଂପୂର୍ଣ୍ଣ ଶ୍ରମ ଓ ଅଧିକ ଆୟ ଉପରେ ପର୍ଯ୍ୟବଶିତ ଅଟେ। ଆଧୁନିକ ଶିଳ୍ପ ପ୍ରତିଷ୍ଠା ସହ ଭିତ୍ତିଭୂମିର ବିକାଶ ଫଳରେ ଦେଶର ଅର୍ଥନୀତି ସୁଦୃଢ ହୋଇଅଛି, ଯାହାକି ବର୍ତ୍ତମାନ ଅଧିକ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିଅଛି।

ଦ୍ୱିତୀୟତଃ ଶ୍ରମଭିତ୍ତିକ କୁଟୀର ଓ ଲଘୁଶିଳ୍ପ ଉପରେ ଗୁରୁତ୍ୱ ଆରୋପ କରାଯାଇଅଛି। ତୃତୀୟତଃ ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ ଓ ଅବହେଳିତ ଲୋକମାନଙ୍କ ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ କାମଧନ୍ଦା ଯୋଗାଇ ଦିଆଯାଉଅଛି। ଚତୁର୍ଥତଃ ନିଯୁକ୍ତି ନୀତି ଆତ୍ମ-ନିଯୁକ୍ତି ଉପରେ ଅଧିକ ଗୁରୁତ୍ୱ ଦେଉଅଛି। ମଜୁରୀ ନିଯୁକ୍ତିକୁ ନିରୁତ୍ସାହିତ କରୁଅଛି।

**ଗ) ନିଯୁକ୍ତି ଯୋଜନାର ନକାରାତ୍ମକ ଦିଗ :** ଅଧିକନ୍ତୁ ଭାରତ ସରକାରଙ୍କର ନିଯୁକ୍ତି ନୀତି ତୃଟିଶୂନ୍ୟ ନୁହେଁ। ଯୋଜନାରେ କାର୍ଯ୍ୟକାରୀତା ଦିଗରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକ ଓ ସ୍ୱଳ୍ପ ନିଯୁକ୍ତିର ସମ୍ଭାବନା ଏହାର ନକାରାତ୍ମକ ଦିଗ ପ୍ରତି ଆଙ୍ଗୁଳି ନର୍ଦ୍ଦେଶ କରୁଅଛି, କାରଣ ଏହାଦ୍ୱରା ଦେଶର ଅର୍ଥନୀତି ମନ୍ଥର ଗତିରେ ଅଗ୍ରଗତି ହେଉଅଛି। ଫଳରେ ୧୯୬୦ ମସିହ୍ୱାଧ୍ୟାଭାଗର ଶିଳ୍ପ କ୍ଷେତ୍ର ରୁଗ୍ଣ ହେବା ସହ ଏହା ଉତ୍ପାଦନା ଶକ୍ତି କ୍ରମାଗତ ଭାବରେ ହ୍ରାସ ପାଉଅଛି।

ଅଧିକନ୍ତୁ ସ୍ୱତନ୍ତ୍ର କର୍ମନିଯୁକ୍ତି ଯୋଜନାର ମନ୍ଥର ଗତି ଓ କାର୍ଯ୍ୟକାରିତା ସରକାରଙ୍କର ବିଫଳତାକୁ ପଦାରେ ପକାଉଅଛି। କେବଳ ନବମ ଏବଂ ଦଶମ ପଞ୍ଚବାର୍ଷିକ ଯୋଜନା ବ୍ୟତୀତ ଅନ୍ୟ ସମସ୍ତ ଯୋଜନାରେ ସଂପୂର୍ଣ୍ଣ ନିଯୁକ୍ତି ଉପରେ ସଠିକ୍ ଧ୍ୟାନ ଦିଆଯାଇନାହିଁ। ପୁଞ୍ଜି ନିବେଶ ଉପରେ ଗୁରୁତ୍ୱ, ଶ୍ରମଭିତ୍ତିକ କାର୍ଯ୍ୟକ୍ରମ

ଉପରେ ଅବହେଳା, ଶ୍ରମଶକ୍ତିର ବିନିଯୋଗ ପାଇଁ ଇଚ୍ଛାଶକ୍ତିର ଅଭାବ, ମାନବ ସମ୍ବଳର ସୁପରିଚାଳନା ପାଇଁ ଉଦାସୀନତା ଏବଂ ଜନସାଧାରଣଙ୍କ ଦକ୍ଷତା ବିକାଶ ପାଇଁ ଉପଯୁକ୍ତ ତାଲିମର ଅଭାବ, ଦେଶର ନିଯୁକ୍ତି ଯୋଜନାର ବିଫଳତା ପାଇଁ ଦାୟୀ ଅଟେ।

## ୩.୧୦ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ନିଯୁକ୍ତି ନୀତି

ଦେଶରେ ବେକାରୀ ସମସ୍ୟାର ଆଶୁ ସମାଧାନ ପାଇଁ ନରେନ୍ଦ୍ର ମୋଦୀ ସରକାର ଶେଷ ଦୁବର୍ଷ ଧରି ଅନେକ, ଆକାଂକ୍ଷିତ ଯୋଜନା ଯଥା 'ଦକ୍ଷଭାରତ', 'ମୁଦ୍ରାବ୍ୟାଙ୍କ', 'ଉଦ୍ଭଭାରତ' (stant-up), ଓ ଶକ୍ତଭାରତ ଯୋଜନାର ଶୁଭାରମ୍ଭ କରିଅଛନ୍ତି। ପ୍ରମୋଦ ମହାଜନ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମିଶନ କେନ୍ଦ୍ର ସରକାରଙ୍କର "କୁଶଳ ଭାରତ" ଯୋଜନା ପରି ଏକ ପ୍ରାଦେଶିକ ଯୋଜନା ଅଟେ।

ଆମ ଦେଶର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ, କିନ୍ତୁ କୃଷି କ୍ଷେତ୍ର ଲୋକଙ୍କର ଆବଶ୍ୟକତାକୁ ପୂରଣ କରିବାକୁ ଅସମର୍ଥ। ତେଣୁ କୃଷକମାନେ ଚାଷକାର୍ଯ୍ୟକୁ ଅଣଦେଖା କରୁଅଛନ୍ତି। ମୋଦୀ ସରକାର ଗ୍ରହଣ କରିଥିବା ସମସ୍ତ ଉଚ୍ଚ ଆକାଂକ୍ଷା ସଂପନ୍ନ ଯୋଜନାଗୁଡିକ ମିଳିତ ଭାବରେ "ଭାରତ ନିର୍ମିତ" MAKE IN INDIA ପଦକ୍ଷେପ ପାଇଁ ଉଦ୍ଦିଷ୍ଟ ଫଳରେ ଭାରତର ପ୍ରସ୍ତୁତ ଜିନିଷ ଭାରତୀୟମାନେ ବ୍ୟବହାର କରିବେ ଏବଂ ଦେଶ ଆତ୍ମନିର୍ଭରଶୀଳ ହେବା ସହ ଉକ୍ତ ବେକାରୀ ସମସ୍ୟାର ଅନ୍ତ ଘଟିବ।

ବର୍ତ୍ତମାନ ଜାତୀୟ ଗଣତାନ୍ତ୍ରିକ କଟିବନ୍ଧନ ସରକାର NDA ଶାସନ ଭାର ଗ୍ରହଣ କରିବା ପୂର୍ବରୁ ଦେଶ ଏକ ଅନିଶ୍ଚିତ ବାତାବରଣ ମଧ୍ୟରେ ଗତି କରୁଥିଲା। କିନ୍ତୁ ମୋଦୀ ସରକାର ନିରଙ୍କୁଶ ଜନମତ ଲାଭ କରି ସରକାର ଗଠନ କଲାପରେ ଦେଶର ପୁନଃନିର୍ମାଣ ଯୁଗର ଶୁଭାରମ୍ଭ ହୋଇଅଛି। ଗୋଟିଏ ରଷ୍ଟ୍ରର ଭବିଷ୍ୟତକୁ ସ୍ୱର୍ଣ୍ଣିମ କରିବାକୁ ହେଲେ ଏକ ସଂକଳ୍ପିତ ରାଜନୈତିକ ଇଚ୍ଛାଶକ୍ତି ହିଁ ସବୁ ସମସ୍ୟାକୁ ସହଜରେ ସମାଧାନ କରିବାକୁ ସକ୍ଷମ ହେବ।

ବାସ୍ତବରେ ଏକବିଂଶ ଶତାବ୍ଦୀର ଭାରତ ଆଜି ବଚୀନ ପରେ ବିଶ୍ୱର ଏକ ପ୍ରମୁଖ ଆର୍ଥିକଶକ୍ତି ସମ୍ପନ୍ନ ରଷ୍ଟ୍ର। ଏହା କେବଳ ମୋଦୀଙ୍କ ପାଁ ସଫଳ ହୋଇଛି। କାରଣ ତାଙ୍କ ଦେଶପ୍ରତି ଉତ୍ସର୍ଗୀକୃତ ମାନସିକତା ହିଁ ଏଥିପାଇଁ ଦାୟୀ। ଉଦାହରଣ ସ୍ୱରୂପ ୨୦୧୫ ମସିହାରେ ଦେଶରେ ବିଦ୍ୟୁତ୍ ମୋଟରଯାନ, ୟୁରିୟା ସାର ଓ କମ୍ପ୍ୟୁଟରର ଉତ୍ପାଦନ ଓ ରପ୍ତାନୀ ସଫଳତାର ଶୀର୍ଷରେ ପହଁଚିଥିଲା।

## ୩.୧୧ ସାରାଂଶ

ଏହି ଏକକରେ ଆମେ ଭାରତରେ ବେକାରୀ ସମସ୍ୟାର ପ୍ରଭାବ ଏବଂ ବିଭିନ୍ନ ପଞ୍ଚବାର୍ଷିକ ଯୋଜନା, ବିଶେଷ କରି ତୃତୀୟ ଯୋଜନାଠାରୁ ଦ୍ୱାଦଶ ଯୋଜନା ଯାଏ ସରକାର ଗ୍ରହଣ କରି ଏହାର ନିରାକରଣ କାର୍ଯ୍ୟକ୍ରମଗୁଡିକୁ ଆମେ ଅଧ୍ୟୟନ କଲେ। ସରକାରଙ୍କ ଦ୍ୱାରା ପ୍ରାୟୋଜିତ ବେକାରୀ ମୋଚନ କାର୍ଯ୍ୟକ୍ରମଗୁଡିକର ତର୍ଜ୍ଜମା ଏବଂ ସେଗୁଡିକର ସଫଳତା ଏବଂ ବିଫଳତା ସଂପଖରେ ମଧ୍ୟ ଅବଗତ ହେଲେ।

## ୩.୧୨ ପ୍ରମୁଖ ଶବ୍ଦାବଳୀ

ସବୁ ଶବ୍ଦଗୁଡିକ ଏକକ ଶେଷରେ ଥିବା ଶବ୍ଦ ପରି ସମାନ ଅଟେ।

- Labour (ଶ୍ରମିକ) - ଦ୍ରବ୍ୟ ଏବଂ ସେବା ସୃଷ୍ଟି ପାଇଁ ମଣିଷର ସମସ୍ତ ଶାରୀରିକ ଏବଂ ମାନସିକ ପ୍ରଚେଷ୍ଟାକୁ ଶ୍ରମ କୁହାଯାଏ।
- ମଜୁରୀ - ପରିଶ୍ରମ ଅଥବା ସେବା ପାଇଁ ପ୍ରଦାନ କରାଯାଇଥିବା ପାରିଶ୍ରମିକ (ଘଣ୍ଟା, ଦୈନିକ ଓ ନିର୍ଦ୍ଦିଷ୍ଟ କାମ ପାଇଁ ଆକାରରେ)
- Migration (ପ୍ରବାସନ) - ଉନ୍ନତ ଜୀବନଜୀବିକା ପାଇଁ ଲୋକମାନଙ୍କର ଗୋଟିଏ ନୂଆ ଅଞ୍ଚଳ ଅଥବା ଦେଶକୁ ଯିବାର ଅଭ୍ୟାସ।
- Organised Sector - ସଂଗଠିତ ଉଦ୍ୟୋଗ - ଯେଉଁ ଉଦ୍ୟୋଗ ବୈଧାନିକ ତତ୍ତ୍ୱ ଅଥବା ସରକାରଙ୍କର ସହ ସହବନ୍ଧିତ ଏବଂ ଆଇନ କାନୁନ ବ୍ୟବସ୍ଥା ସହ ଆବଦ୍ଧ
- Un - Organised Section ଅଣସଂଗଠିତ ଉଦ୍ୟୋଗ - ଏହି ଉଦ୍ୟୋଗଗୁଡିକର ସରକାର ଓ ସରକାରୀପ୍ରଦତ୍ତ ଆଇନ କାନୁନ ସହ ବନ୍ଧିତ ନ ଥାଏ।
- Globalisation ଜଗତୀକରଣ - ବିଶ୍ୱାୟନ ବ୍ୟବସ୍ଥା, ସାରା ବିଶ୍ୱ ଗୋଟିଏ ବଜାର ବା ଗୋଟିଏ ପରିବାର। ବେପାର ବଣିଜ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲୁଥିବା ପାଇଁ ଆନ୍ତର୍ଜାତିକ ସ୍ତରରେ କୌଣସି ପ୍ରତିବନ୍ଧକ ନ ଥାଏ।
- Industrialization ଶିଳ୍ପାୟନ - କୃଷିକ୍ଷେତ୍ରରୁ ଶିଳ୍ପକ୍ଷେତ୍ରକୁ ଅର୍ଥନୀତିର ପ୍ରବେଶ ବା ଉତ୍ପାଦନ ପାଇଁ ବୈଷୟୀକ ଜ୍ଞାନର ପ୍ରୟୋଗ ବା ଶିଳ୍ପ କ୍ଷେତ୍ରର ପ୍ରସ୍ତୁତ ସାମଗ୍ରୀ। ଯନ୍ତ୍ର ଦ୍ୱାରା ମଣିଷର ଶ୍ରମଶକ୍ତିକୁ ନିରୁତ୍ସାହିତ କରି ଶିଳ୍ପରୁ ଅଧିକ ଉତ୍ପାଦନ। ଯନ୍ତ୍ରର ଯନ୍ତାରେ କୁଶଳୀ ଶ୍ରମିକର କବର।

## ୩.୧୩ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ତୃତୀୟ ପଞ୍ଚବାର୍ଷିକ ଯୋଜନାର ବୈଶିଷ୍ଟ୍ୟ ଉଲ୍ଲେଖ କର।

୨) ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାର ନିଯୁକ୍ତି ନୀତିଗୁଡ଼ିକ ଆଲୋଚନା କର।

## ୩.୧୪ ସହାୟକ ଗ୍ରନ୍ଥସୂଚୀ


- http://www.importantindia.com/2405/unemployment-is-a-major-problem-in-india/
- http://www.yourarticlelibrary.com/essay/unemployment-essay/essay-on-unemployment in-india/43900/


❑❑❑